
ନିଷ୍ପତ୍ତି
ସୀତାଦେବୀ ଖାଡ଼ଙ୍ଗା

1924
1924

# ନଷ୍ଟଶି

( ସାମାଜିକ ନାଟକ )

—ଲେଖିକା—

ସୀତାଦେବୀ ଖଡ଼ଙ୍ଗା

ପ୍ରକାଶକ :
ଜଗନ୍ନାଥ ରଥ
ବିନୋଦବିହାରୀ, କଟକ—୨

ପ୍ରଥମ ପ୍ରକାଶ-୧୯୭୧

ମୂଲ୍ୟ—ତିନିଟଙ୍କା ମାତ୍ର

ମୁଦ୍ରାକର—ଶ୍ରୀ ମନ୍ମଥପ୍ରସାଦ ଦାସ
ସ୍ନେହ ପ୍ରିଣ୍ଟିଂପ୍ରେସ
ଝାଞ୍ଜିରିମଙ୍ଗଳା, କଟକ-୯

1924
21/11/71

## ନାଟକୀୟ ବ୍ୟକ୍ତିଗଣ

ବ୍ରଜବନ୍ଧୁ ମହାପାତ୍ର ... ... ଗ୍ରାମର ଜଣେ ସମ୍ଭ୍ରାନ୍ତ ଅଧିବାସୀ

ସଦେଇ ... ... ... ବ୍ରଜଙ୍କ ଅନୁଚର ବା ଭୃତ୍ୟ

ସୁଦର୍ଶନ ... ... ... ବ୍ରଜଙ୍କ ଭଣିଜାର ପୁଅ

ଦାମ ରଥ ... ... ... ବ୍ରଜଙ୍କ ପଡ଼ୋଶି

ଲୋକନାଥ ... ... ଜଣେ କୃଷକ

ଗୋପାଳ ... ... ଦାମଙ୍କ ପୁଅ (ବାଳକ)

ଯଦୁ ... .. ଜଣେ ଗ୍ରାମବାସୀ

ରଘୁ .. ... ଜଣେ ଗ୍ରାମବାସୀ

ରେଲ୍‌ଓ୍ୱେ ଷ୍ଟେସନ କର୍ମଚାରୀ, ପୂଜାରୀ, ଶୟନରତ ଶିଶୁ ।

ପୁରୋହିତ ... ... ବ୍ରଜଙ୍କ ପୁରୋହିତ

## ସ୍ତ୍ରୀଗଣ

ସୁମନା ... ଦାମଙ୍କ କନ୍ୟା

ସୁମନାବୋଉ ... ,, ସ୍ତ୍ରୀ

ନନ୍ଦବୋଉ ... ଗ୍ରାମର ମହିଳା

ସେବତୀବୋଉ ... ,,

କାଞ୍ଚନ ବୋଉ ... ,,

1924

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

ସ୍ଥାନ—ବ୍ରଜ ମହାପାତ୍ରଙ୍କ ବାସଗୃହ । ସମୟ—ସକାଳ । ଅଗଣା ବାରଣ୍ଡାରେ ଦୁଇ ତିନୋଟି ଚଉକି; ଗୋଟିଏ ଟେବୁଲ ।

ବ୍ରଜ—(ପ୍ରବେଶ) (ବୟସ ପଞ୍ଚଶରୁ ଅଧିକ । ବର୍ଣ୍ଣ ଶ୍ୟାମଶୁଭ୍ର । ଦୀର୍ଘ ସୁଗଠିତ ଦେହ । ମୁଖରେଖା ଆକର୍ଷଣୀୟ । ମଥାର କଞ୍ଚା-ପାଚିଲା କେଶ କୁଣ୍ଡେଇଛନ୍ତି ପଛପାଖିଆ କରି । ପରିଧାନ ଧୋତି ଆଉ ମଠାଚଦର) ।

ସଦେଇ—(ରୋଷେଇଘର ଆଡ଼ୁ ଆସି ବସିଲା) ।

ବ୍ରଜ—(ଟେବୁଲ ଉପରେ ବହିରଖି ପଢ଼ିଲେ)

ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ॥
କ୍ରୋଧାତ୍ ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।

(ଗୀତା ୨ୟ ଅ:, ୬୨—୬୩ ଶ୍ଳୋକ)

ସଦେଇ—ଆଜ୍ଞା, ବିଷୟଚିନ୍ତା ନ କଲେ ଶରୀରରକ୍ଷା କିମିତି ହେବ ? ବିଷୟଚିନ୍ତା ନ କଲେ ତ ଟଙ୍କାପଇସା ଜମାହେବ ନାହିଁ ! ଘର କରିବ, ପିଲା ପରିବାର ଧରି ସଂସାର ଚଳେଇବ କିମିତି ! ଆପଣ ଅଜ୍ଞା ନିତି ଏଇ କଥା ପଢ଼ୁଚନ୍ତି ।

ବ୍ରଜ—ତୁ ନିତି ସେଇ କଥା ଶୁଣୁଚୁ, ତା'ହେଲେ ମଧ୍ୟ ସଂସାରର ଲୋଭ ମୋହ ଯାଉ ନାହିଁ । ମନରେ ଲୋଭ ନ ରଖି ସବୁ କରିବ ।

ସଦେଇ—ହଁ ଅଜ୍ଞା, ସେଇ କଥା । ମୁଁ ଏ କଥା ଚିନ୍ତାକରି ଦନ୍ତଟା ମୋହିଁ ଦେଇ ଯାଉଚି । ଅପଣ ପଢ଼ୁଥାନ୍ତୁ, ଆସିଲେ ବାକି କଥା ପଚାରିବି । ଲୋଭ ନ ରଖି କିମିତି କଅଣ କରିବ, ଚିନ୍ତା କରୁଚି ।

ବ୍ରଜ—(ହସି) ଅଚ୍ଛା ଯା, ପରେ ଏ ବିଷୟରେ ବୁଝେଇବୁ ।

ସଦେଇ—ଆଜି କେତେବେଳେ ପଚାରିବ । ଦନ୍ତ ମୋହିଁବ । ଗୁହାଳ ସଫା କରି ଗାଈଙ୍କ କୁଣ୍ଡାପାଣି ଦେବ । ସେଇଠୁ ଘର ଝାଡ଼ିବ, ଧୋଇବ, ପୋଛିବ । ତା ପରେ ଗାଡୋଇ ଆସି ଘେଷେଇ କରିବ । ସେଇଠୁ ତ ଖାଇବା ଚିନ୍ତା ! ଆଜି ପଚାରିବାକୁ ସମୟ କାହିଁ ? (ପ୍ରସ୍ଥାନ)

ବ୍ରଜ—( ହସି ଦେଇ, ପଦଚାରଣ କରି ) ସଦେଇ ଠିକ୍ କଥା କହୁଚି । ଦେହରକ୍ଷା କରିବା ନିମନ୍ତେ ତ ଅନବରତ ଚିନ୍ତା କରିବାକୁ ପଡୁଚି । ତଦ୍ଦ୍ୱାରା ନାନାପ୍ରକାର ସଙ୍ଗଦୋଷ ଘଟୁଚି । ତାହା କଅଣ ବିଷୟଚିନ୍ତା ନୁହେଁ ? ଏ କଥା ତ ମୁଁ ନିଜେ ବୁଝିପାରୁ ନାହିଁ ; ସଦେଇକୁ କିମିତି କରି ବୁଝେଇବ ?

ସୁମନା—(ପ୍ରବେଶ କରି ଫୁଲଥାଳ ରଖିଦେଲା ଟେବୁଲ ଉପରେ, ପଦସ୍ପର୍ଶ କରି) ଆଜି ତ ଆଉ ଅଣ୍ଟୁ ଫୁଲ ନ ଥିଲା, ଏଇ ଗଙ୍ଗଶିଉଳିଫୁଲ କେତୋଟି ଦେଇ ମାଳଟା ଗୁନ୍ଥିଦେଇଛି । ନିଅନ୍ତୁ ।

ବ୍ରଜ—(ଫୁଲମାଳ ଉଠାଇ ଦେଖି) ଫୁଲର ସୌରଭରେ ଘର ଭରି ହୋଇଗଲା ସୁମନା ! ଆଜି ପୂଜା କରିଦେଇ ସାରିଲିଣି । ଫୁଲମାଳଟା ନେଇ ଶ୍ୟାମସୁନ୍ଦରଙ୍କ ଗଳାରେ ପିନ୍ଧେଇ ଦେ । ସେ ତୋତେ ବର ଦେବେ ।

ସୁମନା—ଆଜି ଡେରି ହୋଇଗଲା । କଅଣ କରିବି—ବୋଉର ଦେହଟା ଭଲ ନାହିଁ । ପିଲାଏ ସବୁ କଥାକୁ ଅଳି କରୁଛନ୍ତି । ପୂଜା ଆଗରୁ ଫୁଲମାଳଟା ଆଣିଦେଇ ପାରିଲି ନାହିଁ ।

ବ୍ରଜ—ଡେରି ହୋଇଗଲେ କଅଣ ହୋଇଗଲା ? ତୁ ତୋର କର୍ତ୍ତବ୍ୟ ପାଳନରେ ଲାଗିଥିଲୁ । ଶ୍ୟାମସୁନ୍ଦର ଯେ ସମସ୍ତଙ୍କୁ କର୍ତ୍ତବ୍ୟନିଷ୍ଠ ହେବାକୁ କାନେ କାନେ କହୁଥାଉଛନ୍ତି । ତୋର କର୍ତ୍ତବ୍ୟନିଷ୍ଠା ଦେଖି ସେ ଆନନ୍ଦରେ ତୋର ଫୁଲମାଳ ନେଇ ପିନ୍ଧିବେ ।

ସୁମନା—(ଫୁଲ ନେଇ) ଆପଣ କହୁଛନ୍ତି ବୋଲି ଯାଇ ଫୁଲ ଦେଇ ଆସିବି । ଆପଣଙ୍କ ଆଦେଶ ମୋ ପାଖରେ ଠାକୁରଙ୍କ ଆଦେଶ । (ପ୍ରସ୍ଥାନ)

ବ୍ରଜ—ମୋର ସ୍ତ୍ରୀ ଏ ପିଲାଟିକୁ ବଡ଼ ଆଦର କରି ପାଖରେ ରଖିଥାନ୍ତି । ତାଙ୍କର ତ କୌଣସି ସନ୍ତାନ ନ ଥିଲା; ଗାଁର ବନ୍ଧୁ-କୁଟୁମ୍ବରୁ ଯେଉଁଠି ଯାହାର ଝିଅଟିଏ ଦେଖିଦେଲେ, ମୋର ଇମିତି ଗୋଟିଏ ହୋଇଥାନ୍ତା କି ବୋଲି ଭାବୁଥାନ୍ତି ।

ସୁମନା—(ଘରଆଡ଼ୁ ଆସି) ଯାଉଚି ମଉସାବାପା ! ଭାତ ବଢେଇ ଦେଇ ଆସିଚି । ଗୋପାଳ ସ୍କୁଲକୁ ଯିବ । ଡାଲି ତରକାରି ହେବ ।

ବ୍ରଜ—ଅଚ୍ଛା ! ଆ ଆଉ ଥରେ ! ମୁଁ ଦେଇଥିବା ବହିଟା ମୁଖସ୍ଥ କରିଛୁ ତ ? ବହି କଥା ପଚାରିବାକୁ ଭୁଲି ଯାଇଥିଲି ।

ସୁମନା—କୃପାସିନ୍ଧୁ ଜଣାଣର 'ମ' ଠୁ 'ଷ' ପର୍ଯ୍ୟନ୍ତ ବାକିଥିଲା, ଘୋଷି ଦେଇଚି, କାଲିକି ଆସି ଶୁଣେଇ ଦେଇଯିବି ।(ପ୍ରସ୍ଥାନ)

ବ୍ରଜ—ମୁଁ ଟିକିଏ ସଂସ୍କାରପ୍ରୟାସୀ ହୋଇ ସୁମନାର ବିବାହଟାକୁ ଗଡ଼େଇ ଦେଇଚି । ଶାରଦା ଆଇନ୍ ଅନୁଯାୟୀ ଦଣ୍ଡ ମିଳିଯାଇପାରେ ବୋଲି ଭୟ ଦେଖାଇବାରୁ ସୁମନାର ମା ମୋ କଥାକୁ ମାନିଯାଇଚି ବର୍ତ୍ତମାନ ତ ଆଉ ଦିନ ଗଡ଼େଇ ହେବ ନାହିଁ ।

ସଦେଇ—(ଆସି) ଆଜ୍ଞା, ଦାଣ୍ଡଦୁଆରେ କିଏ ଜଣେ ଡାକୁଚି ବୋଧହୁଏ । ହଁ, ଏଇ ତ ଘରେ ଅଛନ୍ତି, ଆଜ୍ଞା ବୋଲି କହୁଚି । (ଦାଣ୍ଡ ଆଡ଼କୁ ଗଲା)

ବ୍ରଜ—ଏଇଟା ଗୋଟାଏ ସୁଗୁଣ କି ନୁହେ ଜାଣିନାହିଁ । ମୋର ସ୍ୱଭାବ । ମୁଁ ଦିନର ଅଧିକାଂଶ ସମୟ ସ୍ୱଗତ ଉକ୍ତି କରେ । ରାତିରେ ମୋର ମୃତପତ୍ନୀଙ୍କ କଥା ଚିନ୍ତା କରୁ କରୁ କେତେ କବିତା ଗଢ଼ି ହୋଇଯାଉଚି । କିନ୍ତୁ ସକାଳ ହେଲାବେଳକୁ ସବୁ କେଉଁଆଡ଼େ ଉଡ଼ିଯାଉଚି । ଆଉଥରେ ସବୁଗୁଡ଼ିକ ତିଆରି କରିବାକୁ ପଡ଼ୁଚି । (ଦାଣ୍ଡଘର ଆଡ଼କୁ ଅନାଇ) ସଦେଇ ସେଆଡ଼େ କାହା ସାଙ୍ଗରେ କଥା ହେଉଚି । ନୂଆ ଲୋକ ଜଣେ ଆସିଚି ବୋଧହୁଏ ।

ସଦେଇ—(ପ୍ରବେଶ କରି) ହେଇଟି ଅଜ୍ଞା, ଇଏ ଆସିଚନ୍ତି । କଅଣ କହିବେ ଶୁଣନ୍ତୁ । ସେଆଡ଼େ ଦୁଧ ବସେଇ ଦେଇଆସିଚି । ଉତୁରି ଯିବ ବୋଧହୁଏ । (ରୋଷେଇଘରକୁ ଗଲା) ।

ବ୍ରଜ—କୁଆଡ଼େ ଆସିଲ । ତୁମକୁ ତ ମୁଁ ଚିହ୍ନି ପାରୁ ନି । ଘର କେଉଁଠି ? (ଚଉକି ଦେଖାଇ) ବସ ।

ଆଗନ୍ତୁକ—ଆମର ଲକ୍ଷ୍ମୀପୁରରେ ଘର । ମୋ ନା ସୁଦର୍ଶନ । ମୁଁ ଆପଣଙ୍କ ଭଣିଜା ଅନସୂୟାର ପୁଅ । ଆପଣ ବୋଧହୁଏ ବୋଉଙ୍କ କଥା ଭୁଲି ଯାଇଚନ୍ତି ।

ବ୍ରଜ—(ସ୍ମରଣ କରି) ଓଃ ! ଅନସୂୟାର ପୁଅ ! ଅନସୂୟା ଭଲ ଅଛି ତ ? ତାର ସ୍ୱାମୀ ଗୁମାସ୍ତା କାମ କରୁଥିଲେ ବୋଲି ଶୁଣିଥିଲି ।

ସୁଦର୍ଶନ—ନନା ପ୍ରତାପପୁରରେ ଗୁମାସ୍ତା କାମ କରୁଥିଲେ । ଘରକୁ ଆସିବା ସମୟରେ ବସ୍ ଦୁର୍ଘଟଣାରେ ଦେହତ୍ୟାଗ କଲେ । ସେହି ଦୁଃଖ, ଶୋକରେ ବୋଉ ଆଉ ଶେଯରୁ ଉଠିଲା ନି । ଶେଷ ସମୟକୁ ଜ୍ୱର ହୋଇଗଲା । ବୈଦ୍ୟ, ଡାକ୍ତର ଡାକି ଦେଖେଇଲି (ଆବେଗରେ) । ମୋତେ ଏକଲା କରି ଦେଇ ବୋଉ ମଧ୍ୟ ଚାଲିଗଲା—ମୁଁ ନିତାନ୍ତ ନିଃସହାୟ ହୋଇଗଲି ।

ବ୍ରଜ—କଅଣ କହୁଚୁ ! ଅନୁ ମଧ ମରିଗଲା !

ସୁଦର୍ଶନ—ଶେଷ ସମୟରେ ମତେ କହିଦେଇ ଯାଇଥିଲା—ଆପଣଙ୍କ ପାଖକୁ ଆସିବା ପାଇଁ । କମିତି କରି ଆଶ୍ରୟ ମାଗିବି ବୋଲି, ସଙ୍କୋଚରେ ଆପଣଙ୍କ ପାଖକୁ ଆସି ନ ଥିଲି ।

ବ୍ରଜ—ବୋଉ ମରବା ପରେ ଆଉ କଅଣ କରୁଥିଲୁ ?

ସୁଦର୍ଶନ—ବୋଉ ମରିଯିବା ବର୍ଷେ ଦେଢ଼ବର୍ଷ ହୋଇଯିବ । ମୁଁ ଚାକିରି କରିବ ବୋଲି ଅନେକ ପ୍ରକାର ଚେଷ୍ଟାକଲି । ଚମଚଣି କାମ ଛଡ଼ା ଅନ୍ୟ କିଛି ପାଇଲି ନାହିଁ । ଅପେକ୍ଷା କରିଥିଲେ ଶିକ୍ଷକ କାମ ଗୋଟାଏ ପାଇଥାନ୍ତି । ବୋଉର କଥା ସ୍ମରଣ କରି ଆପଣଙ୍କୁ ଦେଖିବା ଇଚ୍ଛାରେ ଚାଲିଆସିଲି ।

ବ୍ରଜ—ଆସିଲୁ ଭଲ କଲୁ । ମୁଁ ମଧ୍ୟ ତୋଭଳି ପର ଜଣକୁ ଖୋଜ ହେଉଥିଲି । ତୁ ମତେ ଖୋଜି ଖୋଜି ଆସିଲୁ । ତୋ ନାଁଟି ବ ବଡ଼ ସୁନ୍ଦର । ରୂପଟି ଯିମିତି ସୁନ୍ଦର, ତାକୁ ଦେଖି ନାମ ବଛା ହୋଇଚି । ହଁ, ଆଉ କଅଣ ଗୋଟାଏ ପଚାରୁଥିଲି । ପଢ଼ାଶୁଣା କଅଣ କେତେଦୂର କରିଚୁ ?

ସୁଦର୍ଶନ—ଆମ ଗାଁରୁ ପାଞ୍ଚ ଛଅ ମାଇଲ ଦୂରରେ ଶିବପୁର ଟାଉନ୍‌ରେ ହାଇସ୍କୁଲ ଥିଲା । ଗାଁ ଚାଟଶାଳୀର ପଢ଼ା ଶେଷ ହେବା ପରେ ମଧ୍ୟ ସେଠିକି ଯାଇପାରିଲି ନାହିଁ । ପନ୍ଦର ବର୍ଷ ବୟସରେ ଆଉ ଥରେ ପଢ଼ା ଆରମ୍ଭ କଲି, ମେଟ୍ରିକଟା ପାସ କରିଚି ।

ବ୍ରଜ—ଘର ଚଳେଇବାକୁ ଯଥେଷ୍ଟ ପାଠ ହୋଇଯାଇଚି । ମୁଁ ତ ଏତିକ ମଧ୍ୟ କରିପାରି ନ ଥି । ଆମର ଏଇ ଗାଁ ପାଖର ଟୋଲ୍‌ରେ ମଧ୍ୟମା ପର୍ଯ୍ୟନ୍ତ ପଢ଼ିଥିଲି । ତା ପରେ ନିଜର ସାଧ-ସାଧନାରେ ଅଳ୍ପାଅଳ୍ପ ଇଂରେଜି, ବଙ୍ଗଳା, ହିନ୍ଦୀ ଶିଖିଚି । ଦେଖିଲୁ ଭୁଲି ଯାଇଚି ! ଅମୂର ଘର ଆଉ ଜମିବାଡ଼ି— ।

ସୁଦର୍ଶନ—ଘରଟା ଅତି ପୁରୁଣା ଥିଲା, ଭାଙ୍ଗିରୁଜି ଗଲଣି । ଗାଁର ଗୋଟିଏ ନିରାଶ୍ରୟା ବୁଢ଼ୀ ବୋଉ ପାଖରେ ଥାଏ । ତାକୁ

ସେଥି ଘରେ ରଖେଇ ଦେଇ ଆସିଛି । ଜମିବାଡ଼ି ତ ବିଶେଷ କିଛି ନ ଥିଲା ! ଯେଉଁ ଟିକିଏ ଥିଲା; ନନାଙ୍କ ଶୁଦ୍ଧିଶ୍ରାଦ୍ଧ କାର୍ଯ୍ୟ ଏବଂ ବୋଉର ଚିକିତ୍ସାରେ ଶେଷ ହୋଇ ଯାଇଥିଲା । ବର୍ତ୍ତମାନ ମୁଁ କଅଣ କରିବି, ତାହା ହିଁ ଭାବୁଛି ।

ବ୍ରଜ—ମୋର ପରମ ସୌଭାଗ୍ୟ ଯେ ତୁ ମୋ ଉପରେ ନିର୍ଭର କରି ଆସିଛୁ । ମନୁଷ୍ୟ ଯେ ସବୁବେଳେ ଅଭିଭାବକ ଖୋଜି ଆସିଛି ରେ ସୁଦର୍ଶନ ! ଯାହାର କେହି ନାହିଁ, ସେ ଈଶ୍ୱରଙ୍କ ଉପରେ ଏକାନ୍ତ ଭାବରେ ନିର୍ଭର କରି ବଞ୍ଚେ । ଏତେଦିନ ପରେ ମୁଁ ଜଣକର ଅଭିଭାବକ ହେଲି ବୋଲି ଗୌରବ ଅନୁଭବ କରୁଛି ।

ସଦେଇ—(ଦୁଧ ଗିଲାସ ଧରି ଆସି ରଖିଲା ଟେବୁଲ ଉପରେ)
(ପ୍ରସ୍ଥାନ)

ବ୍ରଜ—ଆରେ ଦେଖ ! ଏତେବେଳ ହେଲାଣି ସିମିତି ଠିଆହୋଇ କଥା ଶୁଣୁଛୁ ? ଆ, ଚଉକିରେ ବସ । ସ୍ନାନ ଶେଷ କରି ସାରିଛୁ ତ ? ସଦେଇ ! ଆଉ ଟିକିଏ ଦୁଧ ଆଣି ଦେ । ( ସଦେଇ ଆସି ଦୁଧ ଗ୍ଲାସ ନେଇଗଲା ) ।

ସୁଦର୍ଶନ—ମୁଁ ଆଜ୍ଞା, ଅପଣଙ୍କର ଏଇ ଗାଁର ନଦୀରେ ସ୍ନାନକରି ଚାଲି ଆସିଛି । ଆପଣ ମତେ ଇମିତି ଭାବରେ ଗ୍ରହଣ କରିବେ ବୋଲି··· ।

ବ୍ରଜ—ସଦେଇ, ତୁ ଆଉ ଟିକିଏ ଦୁଧ ଆଣ । ସୁଦର୍ଶନ, ଚାଲ ଆମେ ସେ ଘରେ ବସିବା । ( ଉଠିଲେ ) ଆଚ୍ଛା, ସୁଦର୍ଶନ ! ମୁଁ ତୋ ବୋଉର ମାମୁଁ ଭଳି ତୁ ମତେ ଅଜା ବୋଲି

ତାକୁ ନାହିଁ ? ହଁ, ମୁଁ ଆଉ କମିତ ଭାବରେ ଗ୍ରହଣ କରଥାନ୍ତି ବୋଲି ଭାବୁଥିଲୁ ? ମୁଁ ତତେ ମୋର ପରମବନ୍ଧୁ ବୋଲି ଗ୍ରହଣ କରଚ ।

ସୁଦର୍ଶନ—(ବ୍ରଜଙ୍କ ପଦସ୍ପର୍ଶ କଲା । ବ୍ରଜ ତା' ମଥାରେ ହାତଦେଇ ଟିକଏ ମଥାପୋଛି ରହିଲେ; ଦୁହେଁ ଅନ୍ୟ ଘର ଆଡ଼େ ଚାଲିଗଲେ ) ।

ସଦେଇ—(ରୋଷେଇଘର ଆଡ଼ୁ ଦୁଇ ଗିଲାସ ଦୁଧ ଧରି ଆସିଲା) ଥାଳି ଗୋଟାକରେ ( ସ୍ୱଗତ ) ମଣିଷଟାକୁ ଦେଖି କାବା ଲାଗୁଚ, କିଏ ଅ ସିଚ; କଅଣ ସ୍ୱାଙ୍କର ହେବ, ମୁଁ ତ କିଛି ବୁଝିପାରିଲି ନି । ଏକା ସାଙ୍ଗରେ ଚଉକିରେ ବସିଲେ । ଆଉ ଗିଲାସେ ଦୁଧ ଆଣ ବୋଲି କହିଲେଣି । ପୁଣି ଆଉ ଅଧିକା କରି ରାନ୍ଧ ବୋଲି କହିବେ । କେଜାଣି କଅଣ ହେଉଛି ଆଜିର ଘଟଣା ଟା ! କେଜାଣି ସବୁଦିନ ନିମନ୍ତେ ରହିଯିବ ! ଯାଉଚ । ( ପ୍ରସ୍ଥାନ )

ନନ୍ଦବୋଉ—(ପ୍ରବେଶ କରି) କେଡ଼େ ତ କୁଆଡ଼େ ବସୁ ନାହାନ୍ତି ! ସଦେଇଟା ମଧ କୁଆଡ଼େ ବସୁ ନା । ରାତିଟା ଯାକ ଆଖି ବୁଜି ହେଇ ନା । ମହାପାତ୍ର ବୁଢ଼ା ବଖ ହେବେ କି ନାହିଁ— ସେ କଥା ଜାଣିବାକୁ ହେବ । ରାତି ପାହିବାଠାରୁ ପୁଣି ରାତି ପର୍ଯ୍ୟନ୍ତ ବାର ଚିନ୍ତାରେ ହିଁ ମୋର ବେଳ ଯାଉଚ ।

ସଦେଇ—(ଆସି, ନନ୍ଦବୋଉଙ୍କୁ ଦେଖି ବିସ୍ମିତ ହୋଇ) ଯା ! ସକାଳଟାରୁ କୁଆଡ଼େ ଆସିଲ ନନ୍ଦବୋଉ ? ଖୋଲି ଚାଉଁ ମଙ୍ଗ ଏକ୍ଷଣି ପଚାରିବାକୁ ଲାଗିବ । ମୋର ତ ମୋଟେ ସମୟ ନାହିଁ, କଅଣ କରିବ

ନନ୍ଦବୋଉ—(ବାଧାଦେଇ) ଶୁଣମ ସଦେଇଭାଇ, (ଅଗ୍ରସର ହୋଇ) ଶୁଣମ !

ସଦେଇ—(ସେଷେଇଘର ଆଡ଼କୁ ଅଗ୍ରସର ହୋଇ) ମୋର ଆଜ କିଛି କାମ ନାହିଁ କି ହେ ! ଖାଲି କଥା ଶୁଣୁଥିବ । ରାନ୍ଧିବାକୁ ବେଳହେଲାଣି ।

ନନ୍ଦବୋଉ—(ସଦେଇର ମୁହଁ ପାଖ ଆଡ଼କୁ ଯାଇ) ଆରେ ସଦେଇଭାଇ, ସେବଣ୍ଡା ବୋଉ ମୁହଁରୁ ଏ କଥା ଶୁଣିବାଠୁ ମୋ ମନଟା ଇମିତି ଘାଣ୍ଟିଚକଟି ହେଉଚି । ତୁ ତ ଏ ଘରର ସର୍ବେସର୍ବା ! କୋଉ କଥା ତୁ ଜାଣି ନ ଥିବୁ ? କଅଣ ଇମିତି ବରକୁଆ ମୁହଁଟା କରୁଚୁରେ ! କହିବୁ ନୁ ? ମୂଳରୁ ତ ଶୁଣୁନାହୁଁ !

ସଦେଇ—ଗୁଡ଼ ଉପରେ ଜହ୍ନା ଲଗିଲା ପରି ମୋର ଆଗରେ ପଛରେ ତମେ ଲଗିଚ ହେ ! ଛି, ସକାଳଟାରୁ ମଣିଷ ତମ ହାବୁଡ଼େ ଚଢ଼ି ଏକା ଥରକେ ମଲା । ତମର କଅଣ କିଛି କାମ ନାହିଁ କି ନନ୍ଦବୋଉ ?

ନନ୍ଦବୋଉ—କହିବୁ ନୁ ?

ସଦେଇ—କହିବୁ ନୁ, କହିବୁ ନୁ ବୋଲି ଇମିତି ପଛରେ ଲାଗିଚ ଯେ କଅଣଟା କହିବ, କହୁ ନ !

ନନ୍ଦବୋଉ—(ଏଣିକି ତେଣିକି ଚାହିଁ ) ମହାପାପେ, ଗାଁ ଲେଖାରେ ଉଅର ହେବେ ରେ ଭାଇ । କୁଆଡ଼େ କଥାଟା ଶୁଣିବେ ବୋଲି ଭୟ ଲାଗୁଚି । ପଳେଇ ଯାଉଚୁ ତ ଆଜ କାହାକୁ ପଚାରିବ ?

ସଦେଇ—(ଅଗ୍ରସର ହୋଇ) ତମର ଲଜ ଭଯ଼ୁ ଛଡ଼େଇବାକୁ ମୋର ସମଯ଼ ନାହିଁ, ବୁଝିଲ ? କଅଣ କହିବାକୁ ଅଛ, ଚଞ୍ଚଳ କହିଦଅ ।

ନନ୍ଦବୋଉ—(ଆଗକୁ ଯାଇ) ଏଇ କଥା ମ ସଦେଇଭାଇ !

ସଦେଇ—ଆଉ ଥରେ, ଏଇ କଥା, ଏଇ କଥା ବୋଲି ଆରମ୍ଭ କଲଣି ।

ନନ୍ଦବୋଉ—ଆହା ! ଇମିତି ତରବରିଆଟା କାହିଁକି ହେଉଚୁ ମ, ଶୁଣ, ଏ ସେ ଦାମ ରଥର ଝିଅ କଥା ବା ! ଶୁଣ, ପାଟିଗୁଣ୍ଡ କର ନା । ବୁଝୁନୁ, ତୋର ମୋର କଥା । ଏଡ଼େ ବଡ଼ ଝିଅଟାକୁ ବୁଢ଼ାଙ୍କ ପାଖକୁ ପଠେଇ ଦେଇଚ ଯେ, ଏକଥା ତାକୁ ଏକା ସୁନ୍ଦର ଦିଶୁଥିବ । ଆମ ପରି ଲୋକ ହୋଇଥିଲେ, ଲଜରେ ମରିଯାଆନ୍ତୁ । ତମର ତ ଲଜ ବୋଲି କିଛି ନାହିଁ, ମରିଥାନ୍ତ କୋଉଁ ଲଜରେ ?

ସଦେଇ—କି ଜଟିଆ କଥାଟେ ଆରମ୍ଭ କଲ ହେ ନନ୍ଦବୋଉ ନାନି ! ଏକଥା ତାଙ୍କୁ ସୁନ୍ଦର ଦିଶୁଚି କି ନାହିଁ, ଯାଉ ନ ତାଙ୍କୁ ପଚାରିବ ! ନୂଆ କୁଆଁରୀ ଜଣେ ଆସିଚନ୍ତି । ଛୋଟବଡ଼ା ହେବ କି କଅଣ । ବାଟ ଛାଡ଼, ଯିବି । ଏସବୁ କହିବାକୁ ସମଯ଼ ନାହିଁ ।

ନନ୍ଦବୋଉ—ଇମିତି କଅଣ ଝାଉଁଳୁଛ ହୋଉଚୁ ରେ ସଦେଇ-ଭାଇ ! ମୋର, ତୋର ଦୁଃଖସୁଖ କଥା ମ, ଆମ କାଳରେ ତ ଆଠ ବର୍ଷରେ ବିଭା ହଉଥିଲେ ? ବୁଝିଲୁ ? ଏ ସତର ଅଠର ବର୍ଷ ହେବଣି, ଏଡ଼େ ବଡ଼ ଝିଅଟାକୁ ଅଭିଆଡ଼ କରି କିମନ୍ତ ରଖିଚ କେଜାଣି ? ସେଇ କଥା ମୁଁ ପଚାରୁଚି ନା । ବୁଝିଲୁ ?

ସଦେଇ—ବାହା! କଥା ପଚାରୁଚ ? ଏସବୁ ମୁଁ କଚ୍ଛି ବୁଝିପାରୁ ନା। ସ୍ପଷ୍ଟ କରି ତ କଚ୍ଛି କହୁନାହଁ ।

ନନ୍ଦବୋଉ—ମୋର ଇମିତି ସ୍ୱଭାବ ଯେ ସ୍ପଷ୍ଟକରି କଚ୍ଛି କହିପାରୁ ନା। ଏ ଯେ ଦାମ ରଥର ଝିଅ କଥା ବା, ଡେଙ୍ଗୀ ହେଇ କରି କଅଣ ଗୋଟେ ହେଇଚ । ସତର-ଅଠର ବର୍ଷ ବୋଲୁଥିଲ ସିନା—କୋଡ଼ିଏ କ ଏକୋଇଶି ହବଣି । ହେଇ ନ ଥିବ ?

ସଦେଇ—କୋଡିଏ, ଏକୋଇଶି ହୋଇଥିବ ବୋଲି ତୁମେ ତାର କୋଷ୍ଠୀ ଦେଖିଥିବ ! ଜାଣି ନ ଥିଲେ, ତା ମାଆବାପଙ୍କୁ ଯାଇ ପଚାରି ଆସ । ମୋ ପାଖକୁ କାହିଁକି ଆସିଚ ?

ନନ୍ଦବୋଉ—ଶୁଣ ମ ! ବୁଢ଼ା ତାକୁ ବିଭା ହେବେ ବୋଲୁଚନ୍ତି କରେ !

ସଦେଇ—ମତେ ସେ ଏ କଥା କହି କହିନାହାନ୍ତି । ତମେ ନିଜେ ଯାଇ ପଚାର । ନ ହେଲେ ଝିଅର ମାଆକୁ ଯାଇ ପଚାର ।

ନନ୍ଦବୋଉ—ଟିକିଏ ଥିର ହୋଇ ବସିଲେ କହନ୍ତି । ତୁ ତ ତାଲରେ ପଡ଼ି ନଡ଼ିଆକୁ ଡେଇଁଚୁ । ହାଇଁ ମ ! ବୁଢ଼ାଟାକୁ ବିଭା କରିଦେବ ବୋଲି ଧନ ଦେଖି ଧାଇଁଚ ଯେ କେତେ-ବେଳେ ମରିଗଲେ କଅଣ କରିବ ? ଘରେ ପଦାର୍ଥ ଅଛି ବୋଲି ଖାଇପିଇ ଚିକ୍କଣ ହେଇ ରହିଚନ୍ତି । ବୟସରେ ମୋଠୁ ବଡ଼ ହେବେ।

ସଦେଇ—ବୟସରେ ତମଠୁ ବଡ଼ ହୋଇଥିବେ ! ତମେ ଜାଣି-ଥିବ । ମୁହେ ଆଉ କଅଣ ! ଯିମିତି ହେଲେ ବୁଢ଼ା ହେଲେଣି ନା । ତମେ ବଡ଼ କି ସେ ବଡ଼, ତାଙ୍କୁ ପଚାର ।

ନନ୍ଦବୋଉ—ହଇ ରେ ଏ ସଦେଇଭାଇ, ମୋ ଚନ୍ଦ୍ରମାର ଝିଅଟାକୁ ମହାପାତ୍ରଙ୍କୁ ବାହା କରେଇ ଦେବୁନୁ ? ଭଲ ହୁଅନ୍ତା ରେ !

ସଦେଇ—(ଚାଞ୍ଚଲ୍ୟରେ ହସି ହସି) ତମର ସେ ବାହାଓ୍ଵାନ୍ତ ନାତୁଣୀକୁ ଅଜ୍ଜା ବାହାହେଲେ ତ ଅମର ହୋଇ ରହି-ଯିବେ । ସେଦିନ ଯେଉଁ ନାତୁଣୀଟାକୁ କାଠପାଳିଆରେ ବାନ୍ଧୋଇଥିଲ ଘରର ଗୁଡ଼ଜଳ ନେଇ ଗୁଡ଼ିଆଘରୁ ବଣି ଖଜା ଖାଇଦେଲା ବୋଲି । ସେଇ ତ ! ତୁମକୁ ଲାଜ ଲାଗୁ ନି କିଏ ? କିଛି ଆସିଚ ?

ବୃଜ—(ଆସୁ ଆସୁ) କରେ ସଦେଇ, କଅଣ ସବୁ ହସାହସି, ଗପ୍-ସପ ଲାଗିଚ ? କିଏ ଆସିଛନ୍ତି ?

ସଦେଇ—କିଛି ନାହିଁ ଅଜ୍ଜା ! ନନ୍ଦବୋଉ ପଚ୍ଛର ଆସିଥିଲେ—

ନନ୍ଦବୋଉ—(ଓଢ଼ଣା ଟାଣି ଦେଇ) ନନ୍ଦ ତା ପିଲାଙ୍କୁ ଧରି ଆସିଚି । ପେଟ ମୋଡ଼ି ହେଉଚି ବୋଲି କିଛି ଖାଇ ନି, ଆସିଥିଲି ଦହିପାଣି ଟିକିଏ ନେବି ବୋଲି ଯେ ସଦେଇର ବେଳ ନାହିଁ—

ବୃଜ—ଓ ! ଏଇ କଥା । ଦେ ସଦେଇ, ଦହି ଟିକିଏ ଦେ । (ପ୍ରସ୍ଥାନ)

ସଦେଇ—(ଚକ୍ଷୁ ବିସ୍ଫାରିତ କରି) ଏଁ, କଅଣ କଲୁ ହଟେ ନନ୍ଦ-ବୋଉ ! ପଚ୍ଛରୁ ଧଚ୍ଛରୁ କେଡ଼େ ବଡ଼ ମିଥ୍ୟାଟାଏ ସୃଷ୍ଟି କରି ଦେଲା ! ଆତ୍ମରକ୍ଷା ନିମନ୍ତେ ମଣିଷ କଅଣ ନ କରୁଚି ! (ଦେଖି) ଆରେ ଯା ! ଏଇ କଥା ନେଇ ନନ୍ଦବୋଉ ସାଙ୍ଗରେ ତରକା ତରକି ହୋଇଥାନ୍ତା, ମାତ୍ର ସେ ତ ପଳେଇ ଗଲେଣି । ମୁଁ ମଧ ଯାଉଚି ରାନ୍ଧିବି । (ପ୍ରସ୍ଥାନ)

———

## ପ୍ରଥମ ଅଙ୍କ

### ଦ୍ୱିତୀୟ ଦୃଶ୍ୟ

**ସ୍ଥାନ** – ଗ୍ରାମଦେବତୀଙ୍କ ଦେଉଳ ମଣ୍ଡପ । ସମୟ ସକାଳ ।

ସେବତୀବୋଉ—( ଆସି ) କେହି ତ ଆସି ନା । ଅଜ ଆଗରୁ ଠାକୁରାଣୀଙ୍କୁ ମାର୍ଜଣା କରିଦେଇ ଯିବି । ପଣାପାଣି ଭୋଗ ଢାଳି ଦେବି । (ପଣାପାଣି ଟୋକେଇ ରଖି ଥାଳି ଉଠେଇ ଧୂପ ଦୀପ ଜାଳି ଦେବୀଙ୍କୁ ବନ୍ଦନା କରି) ମା ଠାକୁରାଣୀ ଗୋ, ମୋ ସେବତୀ ପାଇଁ ଭଲ ବରଟିଏ କରିଦିଅ । ଦଣା ଦେବି—ପାଣି ଦେବି । କପୂର-ଧୂପ ଦେଇ ପୂଜା କରିବି । ମୋ ପରି ମାର୍ଜଣା ସୁମତିବୋଉ କେବେ କରିପାରିବ ନି ।

କାଞ୍ଚନବୋଉ—( ଦୁଆର ମୁହଁରୁ ) ଏତେ ସକାଳୁ ପକେଇ ଆସିଲଣି କଏ ମଇଷ ! ଅଶିଣମାସର ଆଜ ମଙ୍ଗଳବାର । ମୋ କାଞ୍ଚନ ଲଗାଇଥିବା ଗଛରୁ ଫୁଲ ତୋଳି ଆଣିଛି । ମା ଠାକୁରାଣୀ ମତେ ଏ ସଙ୍କଟରୁ ତାରଣ କରିଦେବେ ।

ସେବତୀବୋଉ—(ଝୁଲିଆସିଲା ଢଙ୍ଗରୁ) ଯାଅ ହେ, ମଇଷ ! ପୂଜା କରିବ । ମା ଠାକୁରାଣୀ ଏକା ଥରକେ ବରଟେ ଆଣି ତମ ହାତରେ ଥୋଇଦେବେ ! ତାଙ୍କର ତ ପୁଅ-ପତି କିଛୁ ନାହିଁ ।

ଘରଟାରେ ବସି କଅଣ କରିବେ ? ତମ ଝିଅ ପାଇଁ ବର ଖୋଜିଦେବେ ।

କାଞ୍ଚନବୋଉ—(ଭିତରକୁ ଯିବା ସମୟରେ) ମାଗିଲେ ପଢ଼ ଠାକୁରାଣୀ ବରଟେ ଆଣି ଥୋଇଦିଅନ୍ତେ, ତେବେ ତମର ସେବତିବାପା ଆଉ ଗାଁ ଗାଁ କରି ଜୋଇଁ ଖୋଜିବାକୁ ବୁଲନ୍ତେ କି ।

ସେବତି ବୋଉ—କଅଣ କହିଲ ମଉସ ! ମୋ ସେବତିବାପା ବର ଖୋଜି ବୁଲୁଛନ୍ତି ? କେଉଁଠୁ ଏ କଥା ଶୁଣିଲ ଗୋ, ନାହିଁ ଲୋ ମା, ଆମେ ସେମିତି ନୋହୁଁ । ମୋ ସେବତି ପାଇଁ କେତେ କେତେ ଘରମାନଙ୍କରୁ ପରସଙ୍ଗ ଆଉଛି । ଆମେ ଦେଖୁଛୁ, ଯେଉଁଠି ଭଲ ହେବ, ସେଇଠି ଆମର ସମ୍ବନ୍ଧ ହେବ । ତମ ପରି ଆମେ ନନ୍ଦବୋଉନାମି ହାତରେ ମହାପାତ୍ରଙ୍କ ପାଖକୁ କହିପଠାଉ ନୁ ।

କାଞ୍ଚନବୋଉ—କଏ ଲୋ ସିଏ, ତମକୁ କହିବାକୁ ଯାଇଥିଲା ? ନନ୍ଦବୋଉନାମି ତା'ର ସେ ମରିପଡ଼ ଧାଇଁଚ କମିତ ହେଲେ ତା ନାତୁଣୀଟାକୁ ବୁଢ଼ା ହାତରେ ଦେଇଦେବ ବୋଲି, ମୁଁ କାହିଁକି ସେ ବୁଢ଼ାକୁ ଯୋଡ଼ ପରୁର ଦିବ ?

ନନ୍ଦବୋଉ—( ଅକସ୍ମାତ୍ ପ୍ରବେଶ କରି ) କେତେ ସାହସ ଲୋ ତୋର ! ହଇ ଲୋ ! ଏ କାଞ୍ଚନବୋଉ, ମୋ ନାତୁଣୀଟାକୁ ବୁଢ଼ାବର ହାତରେ ଦେଇ ଦେଉଛି ବୋଲି ସପନ ଦେଖିଥିବୁ । ନ ହେଲେ ସର୍ବନାଶ ଛଦ୍ୟା ସାଧିଥିବୁ । ଆରେ ରେ,

କଥାଗୁଡ଼ାକ ଅଗ ଜିଭରୁ ଲେଉଟିଗଲା । ସାତ ସକାଳୁ ଏତେଠିକି ଆସି ମୋ କଥା ହେଉଚ । ବୁଢ଼ାକୁ ଯନ୍ତ ପୋଡ଼ ହେଉଚ ପିଲୁନୁ, ମତେ ସେଦିନ କହୁ ହେଉଥିଲୁ କାହିଁକି ? "ବୁଢ଼ା ବୁଢ଼ା ବୋଲୁଚ ଯେ, କି ବୁଢ଼ା ହୋଇଚନ୍ତି ? ସୁନା, ବଳା ପିନ୍ଧି ଖାଇପିଇ ପିଲଟା ଭୋଗ କରିବ ତ ।" ଏକଥା ତୁ ମତେ କହି ନ ଥିଲୁ ? କହୁ ନ ବୋଲି, ଠାକୁରାଣୀଙ୍କ ମୁଣ୍ଡରେ ହାତ ଦେଇ କହିଲୁ, ଆ କହୁବୁ । (ହାତଟାଣି ନେବା) ।

ସେବତୀବୋଉ—ବସ୍ତ୍ରା ଆଣିକି ଅପି (ସ୍ୱଗତ) ନାଇଁ ଲେ ମା ! ମୋ କଥା ଆଜ ଥରେ ଉଠିବ । ମୁଁ ଯାଉଚ ପଳେଇଯିବ । ନନ୍ଦବୋଉ ବାଘୁଣୀ ପରି ମୋ ଉପରେ ପଡ଼ିଯିବ । (ପ୍ରସ୍ଥାନ)

କାଞ୍ଚନବୋଉ—ଏ ନନ୍ଦବୋଉନାମୀ, ତମ ଗୋଡ଼ ଧରୁଚ । ମତେ ଗୁଡ଼ିଦିଅ । ଆଜ ମଙ୍ଗଳବାର ଓଷା । ଉପାସ ଦିନଟାରେ ଠାକୁରାଣୀ ପାଖକୁ ଇମିତି କରି ମତେ ଦୋଷାଡ଼ି ନାଅ ନା । ଜୁହାର କରି ପାଦତଳେ ପଡ଼ୁଚି ।

ନନ୍ଦବୋଉ—ସାପ ଲାଙ୍ଗୁଡ଼ରେ କାନ କୁରୁଚେଉଚ ଯେ ! ମୁଁ ବଡ଼ ଦୁଷ୍ଟ ଟି ! ଧୀରଧାର ହୋଇ ଚୁପ ।                    (ପ୍ରସ୍ଥାନ)

ସେବତୀ—କି ବେଳାରେ ଆଜ ବ୍ରତ ପାଳୁଥିଲା, ନନ୍ଦବୋଉ ଆସି ମତେ ଝାଙ୍କଝିଙ୍କ କରିଦେଲା

(ଲୋଟା ଥାଳି ଧରି ପ୍ରସ୍ଥାନଉଦ୍ୟମ) (ଫେରି), ଠାକୁରାଣୀ ଗୋ, ମୋର ଦୋଷ ଥିଲେ କ୍ଷମାକର ମା ! (ମୁଣ୍ଡ ଲଗାଇ ପ୍ରସ୍ଥାନ)

— — —

# ପ୍ରଥମ ଅଙ୍କ

## ତୃତୀୟ ଦୃଶ୍ୟ

ସ୍ଥାନ—ବ୍ରଜଙ୍କ ବାସଗୃହ । ସମୟ—ଅପରାହ୍ନ ।

ବ୍ରଜ—(ପ୍ରବେଶ) ସୁଦର୍ଶନଟି ମୋ ପାଖକୁ ଆସିବା ଗୋଟାଏ ସହଜ ଏବଂ ସ୍ୱାଭାବିକ ଘଟଣା; ତଥାପି ସଦେଇ ଭାବୁଚି—ଏହା ଗୋଟାଏ ଅଭୂତପୂର୍ବ କଥା; ତାକୁ ସବୁ ବିଷୟ ଶିଖେଇ ଦେବାକୁ ଭାବୁଚି ।

ସଦେଇ—(ପ୍ରବେଶ କରି) ଆଜ୍ଞା, ଆଜ ପଅର ଗାଁର ଧାନବୁଆ ହେବ, ରୋଷେଇ କରିଦେଇ ଯିବି ନା ଆପଣ ସୁମନା ହାତରେ ଖାଇବେ ? ସବୁ ବର୍ଷ ତ ସେଇ ଆସି ରାନ୍ଧି ଦେଉଚନ୍ତି ।

ବ୍ରଜ—ସୁଦର୍ଶନ ତ ଯିବ ବୋଲି କଥା ହୁଉଚି, ତୁ କାହିଁକି ଯିବୁ ? ଆଚ୍ଛା, ସୁଦର୍ଶନ ସେ ଘରେ ଅଛି, ମୁଁ ଯାଉଚି କଥା ହୋଇ ଆସିବି । (ପ୍ରସ୍ଥାନ)

ସଦେଇ—ଆମ ଅଜ୍ଞା କଅଣ କରିବାକୁ ଯାଉଚନ୍ତି,—ମୁଁ କିଛି ବୁଝି ପାରୁ ନା । ଗୋଟାପାକ ଅଣିମେଷ ହୋଇ କାର୍ତ୍ତିକ ବୁଲିଲି । ସୁଦର୍ଶନ ଆସିଲା ଯେ—ଘରୁ ଉଠିବା କଥା ସେ ସୁଦର୍ଶନ

ମୁହଁରୁ ଶୁଣୁ ନାହାଁନ୍ତି, ଅଞ୍ଜା ମଧ୍ୟ କିଛି କହୁ ନାହାଁନ୍ତି । ଆଜ୍ଞା ଆମର ଖାଉଥାନ୍ତି, ଘିଅ ଗଡ଼ିଏ, ଦୁଧ ଗିଲାସେ, ପାଞ୍ଚିଟା ଲୁଚିଆଁ କରିବାକୁ ଭଜା ଦି'ଖଣ୍ଡ । ଏବେ କହୁଛନ୍ତି ଡାଲି, ତରକାରି, ଭଜାଭଜି ଦି'ଖଣ୍ଡ ହେଉ । ସୁଦର୍ଶନ ଆସିବାଠୁ ତ ଏ ସବୁ ହେଉଛି । ପୁଣି ମୋ ମନରେ ଆଉ ଗୋଟାଏ ଚିନ୍ତା ପ୍ରବେଶ କଲାଣି । ନା ! ଏ କଥା ସେ କଥା କହିବି ନାହିଁକି, ଭାବିବି ନାହିଁ । ତିନି ଦିନର ଲକ୍ଷ୍ମୀ ଥିଲି ଚୁଲିରେ ବସେଇ ଦେଇଛି, ପୋଡ଼ିଯିବ । (ପ୍ରସ୍ଥାନ)

ବ୍ରଜ—(ଆସି) ସହଦେଇ ମତେ କହୁଛି, ବାମ ରଥର ଝିଅ ସୁମନାଟାକୁ ବିବାହ କରି ପୁଣି ନୂଆ ସଂସାର କଲେ ଭଲ ହୁଅନ୍ତା; କିନ୍ତୁ ଏ କଥା କଅଣ ସୁନ୍ଦର ଦିଶିବ, ନା ସ୍ୱାଭାବିକ ହେବ ! ତାକୁ ପୋଷ୍ୟକନ୍ୟା କରିବି ବୋଲି ମୋ ସ୍ତ୍ରୀର ଇଚ୍ଛା ଥିଲା । ସେ ଯାହାହେଉ, ସେ ବିଷୟ ଭାବିବା ଅନୁଚିତ ।

ସହଦେଇ—(ଆସି) (ବିନୟ ନମ୍ର ଭାବରେ) ଆଜ୍ଞା ତ ମୋ କଥା ଶୁଣୁ ନାହାନ୍ତି, ନିଜେ କଅଣ ଭାବୁଚନ୍ତି—ସେ କଥା ମଧ୍ୟ କହୁ ନାହାନ୍ତି; ଜଣେ ଆସିଲେ, ମାଣେ ସରିବ । ମାସେ ଉପରେ ହେଇଗଲା । ଆଉ କେତେଦିନ ରହିବେ ? ସେ ତା'ର କାମଧନ୍ଦା କିଛି ଗୋଟାଏ କରନ୍ତୁ । ହାତରେ କିଛି ଦେଇ ଦେଇ ଦିଅନ୍ତୁ, ସେ ତା ରାସ୍ତାରେ ଯାଉ ।

ବ୍ରଜ—କେଉଁକାଳରୁ ତୁ ମୋ ପାଖରେ ଲାଗିଛୁ, ସ୍ୱାର୍ଥ କରି ଯିବା ବୋଲି । ଘରଟାକୁ କାହା ହାତରେ ଦେଇଯିବା ? ସୁତରାଂ ସୁଦର୍ଶନ, ଆମେ ଫେରିବା ପର୍ଯ୍ୟନ୍ତ ଘରେ ରହିଥିବ । କଅଣ କହୁଚୁ ? ମନ ମାନିଲା ନାହିଁ ?

ସଦେଇ—ଏ ଘରେ ସେ କିମିତି ରହିବ ଆଜ୍ଞା ! ଗାଈଗୁଡ଼ାକୁ କିଏ ଦେଖିବ ?

ବ୍ରଜ—କିମିତି ରହିବ, ଆମେ ଯିମିତି ରହିଚେ, ସିମିତି । ତୁ ଯିମିତି ଗାଈ କଥା ଦେଖୁଚୁ, ସିମିତି ସେ ମଧ୍ୟ ଦେଖିବ ।

ସଦେଇ—ଘର ଦୁଆର, ଦାନଧରମ ପେଡ଼ିପଚର ସବୁ ପଡ଼ିଚି । ସବୁଗୁଡ଼ାକ ଅନ୍ୟ ହାତରେ ଦେଇ ଦେବେ ।

ବ୍ରଜ—ତାହାହେଲେ ଘରୁ ଆଉ ଉଠିବା ନାହିଁ । ତୀର୍ଥ ଯିବା କଥା ଏକାଥରକେ ଭୁଲି ଯା । ଗାଈଗୋରୁ ଓ ଦୁଧଘିଅ ଧରି ବସ ଥା ।

ସଦେଇ—ସେ କଥା କିମିତି ହେବ ଆଜ୍ଞା ! ପାଞ୍ଚ ବର୍ଷ ହେଲା ଯିବା ଯିବା ବୋଲି ଆଶାକରି ବସିଚି । ଆପଣ କହୁଚନ୍ତି, ମୋତେ ନେବେ ବୋଲି । ମୁଁ ଖାଲି ସେ ଯମୁନାକୂଳ, କଦମ୍ବମୂଳର କଥା ଭାବୁଚି । ଆଖିରେ ଥରେ ନ ଦେଖିଲେ ଚଳିବ ନାହିଁ । ବୃନ୍ଦାବନ ଦେଖିବି, ତେବେ ଯାଇ ମରିବି । ଘର ଲୋଭ କଟେଇବାକୁ ଉପାୟ କରିବାକୁ ହେବ ।

ବ୍ରଜ—ଥରେ ବୃନ୍ଦାବନ ନ ଦେଖିଲେ ଚଳିବ ନାହିଁ ! ଏଣେ ପେଡ଼ିପୁଟିକା, ଟଙ୍କାପଇସା, ଦାନଧରମ ଧରି ବସିଥିବ । ତେଣେ ଦେବଦର୍ଶନ, ତୀର୍ଥଭ୍ରମଣ ମଧ୍ୟ ହୋଇଯିବ । ଭୂଆଁ ଢିକା ଆଉ ଯାହା ଦେଖା ସିନା ହୋଇଯାଉଚି । ଘରର ଧନ ଧରି ବସିଲେ, ଦେଶ ଦେଖାହୋଇ ପାରିବ ନାହିଁ । ତେଣୁ ତ ମୁଁ ସୁଦର୍ଶନକୁ ରଖିଚି । ତା ହାତରେ ଏ ଘରର ଭାର ଦେଇ ଆମେ ଯିବା । କଅଣ କହୁଚୁ ?

ସଦେଇ—ସେ କଥା ହେବ ନା ଆଜ୍ଞା ! ପଡ଼ଶାଘର ଦାମ ରଥ ଆସି ସବୁ ଖାଇଯିବ । ସେଇ ଯୋଗୁଁ ତ ମୁଁ କହୁଚି, ନାହିଁ; ସେ କଥା ଆଉ କହିବ ନା ।

ବ୍ରଜ—ଦେଖ, କହୁ କହୁ ଭୁଲିଗଲି । ମୁଁ ଜାଣେ ଯେ ସେଇ ସୁମନାର କଥା କହିବ । ମୁଁ ତାର ଅଜା ହେବା ବୟସରେ ଆସି ପହଞ୍ଚିଲିଣି । ମୋ ଭାର୍ଯ୍ୟା ସୁମନାକୁ ଘରେ ଖୁଆଇ ପିନ୍ଧାଇ ରଖିଥିଲା । ତାର ଇଚ୍ଛାଟା ସେ ସଂକୋଚବଶରୁ କହିପାରି ନ ଥିଲା । ସେ ଥିଲେ, କେଉଁଠୁ ବରପାତ୍ରଟିଏ ଖୋଜିଆଣି ସୁମନାକୁ ବିବାହ ଦେଇଥାନ୍ତା କି କଅଣ । ବର୍ତ୍ତମାନ ତାକୁ ନେଇ ମୁଁ ବଡ଼ ବିପଦରେ ପଡ଼ିବି । ଯଦୁ ଦାସର ଭାଇ ମଦନ ଦାସ ଆସି ମତେ ଘଷ୍ଟିଧେଇ ଗଲାଣି । ଯଦୁ ଦାସ ସାଙ୍ଗର ହେବ । ମତେ ସେ ଜୋଇଁ କରିବ ବୋଲି ଆଗ୍ରହୀ ହୋଇ ଉଠିଚି । ଏସବୁ ବାହାରର କଥାର ଉତ୍ତରପରେ ମନରେ ବିକାର ଜାତ ହେଉଚି । ଏଥିରୁ ମୁକ୍ତି ମିଳିବ, ଏଠାରୁ ଚାଲିଗଲେ । (ପ୍ରସ୍ଥାନ)

ସୁଦର୍ଶନ—(ପ୍ରବେଶ) ମୁଁ ଏଠିକି ଆସିବା ପ୍ରାୟ ଦୁଇ ମାସ ହେଇ-ଗଲା । ଅଜା ମତେ ଅତି ଉଦାର ଭାବରେ ଗ୍ରହଣ କରି ଆଦର କରି ରଖିଚନ୍ତି । କେବଳ ଯେ ଆଶ୍ରୟ ଦେଇଚନ୍ତି, ତାହା ନୁହେଁ । ତାଙ୍କର ସମସ୍ତ ବିଷୟସମ୍ପତ୍ତିର ରକ୍ଷଣାବେକ୍ଷଣ ଭାର ଦେବାକୁ ପ୍ରସ୍ତୁତ ହୋଇ ରହିଚନ୍ତି । ମୁଁ ଭିତରେ ଭିତରେ ଅନ୍ୟ କଥା ଚିନ୍ତା କରୁଚି ।

ସଦେଇ—(ଆସି) ତୁମେ ପରା ନୂଆ ଗାଁକୁ ଯାଉଥିଲ ? ଚାଲ କଅଣ ଟିକିଏ ନେଇ ଯାଇଥିବ, ବାଟରେ ଖାଇବ । ସାଥିରେ

ଡାଲି ଗୁଡ଼ିକ ଇତ୍ୟାଦି ନେଇ ଯାଇଥିବ । କାଲିଦିନକ ଇନ୍ତାବନ୍ଦା କରି ଟାଇବ ।

ସୁଦର୍ଶନ—(ସଦେଇ ଆଡ଼କୁ ଅଗ୍ରସର ହୋଇ) ସଦେଇ ଭାଇନା !

ସଦେଇ—(ଚାଲି ଯାଉଥିଲା, ପଛରେ ସୁଦର୍ଶନ ଗଲା) କଅଣ ପଚାରିବ ପଚାରୁ ନ ! ପାଖକୁ ଆସି ପଚାରି ପାରୁ ନାହିଁ ?

ସୁଦର୍ଶନ—ହଁ, ସେଇ ଗୋଟିଏ କଥା ପଚାରୁଥିଲି । କଅଣ ପଚାରୁଥିଲି କେଜାଣି, ନିଜେ ଜାଣି ନି । ଏ ଯୁଗ ଇମିତି ହେଲାଣି ଯେ ମଣିଷ ମଣିଷକୁ ପଚାରି ମଧ୍ୟ ପଚାରୁ ନାହାନ୍ତି । କହିବାକୁ ଇଚ୍ଛା କରି କହିପାରୁ ନାହାନ୍ତି । କଅଣ କହିବି ? କଥାଟା ସ୍ପଷ୍ଟ ହେଉନାହିଁ ।

ସଦେଇ—କହିବ ଫେଡ଼ି କୁହ, ଏତେଗୁଡ଼ାଏ କଥା କହି ନାକ କେଉଁଠି ବୋଲି ପଚାରିଲେ, (ଅଭିନୟ ଢଙ୍ଗରେ) ହାତ ବୁଲେଇ ଦେଖେଇବା ଦରକାର ନାହିଁ । ମୋର ସମୟ ମଧ୍ୟ ନାହିଁ ଶୁଣିବାକୁ । ତମେ ଦେଖୁଚ ଘରଟା ଯାକର କାର୍ଯ୍ୟ ହେଉଚି ।

ସୁଦର୍ଶନ—ମୁଁ ପଚାରୁଥିଲି, ସତରେ ଅଜା କଅଣ ବିବାହ କରିବେ ?

ସଦେଇ—ଅଜା ବିବାହ କରିବେ କି ନାହିଁ ବୋଲି ପଚାରୁଚ ତ ? ତମେ ତାଙ୍କ ସାଥିରେ ଜଗତ ଯାକର କଥା ଆଣି କହି ହେଉଚ, ଏତିକ ପଚାରି ପାରୁନ ? ତମେ ନୂଆ ଗା ଟିକ ପରା, ଚାଲ । କାଳିକା ଆସିଲେ, କଥାଟା ପଚାରିବ । (ପ୍ରସ୍ଥାନ)

ସୁଦର୍ଶନ—(ପଛରୁ) ମୁଁ ପଚାରୁଥିଲି କଅଣ କି !

ସଦେଇ—(ପଛକୁ ନ ଗୃହିଁ) ନାହିଁ ହେ, ତମେ କଅଣ ପଗୃରୁଚ, ମୁଁ ସେ କଥା ବୁଝିପାରୁ ନି । ଆଜ ତମେ ନୂଆ ଗାଁ ଯିବ କ ନାହିଁ କହିଲ ! (ଭିତରକୁ ଗୃଲିଗଲ)

ସୁଦର୍ଶନ—(ସ୍ୱଗତ)—ମୋର ବାହିଁକ ଗୋଟାଏ ସନ୍ଦେହ ହେଉଚ । ନନ୍ଦବୋଉ ସ୍ତ୍ରୀ ଲୋକଟି ବଡ଼ ସୁନ୍ଦର କର କଥାଗୁଡ଼ାକ କହିଲ ତ !

ବ୍ରଜ—(ପ୍ରବେଶ କର) କରେ ସୁଦର୍ଶନ ! ତାହାହେଲେ ଆଜ ଆଉ ଯିବୁ ନାହିଁ । ନ ଯିବୁ ଯଦ ଏତେ ଚେଷ୍ଟା କରିବାର କଅଣ ଅଛି ? ଆସ ଏଠି ବସିବା, ଅନେକ ବିଷୟ ବିଗ୍ୱର କରିବାକୁ ଅଛି ।

ସୁଦର୍ଶନ—(ତକିଆରେ ବସି) (ବମ୍ରିତ ହୋଇ) ମୁଁ କଅଣ ଭାବୁ-ଥିଲି କି ଅଜା, ଆପଣ ଯଦ ଅନୁମତି ଦେବେ, ଛକର ଫାକର ଗୋଟାକର ଚେଷ୍ଟା କରନ୍ତି । କେତେକାଳ ଆଉ ଆପଣଙ୍କ କାନ୍ଧ ଉପରେ ଇମିତ ଭରା ଦେଇ ରହିବ । ଆଉ ଗୋଟାଏ କଥା ମଧ୍ୟ ଭାବୁଚ ।

ବ୍ରଜ—କଅଣ ଭାବୁଚୁ ?

ସୁଦର୍ଶନ—ଆମ ଗାଁର କେତେଜଣ ମିଶି ଥିଏଟର ଦଳ ଗଢ଼ିଥିଲେ, ମୁଁ ସେଥିରେ ଥିଲି । ବୋଉ ମରିଯିବା ପରେ ଘରେ ବସି ରହିବା ଅସମ୍ଭବ ହେଲ । ଥିଏଟରରେ ତ ଥିଲି । ମୋର ଅବୃତ୍ତି ଇତ୍ୟାଦ ଭଲ ହେଉଥିଲ ବୋଲି, ଡ୍ରାମାମାଷ୍ଟ୍ରେ କହୁଥିଲେ । କନ୍ତୁ ସେ ଦଳ ଭାଙ୍ଗିଗଲ । ମୁଁ ଯଦ ରେଡ଼ିଓ ଅନୁଷ୍ଠାନକୁ ଯାଇ କହନ୍ତି, ସମସ୍ତ ଆଉ ସୁବଧା ଦେଖି କିଛି ପଢ଼ାପଢ଼ି କର ଘରେଇ ଗୃହକୁପେ—

ବ୍ରଜ—ପରୀକ୍ଷା ଦିଅନ୍ତୁ, ତା ପରେ ଯାଇଗଲେ ବଡ଼ ୱ୍ୱକଶ୍ପ ଗୋଟାଏ କରନ୍ତୁ । ଏ ସବୁ ତ ହୁଅନ୍ତା । ଏ ଘରର ବିଷୟ କିଏ ଦେଖନ୍ତା ? ମୋ ନନା ତାଙ୍କର ପୈତୃକ ଜମି ପାଞ୍ଚ ଏକରକୁ କୋଡ଼ିଏ ଏକର କରିଥିଲେ । ନନା ତାଙ୍କ ଝିଅ ପ୍ରତି ବିଚାର କିମ୍ବା ଅବିଚାର କରି ବଡ଼ ଗରିବଘରେ ବିବାହ ଦେଇଥିଲେ । କହିବାକୁ ଲଜ୍ଜା ବୋଧହେଉଛି, ମୋର ଭଉଣୋଇଁ କଲିକତାର କୌଣସି ବଙ୍ଗାଳିଘରେ ରାନ୍ଧୁଣିଆ ହୋଇ ରହିଥିଲେ । ସେମାନଙ୍କର ଏକମାତ୍ର ସନ୍ତାନ ତୋ ବୋଉ ଅନସୂୟା । ଭାଇଭଉଣୀ ହିସାବରେ ଆମ ଭିତରେ କୌଣସି ଆନ୍ତରିକ କିମ୍ବା ବାହାର ସମ୍ବନ୍ଧ ନ ଥିଲା । ମୁଁ ଥିଲି ଧନୀ ଭାଇ, ଆଉ ସେ ଥିଲା ରାନ୍ଧୁଣିଆର ଧର୍ମପତ୍ନୀ । ସେ କଥା ଭାବିଲେ ଏବେ ମଧ୍ୟ ମୋର ଅନୁତାପ ହେଉଛି । ସେଇ ଭଉଣୀର ନାତି ତୁ । ତୋ ପାଇଁ କିଛି କରିବା ଆବଶ୍ୟକ ମନେକରୁଛି ।

ସୁଦର୍ଶନ—ବୋଉ ତ ମତେ ଏ ସବୁ କଥା କେବେ କହିନାହିଁ !

ବ୍ରଜ—ମୋର ମନେହେଉଛି, ତାଙ୍କର ଦହମୁଣ୍ଡାଳୀ ଗାଁରେ ତୋ ବୋଉର ବିବାହ ଦେଇଥିଲେ । ତା ପରେ ନାନୀଙ୍କର ଦେହାନ୍ତ ହୋଇଯିବା ଶୁଣିଲି । ଭଉଣୋଇଁଙ୍କର କଅଣ ହେଲା, ସେ ସମ୍ବନ୍ଧରେ ଅଉ କୌଣସି ସମ୍ବାଦ ପାଇ ନାହିଁ । ସେ କଥା ଉଠେଇ ଆଲୋଚନା କରିବାକୁ ଇଚ୍ଛା ହେଉନାହିଁ । ଭାବିଲେ ମନ ବ୍ୟଥିତ ହୋଇ ଉଠୁଛି । ତୁ ଆସିବାଠୁ ମୋ ଭିତରେ ମୋର ଜୀବନ-ଇତିହାସ ଜୀବନ୍ତ ହୋଇ ଉଠିଛି । ଭଉଣୋଇଁଙ୍କ ଖବର ତ ଆଉ ପାଇନାହିଁ ।

ସୁଦର୍ଶନ—ବୋଉ କହୁଥିଲା, ତା ବୋଉ କଅଣ ଗୋଟାଏ ରୋଗରେ ପଡ଼ି ମରିଗଲା । ତା ନନା କଲିକତାର ହିନ୍ଦୁ-ମୁସଲମାନ ଲଢ଼େଇ ସମୟରେ ମରିଗଲେ ।

ବ୍ରଜ—ତୁ ଆସିବା ପରେ ମୁଁ ଯିମିତି ଅତୀତର କଥାଗୁଡ଼ାକ ଭାବୁଚି, ଇମିତି କରି କେବେ ଭାବି ନ ଥିଲି । ନାନୀ ମରିଗଲା ପରେ ମୋ ବୋଉ ନନାଙ୍କର ବୋଧହୁଏ ଅନୁତାପ ହୋଇ-ଥିଲା । ସୁତରାଂ ସେମାନେ ମୋ ଉପରେ ଏ ଘରର ଭାର ଦେଇ ଚାଲିଗଲେ ଶ୍ରୀବୃନ୍ଦାବନ । ସେଇଠାରେ ହିଁ ସେମାନେ ଦେହତ୍ୟାଗ କଲେ । ସେଇ ଆଡ଼କୁ ମୋ ମନ ଆକର୍ଷିତ ହେଉଛି ।

ସୁଦର୍ଶନ—ବୋଉ ଥିଲେ, ମୋତେ କିଛି ଗୋଟାଏ କରିବାକୁ ପରାମର୍ଶ ଦେଇଥାନ୍ତା । ଶେଷ ପର୍ଯ୍ୟନ୍ତ କିଛି ନ କହି ଆପଣଙ୍କ ଉପରେ ନିର୍ଭର କରିବାକୁ କହିଲା; କିନ୍ତୁ ମୁଁ ବି ତ ଗୋଟାଏ ମନୁଷ୍ୟ । ବୁଝିଲେ ନାହିଁ । ଇମିତି ଭାବରେ ଖାଇପିଇ ବଞ୍ଚିବା ଅପେକ୍ଷା କୌଣସି ଗୋଟାଏ କର୍ମକ୍ଷେତ୍ରକୁ ଚାଲିଯିବା ଭଲ ବୋଲି ଚିନ୍ତା କରୁଚି, କିନ୍ତୁ କିଛି ସ୍ଥିର କରିପାରୁ ନାହିଁ ।

ବ୍ରଜ—ଏ ଘରଟାକୁ ତୋର କର୍ମକ୍ଷେତ୍ର ବୋଲି ଭାବିଲେ କଅଣ ହେବ ନାହିଁ ? ମତେ ତୋର ଆପଣାର ବୋଲି ଭାବିଲେ ମୋର ସବୁ କଥା ତତେ ଭଲ ଲାଗିବ ।

ସୁଦର୍ଶନ—ଭାବିବା ଅର୍ଥାତ୍ କଳ୍ପନା କରିବା—

ବ୍ରଜ—କଳ୍ପନାରୁ ହିଁ ବିଶ୍ୱଜଗତର ଆବିଷ୍କାର ଘଟିଚି ସୁଦର୍ଶନ ! କଳ୍ପନା କରି ହିଁ ପୃଥିବୀକୁ ପୃଥିବୀ ବୋଲି ମୁନିମାନେ ନାମ

ଦେଇଚନ୍ତି । ଏହା ଆଗରୁ ଯେତେ ବିଦ୍ୟା ଅଧ୍ୟୟନ କରିଥିଲି, ସେ ସବୁ ଜ୍ଞାନବୀଜ ହୃଦୟ-ମରୁଭୂମିରେ ପଡ଼ିଥିଲା । ତୋର ସାନ୍ନିଧରେ ହୃଦୟକ୍ଷେତ୍ର ହୋଇଯାଇଛି ଉର୍ବର । ମନେ-ହେଉଛି, ମୋ ହୃଦୟକଳ୍ପତରୁରେ ପତ୍ର କଅଁଳି, ଫୁଲ ଫୁଟିଛି; ସୌରଭରେ ମୋ ଘର ଅଗଣା ଭରିଯାଇଚି । ତୁ ଏ ଘରୁ ଚାଲିଗଲେ ମୋର ନନ୍ଦନବନ ମଉଳିଯିବ ।

ସୁଦର୍ଶନ—ମନେ ହେଉଚି, ଆପଣ ଜଣେ କବି—

ବ୍ରଜ—ଜଣେ କବି ତ ନିଶ୍ଚୟ ! କିନ୍ତୁ ଯାହା ଲେଖିଚି, ସବୁ ପୁନରାବୃତ୍ତିରେ ଭରି । କାବ୍ୟ, କବିତା, ଗଳ୍ପ, ନାଟକ, ଉପନ୍ୟାସ, ସବୁଥିରୁ ଲେଖିଚି । କିନ୍ତୁ ବର୍ତ୍ତମାନ ମନେହେଉଚି କେବଳ ପାଲବତ୍ତାଗୁଡ଼ାଏ ସୃଷ୍ଟି କରିଚି । ସେ ଗୁଡ଼ାକ କାବ୍ୟ, କବିତା, ଗଳ୍ପ-ନାଟକ କିଛି ନୁହେଁ । ଏବେ ତୁ ଆସିଲୁଣି, କିମିତି କରି ଲେଖିବାକୁ ହେବ, ଏକାଠିରେ ବସି ଆଲୋଚନା କରିବା ।

ସଦେଇ—(ଆସି) ଆଜ୍ଞା, ତାଙ୍କର ନୂଆ ଗାଁ ଯିବା କଥା କୁଆଡ଼େ ଉଡ଼ିଗଲା ! ତା ବଦଳରେ ଅନ୍ୟ କଥା ପଡ଼ିଚି । ଗଦେଇ ଲୋକେ ଅନେକ ରହିଥିବେ । କ୍ଷେତ ଧାନ ଚିରିଗଲାଣି । ଇଏ ଯଦି ନ ଯିବେ, ଗୋପାଳକୁ କହିଦେଇ ଆସିବି । ଗୋପାଳ ଯିବ ତାଙ୍କର ଧାନକଟା ହେଉଚି ।

ବ୍ରଜ—ଯା ତେବେ ସଦେଇ, ଗୋପାଳକୁ କହିଦେବୁ ।

ସଦେଇ—ସେଇ କଥା ଆଗରୁ କହିଥିଲେ ତ ଯାଇଥାନ୍ତି । (ପ୍ରସ୍ଥାନ

ସୁମନା—(ଆସୁ ଆସୁ) ମଉସା-ବାପା, ଆପଣ କହୁଥିଲେ, 'ମଥୁରା' ମଙ୍ଗଳ'ଟା ପଢ଼ିବାକୁ, ପଢ଼ିଲି । କିନ୍ତୁ ଯମୁନା ଜଳରେ ଅକ୍ରୂର ଶ୍ରୀକୃଷ୍ଣଙ୍କୁ କମିତି ଦେଖିଲେ—ଏଇ କଥା ହିଁ ପଚାରିବାକୁ ଆସିଥିଲି । (ସୁଦର୍ଶନକୁ ଦେଖି ଚକିତ ଦୃଷ୍ଟି ଦେଇ ଫେରି ଯାଉଥିଲା)

ବ୍ରଜ—ଆ ସୁମନା, ଏଠି ବସି ଶୁଣିବୁ କହିବୁ ।

ସୁମନା—(ଦୁଆର ପାଖରୁ) ଆପଣ ଆପଣଙ୍କର ନାତିଙ୍କୁ ଧରି ବସି-ଛନ୍ତି, ପାଖରେ ଆଉ ଜଣେ ବସିଲେ ଅସୁବିଧା ହେବ ।

ବ୍ରଜ—ସେ ମୋର ନାତି, ତୁ ମୋର ନାତୁଣୀ । ନାତୁଣୀ-ନାତି କଅଣ ଏକାଠି ବସନ୍ତି ନାହିଁ ? ଆ ବସିବୁ । ଦି ଜଣଙ୍କୁ ଚିହ୍ନାଚିହ୍ନି କରେଇଦେବି ।

ସୁମନା—ନାହିଁ ମଉସା-ବାପା, ମୁଁ ଯାଉଛି । ଆପଣଙ୍କର ଦୁଃଖ-ସୁଖ କଥା କହାକୁହି ଶେଷ ହେଉ । ମୁଁ ପୁଣି ଥରେ ଆସିବି । (ପ୍ରସ୍ଥାନ)

ବ୍ରଜ—ସୁମନା ଘରକୁ ଚାଲିଗଲାଣି, ଆଉ ବର୍ତ୍ତମାନ ଆସିବ ନାହିଁ । ଚାଲ ସୁଦର୍ଶନ, ଆମେ ବି ଘରେ ବସିବା ।

———

## ଦ୍ୱିତୀୟ ଅଙ୍କ

[ ପ୍ରଥମ ଦୃଶ୍ୟ

ସ୍ଥାନ—ଦାମ ରଥଙ୍କ ବାସଗୃହ । ସମୟ—ସନ୍ଧ୍ୟା ।

ଦାମ—(ପ୍ରବେଶ କରି) ଘରେ ପଶୁ ପଶୁ ଦାରିଦ୍ର୍ୟ ଭେକାଲ କୁକୁର ପରି ଝିଙ୍କାରି ହୋଇ ଆସୁଛି । ଏଇକ୍ଷଣି କା ସୁମବୋଉ ଆସ କହିବ । ଘରେ ତରକାରି ପାଇଁ ପରିବା ନାହିଁ । ଘିଅ ନାହିଁ, ଗୁଡ଼ ନାହିଁ । ପିଲାଟା ପାଇଁ ଔଷଧ ଟିକିଏ ଆଣିଲି ନାହିଁ । ଝିଅର ଶାଢ଼ୀଟା ଚିରିଗଲାଣି । ପୁଅର ଖଣ୍ଡିଏ ଶାର୍ଟ ଅଛି—ସ୍କୁଲକୁ କେମିତି ଯିବ ? ତୁମର ଲୁଗା ନାହିଁ । ଏ ନାହିଁ ଶବ୍ଦର ଆଉ ସୀମା ନାହିଁ । ଏ ନାହିଁ ଶବ୍ଦ ଶୁଣି ଶୁଣି କାନ ବଧିରେ ଗଲାଣି । ଘର ଅପେକ୍ଷା ଚଣ୍ଡୀମଣ୍ଡପରେ ବସି ନଟ, ଗୌର, ପଦନ ସାଙ୍ଗରେ ହୁଙ୍କା ଖାଇ ତାସ ଖେଳିବାକୁ ଆହୁରି ଭଲ ଲାଗୁଛି । ଯାଉଛି, ଅଜ ଯେବେ ଏ ବୁଲି ଆସିବ । ସେ ଘରେ ପିଲାଏ କେଁ କେଁ କରୁଚନ୍ତି, ସୁମ-ବୋଉ ଆସି ସେଇ ନାହିଁ କଥା ଆରମ୍ଭ କରିବ । (ପ୍ରସ୍ଥାନ)

ସୁମନା—(ଅସି) ମଉସା-ବାପାଙ୍କ ଘରକୁ ସୁଦର୍ଶନ ଆସିବାଠୁ ମୁଁ ସେଠିକି ଯାଇପାରୁ ନି । କାହିଁକି ଯାଇପାରୁ ନି, ତାହା ମଧ୍ୟ କହିପାରିବ ନି । ମଉସା-ବାପା ନାତୁଣୀ ବୋଲି ଡାକ

କେତେ ଥଟ୍ଟା-ପରିହାସ କରନ୍ତି । ମତେ ପଢ଼େଇ ଦିଅନ୍ତି । ଗୀତ ଗାଇବାକୁ କହୁଥାନ୍ତି । କେତେ ପୋଥିରୁ, କେତେ-ପୁରାଣରୁ କଥା ଉଠେଇ ଆଣି ମତେ କହନ୍ତି । ମୁଁ ଫୁଲ ଗୁନ୍ଥି ନେଇ ଦିଏ ତାଙ୍କ ଦିଅଁଙ୍କ ପାଇଁ । ସେଇ ଅଭ୍ୟାସରୁ ଏବେ ମଧ୍ୟ ସେ ଘରକୁ କେତେବେଳେ ଟିକିଏ ପଳେଇ ଯିବାକୁ ଇଚ୍ଛା ହେଉଛି । ଯେତେ ଥର ଗଲିଣି, ସବୁଦିନେ ସେଇ ସୁଦର୍ଶନଙ୍କ ସାମନାରେ ପଡ଼ିଯାଉଛି । ତାଙ୍କୁ ଦେଖିଦେଲେ ପଛକୁ ନ ଚାହିଁ ଧାଇଁ ପଳେଇ ଆସୁଛି । କାହିଁକି ଧାଇଁ ଆସୁଛି, ତାହା ମଧ୍ୟ ଜାଣିପାରୁ ନି ।

ଗୋପାଳ – (ପ୍ରବେଶ) ନାନୀ, ଏ ନାନୀ ! (ଗୋପାଳର ବୟସ ବାର-ତେର ହେବ)

ସୁମନା — କ ରେ ? କଅଣ କହୁଛୁ, ଖାଲି ନାନୀ ନାନୀ ହେଉଛୁ !

ଗୋପାଳ—(କାନ ପାଖରେ) ମଉସା-ବାପାଙ୍କ ଘରର ସୁଦର୍ଶନ ତୋ କଥା ପଚାରୁଥିଲେ ।

ସୁମନା – (ଗମ୍ଭୀର ସ୍ୱରରେ) ଦେଖୁଛୁ, ନନା ବୋଉଙ୍କର ଅବସ୍ଥା । ନନା ତାଙ୍କ ବାପ-ମାଆଙ୍କ ଗେହ୍ଲାପୁଅ ହୋଇଥିଲେ । ସେଇ ଅଭ୍ୟାସରୁ ଏବେ ମଧ୍ୟ ସେ କିଛି ରୋଜଗାର କରୁ ନାହାନ୍ତି । ତୋର ତ ମଧ୍ୟ ବୟସ ହେଲାଣି । ମୋଠୁ ବର୍ଷ ଗୋଟାକର ସାନ । ଆଜିକାଲି ଲୋକେ ପାଠପଢ଼ି ଟଙ୍କା-ପଇସା ଉପାର୍ଜନ କରୁଛନ୍ତି, ତୁ ମନ ଦେଇ ନ ପଢ଼ିଲେ କିଛି ହେବ ନାହିଁ । ମୁଁ ଏବେ ବୁଝୁଛି । ଆମମାନଙ୍କୁ ଏ ଘରର ଦାୟିତ୍ୱ ବହନ କରିବାକୁ ହେବ । ମଉସାବାପା ମତେ ଯେଉଁ ଶିକ୍ଷା ଦେଇଛନ୍ତି, ସେଥିରେ ମୁଁ ଅନେକ

କଥା ବୁଝିପାରୁଚ । ମଉସାବାପାଙ୍କ ନାତି ସୁଦର୍ଶନଙ୍କ ସାଙ୍ଗରେ ପାଠ ଗୀତ ଆଲୋଚନା କରିବୁ । ମୋ ଉପରୁ କଅଣ କହିଲେ, ନ ଶୁଣିଲା ପରି ରହିଯିବୁ । ବୁଝିଲୁ ?

ଗୋପାଳ—ତୁ ସବୁବେଳେ ପଢ଼ିବାକୁ କହୁଚୁ । ଲଣ୍ଠନଟା ଜାଳି ଚଢ଼ି ବସିବାକୁ ଘରେ କିରାସିନ ନାହିଁ ।

ସୁମନା—ମୁଁ ପରା ସେଇ କଥା ଏଇକ୍ଷଣି କହୁଥିଲି । ମଉସା-ବାପା କହୁଥିଲେ, କେତେ ପିଲା ଅନ୍ୟ ପାଖରେ ରାନ୍ଧୁଣିଆ ହୋଇ ରହି ପାଠ ପଢ଼ି ବଡ଼ ଲୋକ ହୋଇଚନ୍ତି । ମଉସା-ବାପାଙ୍କ ଦାଣ୍ଡଘରେ ଲଣ୍ଠନ ଜଳୁଥିବ, ବସିକରି ପଢ଼ିବୁ ଯା; କିନ୍ତୁ ଦେଖ, କାହା ସାଙ୍ଗରେ ଗପ କରିବୁ ନାହିଁ । ଯାଉଚୁ ?

ଗୋପାଳ—ହଁ, ଯାଉଚି । (ପ୍ରସ୍ଥାନ)

ସୁମନା—(ଚିନ୍ତିତା ହୋଇ) ମୁଁ ଯାହା ଦେଖୁଚି, ଜନା ତ ମୂର୍ଖ ନୁହନ୍ତି । ଇଚ୍ଛାକଲେ ଗାଁ ପାଠଶାଳାରେ ଶିକ୍ଷକ ହୋଇ ପାରନ୍ତେ । ଭୂମିବାଡ଼ି ଯାହା ଅଛି ଚାଷ କଲେ, ଧାନ, ମୁଗ ଆସନ୍ତା । ଆମର ଏତେ ଅଭାବ ହୁଅନ୍ତା ନାହିଁ । ମୋ ଜନା ଭଲ ବୁଦ୍ଧି କରି ଭଲ ବିବେଚନା କରନ୍ତୁ, ଗାଁର ସମସ୍ତେ ତାଙ୍କ ଭଲପାଇ ପ୍ରଶଂସା କରନ୍ତୁ । ଏଇଥିପାଇଁ ଈଶ୍ୱରଙ୍କ-ଠାରେ ମୁଁ କେତେ ପ୍ରାର୍ଥନା କରୁଚି । କେବେ ସେ କଥା ହେବ ?

ସୁମବୋଉ—(ଶିଶୁପୁତ୍ରକୁ ଧରି ପ୍ରବେଶ) ସୁମ !

ସୁମନା—କଅଣ ବୋଉ ?

ସୁମବୋଉ— ପିଲଟା ଆଜ ଶୋଉ ନି । ଗୋପାଳକୁ ପଠେଇଥିଲେ ବୈଦ୍ୟଙ୍କଠୁ ଔଷଧ ଟିକିଏ ମାଗି ଆଣିଥାନ୍ତା ।

ସୁମନା—ଗୋପାଳ ଏଇକ୍ଷଣି ଆସିଥିଲା ବୋଉ ! ମୁଁ ତାକୁ ପଡ଼ିକ ବୋଲି ପଠେଇଦେଲି । ଏଇ ତ ଦୁଆରମୁହଁରେ ଥିବ । ଯାଉଚି ବୈଦ୍ୟଙ୍କ ପାଖକୁ ପଠେଇ ଦେବି । (ପ୍ରସ୍ଥାନୋଦ୍ୟମ)

ସୁମବୋଉ– କଣ୍ଢିବୁ କଫ ସର୍ଦ୍ଦି ହୋଇ ଜର ହୋଇ ଯାଇଚି ।

ସୁମନା – ହଁ; ମୁଁ ସେଇକଥା କହିବି । (ପ୍ରସ୍ଥାନ)

ସୁମବୋଉ—ରୂପ-ଗୁଣରେ ଲକ୍ଷ୍ମୀ ପରି ଝିଅ ଜନ୍ମହେଲା । କେଡ଼େ ଦୁଃଖସୁଖ ବୁଝିବା ହୃଦୟ । ଭଗବାନ କରନ୍ତେ ଭଲ ବର ଘରଟିଏ ମିଳଯାଆନ୍ତା । ତା ସୁଖଦୁଃଖ ନେଇ ତାର ସେ ସଂସାର କରନ୍ତା । କଅଣ କରିବି ? ଇଏତ ତ କଥା କହୁ ନାହାନ୍ତି । ପିଲାଙ୍କୁ ମୁଁ ଏ କଥା କେବେ କହୁନାହିଁ ।

ସୁମନା— ଫେରିଆସି) ଜର ହେଲେ ସେକ ଦେବାକୁ ମଉସା-ବାପା କହନ୍ତି । ମୁଁ ଉଦ୍ଲେଇଟା ଆଣି ଦେଉଚି; ଟିକଏ ସେକ ଦେ । (ପ୍ରସ୍ଥାନ)

ସୁମବୋଉ—ଇମିତି ଗୁଣର ଝିଅ ଯେ ଭାଇଭଉଣୀଙ୍କୁ ମାଆଠୁ ଅଧିକ କରି ପାଳଚି । ଏ ପିଲଗୁଡ଼ାକ କଅଣ ବୁଝିଚନ୍ତି କି ! ସବୁଗୁଡ଼ାକ ତ ଗ୍ଲେଠ ଗ୍ଲେଠ, ଏଡ଼କ ଏଡ଼କ ହୋଇଚନ୍ତି, ବଡ଼ ହେଲେ ଜାଣିବେ ।

ଗୋପାଳ—(ପ୍ରବେଶ) ହେଇଟି ବୋଉ, ଔଷଧ ଆଣିଲି । ପଚାରିଲେ କଷ୍ଟେ ହେଉଚି ବୋଲି କହିଲି । ପଞ୍ଚକୁଳ ପାଚନ ଟିକଏରେ ଏଥିରୁ ଢ'ଉଳ ଗୋଟିଏ ଗୋଟିଏ ଦେବୁ ।

(ଔଷଧ ଦେଇ ପ୍ରସ୍ଥାନ)

ସୁମବୋଉ—ଯାଉଚି ଦେଖିବି, ସକାଳେ ଔଷଧଟା ସିଝେଇଥିଲି, ଥିବ ଯଦି ଔଷଧଟା ଦେଇଦେବି । (ପ୍ରସ୍ଥାନ)

ସୁମନା—(ପ୍ରବେଶ) ଡାଲି ଆଉ ଭାତ ବସେଇ ଦେଇଚି । ଗୋପାଳଟା ବଡ଼ ହେଲାଣି, ତରକାରି ଟିକିଏ ମାଗିଲେ ନ ଦେଇ ରହିପାରୁ ନାହିଁ । ଯାଉଚି, ବାରି ଗଛରେ ନଡ଼ିଆ ଥିଲା; ଗୋଟେ ଭାଙ୍ଗି ଭଜା କରିଦେବି । (ପ୍ରସ୍ଥାନ)

ସୁମବୋଉ—(ପିଲାକୁ ଶୁଆଇଦେଇ ପ୍ରବେଶ) ସୁମଟା ମୋର ଧନ-ରତ୍ନ କାମ କରୁଚି । କୋଉଠି କେମିତି ଭଲ ମଣିଷଟିଏ ମିଳିବ; ତା ହାତରେ ତାକୁ ଦେଇ ଦେବି । ମୁଠେ ଖାଇ, ଖଣ୍ଡେ ପିନ୍ଧି ତା ସୁଖରେ ସେ ରହିବ । ଯାଉଚି, ଆଜି ଥରେ ସେଇଟା କାନ୍ଦିଲାଣି ।

ନନ୍ଦବୋଉ—(ଆସୁ ଆସୁ) କଅଣ କରୁଚୁ ଲୋ ସୁମବୋଉ ? ଘରୁ-ଟାରେ ମନ ରହିଲା ନାହିଁ । ସାହିର ଏ ମାଇପି ଗୁଡ଼ାକ କ ହଟହଟା ଗାଳି କାଟୁଣି ହୋଉଚନ୍ତି । ଛି ଛି ଛି ! ମୁହଁକୁ ଚାହିଁବାକୁ ମନ ହେଉ ନି ! କହିଲି, ଯାଉଚି ସୁମବୋଉ ସାଥିରେ ଦୁଃଖସୁଖ ଦି' ପଦ ହେଇ ଆସିବି । ଗାଁ ଗୋଟା-ଯାକ ଖୋଜିଲେ ତୋ ପରି ଏମିତି ମଣିଷଟା ମିଳିବ ନାହିଁ ଲୋ ସୁମବୋଉ ! ଯିମିତି ସୁନ୍ଦର, ସିମିତି ଶାନ୍ତ ।

ସୁମବୋଉ—(ପୁଅକୁ କାଖରେ ଧରି ଆସିଲା) ଜୁହାର ହୋଉଚି ହେ ନନ୍ଦବୋଉ ନାନୀ ! ତମ ଆଶୀର୍ବାଦ ମୁଣ୍ଡରେ ଲଗାଉଚି । ଏ ଆଶୀର୍ବାଦ ମୋର ସମ୍ପଦ ହୋଇଥାଉ । ଭଲ ଶୁଣିବା ଭାଗ୍ୟରେ ଥିଲେ ମିଳୁଚି ନାଁ ?

ନନ୍ଦବୋଉ—ହଁ ଲୋ ସୁମବୋଉ ! ଧନସମ୍ପଦ କଏ କେତେ ମୁଣ୍ଡରେ ଧରି ପଳେଇ ଯାଉଚି ! କଥାଟା ସିନା ରହି ଯାଉଚି ! ସେବକ୍ଷୀବୋଉ ମତେ କହିଲା, ଏଡ଼େ ବଡ଼ ଝିଅଟେ ହେଲାଣି, ମହାପାପ ବୁଢ଼ା ପାଖକୁ ପଠେଇ ଦେଉଚି । ଧିକ ସେ ମାଆକୁ !

ସୁମବୋଉ— ଧିକ୍ ବୋଲି କହିଲେ ଧିକ । ଧନ୍ୟ ବୋଇଲେ ଧନ୍ୟ । ସଂସାରେ କ୍ଷଣକେ କଥା ବଦଳୁଚି । (ଦୁଃଖରେ ଲୁହ ପୋଛୁଣ) କଥାଟା ଯେତେବେଳେ ଘଟୁଚି, ଲୋକେ ବୋଲିବେ ନାହିଁ କାହିଁକି ? ସୁମ ଜନ୍ମ ହେବାଠୁ ତ ସେ ମାଉସୀ ସୁମକୁ ପେଟରୁ ଜନ୍ମକରିବା ଝିଅ ପରି ପୋଷିପାଳି ରଖିଥିଲେ । ସେଇ ଅଭ୍ୟାସରୁ ସେ ଦିନ ସିମିତ ଯିବାଆସିବା କରୁଚି । ମଉସା ତାକୁ ନାତୁଣୀ ବୋଲି ପଢ଼େଇ ଶିଖେଇ ମଣିଷ କରିଛନ୍ତି ।

ନନ୍ଦବୋଉ—ଏ କଥା ମୁଁ କହିଲି ଯେ କଇବଲବୋଉ, ସେବକ୍ଷୀ କଥାକୁ ଦୋହରେଇ, ଦୋହରେଇ, କହି ଲାଗିଲା । କ ପୋଷିଥାଝିଅ ! ବା ଆଉ କୋଉ ଲେଖାରେ ନାତୁଣୀ ? ଇମିତି କେତେ ନାତୁଣୀ ଆମେ ଦେଖିଚୁ । ବୁଝିଲୁ ସୁମବୋଉ, ଲୋକନିନ୍ଦାରୁ କମିତି ପାରି ହେଇ ପା, କୋଉଠୁ ହେଲେ ବରଟିଏ ଖୋଜିଆଣି ହାତକୁ ହ ହାତ କରି ଦେ । ଝିଅ ସୁଖରେ ତାର ସେ ଘର କରୁ ।

ସୁମବୋଉ—ଏଇ କଲ୍ୟାଣଟିକ କରୁଥାଅ ନନ୍ଦବୋଉ ନାନୀ । ପଢ଼ୁଆ ପିଲାଟି ମୋର । କେମିତି ପାଞ୍ଚଟାରେ ଜଣେ ହେଇ ଘର କରୁ । ( ଭିତରେ ଶିଶୁର କ୍ରନ୍ଦନ ) ଦେଖିଲି ପିଲାଟା

କାନ୍ଦଲାଣି । ବସ ହେ ନାନୀ । ମୁଁ ସାନ ପିଲାଟାକୁ ନେଇଆସେ । କଥା ହେବା । ଏ ଘରର ଜଞ୍ଜାଳରେ, କଥା ପଦେ କହିବାକୁ ମଧ୍ୟ ସମୟ ପାଉ ନା ।

ନନ୍ଦବୋଉ—(ସ୍ୱଗତ) ମଣିଷଟା ସତେ କି ଆଶ୍ଚର୍ଯ୍ୟ କଥା । ଏଇ ମଣିଷଟା ଭାବୁଚି ପ୍ରକାରେ, ଆଉ ଥରେ କହୁଚି ଆଉ ପରକାରେ । ମୁଁ ତ ବାଡ଼େଇ ପିଟି ହୋଉଚି, କମିତ କରି କଥା କହିଲେ ସୁମବୋଉ ରାଗରେ ତେଣିବ । ହେଲେ, ମଧ୍ୟ କହି ଜାଣୁଚି କୋଉଠି ? ସୁମବୋଉଟା ପଥର ପରି ସବୁ ସହିଯାଉଚି ।

ସୁମବୋଉ—(ପିଲାକୁ କାନ୍ଧରେ ଧରି ଆସି) ଏଇ କଥା କହିଲେ ମୁହଁ ଖାଇ ବୋଲି ସମସ୍ତେ ଖୁଣି ଦେବେ । ଇଏ ତ ଘରର କୋଉ-କଥା ବୁଝ ନାହାନ୍ତି । ବାପମାଆଙ୍କ ଗେହ୍ଲାପୁଅ ହୋଇ ବଢ଼ି ଆସିଚନ୍ତି ।

ନନ୍ଦବୋଉ—ସେଇଥିପାଇଁ ପରା ମୋ ନନ୍ଦକୁ କଲିକତା ପଠେଇ ଦେଲି । ପୁରୁଷପୁଅ ବାହା ପିଠି ଗୁରି ପଇସା ଅର୍ଜନ କରି ଆଣିବ । ସ୍ତ୍ରୀ ଘରମଣିଷ ପିଲାଙ୍କୁ ଖୁଆଇ, ପିନ୍ଧେଇ ପାଳିବ, ପୋଷିବ । ତାମକୁ ତା ଘର ଆଡ଼କୁ ଯିବାକୁ ମନା କରି ଦେ । ସେ ସଦେଇଟା ଯାହା ଗଜର ଗଜର ହୋଇ ଗାଳି ଦେଉଚି ! କୋଉଦିନ ଦହିପାଣି ଟିକିଏ ଦେଇଥିବ ଯେ, ସାହି ଯାକର ଘରେ କହି ବୁଲୁଚି । ଦୁଧ ନେଉଚି, ଦହି ନେଉଚି । ଆହୁରି ନାଜ କଥା ଲୋ ସୁମବୋଉ ! ହେଇଟି କାଲି ଜନ୍ମ ହେଇଚି ପିଲାଟା ତୋ ସୁମ ! ସଦେଇ କାଞ୍ଚନବୋଉକୁ କହୁଥିଲା, କୋଡ଼ିଏ ବର୍ଷର ଏଡ଼େ ବଡ଼ ଅଂଠ ହେଲାଣି । ସେ ମାଆ ବାପ କମିତି ପଠେଇ ଦଉଚନ୍ତି କେଜାଣି ?

ସୁମବୋଉ—ଜରୁଆ ପିଲା ରହୁନାହିଁ ହେ ନନ୍ଦବୋଉ ନାନୀ। କାଲି ଆଡ଼କୁ ଆସିବ ସେ ବସିବା। ଏଇଠାକୁ ଆଜି ଚାଲି ହେଇ ଯାଇଚ, ଯାଉଚ, ଯାଙ୍କୁ ଶୁଆଇ ଦେଇ ଆସିବି।
(ପ୍ରସ୍ଥାନ

ନନ୍ଦବୋଉ—କଥାଟା ସୁନ୍ଦର କରି ବାନ୍ଧିଲା ପରି କହିଲା ବୋଲି ତ ମନେହେଉଚି। ମୋ ଚନ୍ଦ୍ରମା ନ ଥିବା ଦୁଃଖରେ ଯାହା ଛଟ-ପଟ ହେଉଚି। ସବୁ ତ ଛାର ହେବ, ବୁଢ଼ାଟା ଆଉ କେତେଦିନ ରହିବ ? (ଘର ଆଡ଼କୁ ଅନେଇଁ) (ପିଲାକୁ ଶୁଆଇ ଦେଇ) ଆଲୋ ସୁମବୋଉ, ଆଉ ଟିକଏ ବସିବା। (ସ୍ୱଗତ) ଏକା ଥରକେ ଚଟ୍ କାଠି ର ନିଆଁ ପରି କଥାଟା ବାଜଉ; ଆଉ ଆସିବ କେଉଁଠୁ। ଆସିଲେ, ଆଉ ସୁର ପଦ ଶୁଣେଇଦେବ।

ସୁମବୋଉ—(ପୁଅକୁ ଧରି ପୁଣି ଆସିଲା) ଏ ପିଲା ଶୋଉ ନି ହେ ନାନୀ।

ନନ୍ଦବୋଉ—ଏ ସୁମବୋଉ! ଟିକେ ଧରି ଆ! ସେ କାଞ୍ଚନ-ବୋଉର କଥା ବା! କହୁଚି, ସୁମବୋଉ ଜାଣି ଜାଣି ବୁଢ଼ା ପାଖକୁ ପଠେଇ ଦେଉଚି। ହାତଗୋଡ଼ ଛଡ଼ିଗଲେ ଆଉ କିଏ କାହାର! ବୁଢ଼ାର ଧନସମ୍ପତ୍ତି ତ ଛାର ହେବ। ଇମିତି ଅଘଟଣ କଥାଗୁଡ଼ାକ କହୁଚନ୍ତି ଲୋ ସୁମବୋଉ! ତୁ ଶୁଣୁ ନୁ।

ସୁମବୋଉ—ପିଲା କାନ୍ଦୁଚି। ଅଉ ବୁଝିହେଉ ନି। କାଲିକି ଆସିବ ଯେ, ସବୁ କଥା କହିବ। ପିଲାକୁ ଧରି ଆଉ ଠିଆ ହେଇ ପାରୁ ନି। ଯାଉଚି। କାଲି ଆସିବ। (ପ୍ରସ୍ଥାନ ଉଦ୍ୟମ)

ନନ୍ଦବୋଉ—(ସ୍ୱଗତ) ମୁଁ ସେନା ନାତୁଣୀ ନାତୁଣୀ ହେଉଚି ! ସେ ନାତୁଣୀ ଅପରଚ୍ଛମାର ଯେଉଁ ରୂପ ! ମାଙ୍କଡ଼ ପରି ମୁହଁ । ଖାଲି ଗେହ୍ଲେରଣୀଟା । ମୋ ଘରକୁ ଆସିଲେ ଲୁଚେଇ ଚୋରେଇ ସବୁ ଖାଇ ଦେଉଚି । ବୁଢ଼ୀର ଧନ ପଦାର୍ଥ ମୋ ଝିଅର ହେବ ବୋଲି ଧାଇଁବା କଥା, ଆଉ କଅଣ । ଯାଉଚି, ସେବଣ୍ଟି-ବୋଉ ସାଙ୍ଗରେ କଥା ହେଇ ଆସିବି । ଯା କଥା ତାକୁ, ତା କଥା ଯାକୁ ନ କହିଲେ ମୁଁ ରହିପାରୁ ନାହିଁ । (ପ୍ରସ୍ଥାନ)

ଦାମ—(ପ୍ରବେଶ କରି) ଭାବାବେଶରେ ଡାକିଲାବେଳକୁ ସୁମ-ବୋଉ ଆସି କହିବ ପିଲାକୁ ଜର ହେଇଚି । ସୁମବୋଉ ! ଶୁଣିଲୁ । ଆସିରୁ ! ସୁମବୋଉ ମତେ ଏତେ ଭଲପାଉଚି ଯେ ସେ କଥା ଆଉ କଅଣ କହିବି !

ସୁମବୋଉ—(ପ୍ରବେଶ) କାହିଁକି ଏତେ ଡାକ ହାକ କରୁଚ କହିଲେଟି ସେଇ ଦି'ପହରୁ ଗଣ୍ଡେ ଖାଇ ଦେଇ ବାହାରି ପଡ଼ିଥିଲ ଯେ ଆସୁଚ ଏତିକି ବେଳକୁ । ରାତି ହେଲାଣି । ପିଲାଟାକୁ ଜର ହେଇଚି । ଶୋଇ ନାହିଁ କି ରହୁ ନା । କେଉଁଠି ବସିଥିଲ ?

ଦାମ—କେଉଁଠି ଆଉ ବସିବି ? ଦେଉଳ ବେଢ଼ାରେ ବସିଥିଲୁ, ନଟ, ଗଉର, ପଞ୍ଚୁ ଖେଳ ଝୁଲିଥିଲା, ବୁଝିଲୁ ! ତାସ ଖେଳ । ତା ପରେ ଭାଙ୍ଗପାଣି ତିଆରି ହେଲା । ନଶାଟା ଟିକେ ଧରି ଆସିଲା ବେଳକୁ ମନେ ପଡ଼ିଗଲା ତୋ କଥା । କାହାକୁ କିଛି ନ କହି ଚଳେଇ ଆସିଚି । (ସୁମବୋଉକୁ ଆଲିଙ୍ଗନ କରିବାର ଚେଷ୍ଟା)

ସୁମବୋଉ—(ଘୁଞ୍ଚିଯାଇ) ସାନ ପିଲାଟାକୁ ଜର ହେଇଚି ଯେ ମୋ ମନ ଥିର ନାହିଁ । ସକାଳୁ ଏତେ କରି କହିଲି, ଗଉରିଟାକୁ

ନେଇ ବୃଦ୍ଧଶାଳୀରେ ଗୁଡ଼ିବ ବୋଲି, ଶୁଣିଲ ? ଏ ଯୁଗରେ ଗାଁ-ଗଣ୍ଡାର ପିଲାମାନେ ମଧ୍ୟ ପାଠ-ଶାଠ ପଢ଼ି ଟଙ୍କା ଅର୍ଜି-ଲେଣି । ଗୋପାଳ ସ୍କୁଲକୁ ଗଲା ଯେ କଅଣ ପଢ଼ୁଚି ନ ପଢ଼ୁଚି ପଚୁରିଲ ?

ଧାମ—(ଉଠେଇଲା ପରି ରହି) ମୋର କଥା ତ କହୁଚ, ଘରକୁ ଆସିଲାକ୍ଷଣି ଖାଲି ପିଲାଙ୍କ କଥା । ଇସ୍ପୁ କାଶିଲା, ସିଏ ଛିଙ୍କିଲା, କିଏ ସ୍କୁଲକୁ ଗଲା, ଆଉ ଗଲା ନାହିଁ । ପିଲା, ପିଲା ହୋଉଚ ! ଏଗୁଡ଼ାକ ତତେ ସ୍ୱର୍ଗକୁ ନେଇଯିବେ ?

ସୁମବୋଉ—(ବାଧା ଦେଇ) କିଏ କାହାକୁ ସ୍ୱର୍ଗକୁ ନେଇଯାଉଚି ? ସ୍ୱର୍ଗକୁ ନେବେ ନାହିଁ ବୋଲି ଜନ୍ମ କରିଚ, ସେମାନଙ୍କ ଚିନ୍ତା କରିବ ନାହିଁ ଆଉ କିଏ କରିବ ? କଅଣ ଏମିତି କହୁଚ ମ !

ଧାମ—ଶୁଣମ; କାହିଁକି ସବୁବେଳେ କଚ କଚ ମିଚ ମିଚ ହେଇ ବିରକ୍ତ ହୋଉଚ । ଆ ବସିବା । (ହାତଧରି ନେଲେ) ।

ସୁମବୋଉ—ଆସିବ, ବସିବ, ଘରେ ପିଲା ପାଞ୍ଚଟା ଜନ୍ମ ହେଇଛନ୍ତି । ଭଲକରି ମୁଠେ ଖାଇବାକୁ ଦେଇ ପାରୁନାହିଁ । ଶୀତଦିନ ହେଲା ଯେ ଭଲ ଲୁଗାପଟ ଦି'ଖଣ୍ଡ ଆଣିଦେଲ ନାହିଁ ।

ଧାମ—(ପିଠିରେ ହାତ ଦେଇ) ଦୁଃଖସୁଖ ଦି'ପଦ କଥା ହେବ ବୋଲି ଧାଇଁଆସିଲି ଯେ, ଖାଲି ଝାଡ଼ୁଝୁଡ଼ୁ ଆଉ ବିରକ୍ତ ହେଉଚ !

ସୁମବୋଉ—(ବାଧା ଦେଇ) ଦୁଃଖ ଆଉ ସୁଖ, ଖାଲି ପାଖରେ ବସି ପଡ଼ିଲେ ଦୁଃଖସୁଖ ହେଇଯାଉଚି କି ? ପନ୍ଦର ଷୋହଳ ବର୍ଷର ଝିଅ ହେଲାଣି; ଘରେ ବସିଚି—

ଦାମ—ଝିଅଟା ଖାଲି ଘରେ ବସିବ ନା ଧନଗତି ଘରର ରନ୍ଧା-
ବଢ଼ା ସବୁ କରୁଚ ? ମୁଁ ତ ଅଳସୁଆ ହୋଇଗଲି । ପିଲାଏ
ତୋଠୁ ଭଲ ଗୁଣ ଶିଖନ୍ତୁ ।

ସମବୋଉ—ଦେଖିଲ କମିତି କଥା କହୁଚନ୍ତି ! ଝିଅ ବଡ଼ ନ
ହୋଇ ରହିଚ ବୋଲି କହିଲି ଯେ, ଏ କହୁଚନ୍ତି ରନ୍ଧାବଢ଼ା
କରୁଚ । ଇମିତି କଥାଗୁଡ଼ାଏ କଥା ତିଆରି କରିବାରେ ତ ତମର
ଦିନ ଯାଉଚ, ଆଉ ଭଲକଥା କହିବ କମତି ? ତମଠୁ ପିଲାଏ
ଭଲଗୁଣ ଶିଖିବେ ନା ମୋଠୁ ଶିଖିବେ ? କେବେହେଲେ
ଭଲ କଥା ପଦେ କହିବାକୁ ନାହିଁ ।

ଦାମ—ଭଲ କଥା କହିବ ବୋଲି ପାଖକୁ ଡାକିଲେ ତୁ ଆରମ୍ଭ
କରୁଚୁ ମନ୍ଦ କଥା । ଆ, ଆ, ସବୁ କଥା ତତେ ବୁଝେଇ
କହିବି । (ଆଲିଙ୍ଗନ କରି) ଆମେ ଆନନ୍ଦରେ ରହିବା;
ପରେ, ବାକି ସବୁ କଥା ।

ସୁମବୋଉ—କଅଣ ଇମିତି ହୋଉଚ ! ଧୀରଧୀର ହୋଇ ବସ ।
ବୁଢ଼ା ହେଲଣି—କେତେ ଆଉ ତମକୁ ବୁଝେଇବି ?

ଦାମ—(ବିସ୍ମିତ ହୋଇ) ଏଁ, କଅଣ କହିଲୁ ! ମୁଁ ଏବେ ବୁଢ଼ା
ହୋଇଗଲିଣି । ଦେଖିଲୁ ମୋ ମୁହଁକୁ, ମୁଣ୍ଡଟାକୁ, ଦେଖିଲୁ;
କେଶଗୁଡ଼ାକ ଧଳା ହୋଇଗଲଣି ? ମୁଁ ମୋଟେ ବୁଢ଼ାହୋଇ
ନାହିଁ; ମୋ ମନ ଯିମିତି ସିମିତି କଞ୍ଚା ରହିଚ । ତୁ ମୋତେ
ବୁଢ଼ା କରି ଦେଉଚୁ—

ସୁମବୋଉ—ଝିଅ ବଡ଼ ହୋଇଥିଲେ ନାତିନାତୁଣୀ ହୁଅନ୍ତେଣି ।
ବୁଢ଼ା ହୋଇ ନା ଯେ ଆଉ କଅଣ ହେଇଚ !

ଦାମ—(ଆନନ୍ଦରେ ହସି ହସି, ସୁମବୋଉ ଉପରକୁ ଆଉଜିପଡ଼ି) ସେ ହିସାବରେ ମତେ ବୁଢ଼ା କରି ଦେଉଚୁ ! ବଡ଼ ହୋଇଥିଲେ ହେଇଥାନ୍ତା । ହେଇ ତ ନାହିଁ । ସେ କଥା ଆଜିକ ପାଇଁ ଭୁଲି ଯା ସୁମବୋଉ ! ନୂଆ କରି ଆସିବା ସମୟରେ ମତେ ଯିମିତି ଆଦର କରୁଥିଲୁ, ସିମିତି ମୋ ପାଖରେ ବସ, କାହା ପିଲା କାହାକୁ କଅଣ କରିଦେଉଚନ୍ତି ? ଆମେ ଆମରି ହସିବା, ବସିବା ।

ସୁମବୋଉ—(ଘୁଞ୍ଚିଯାଇ) ସୁମ ପିଲାମାନଙ୍କୁ ଖାଇବାକୁ ଦେଉଚ । କିଏ ଡାଲି ମାଗୁଚ, କିଏ ଭଜା ମାଗୁଚ, ତମ କାନକୁ ଶୁଭୁ ନାହିଁ ?

ଦାମ—ଘରକୁ ଆସିଲାକ୍ଷଣି ସେଇ କଥା ସେଇ କଥା କେତେ ଶୁଣିବି ? ମୋ କାନରେ ପଥର ପଡ଼ିଯାଉ—

ସୁମବୋଉ—ପିଲାଙ୍କ କଥା ଯଦି ନ ଶୁଣିବ, ସଂସାର କରିଥିଲ କାହିଁକି ?

ଦାମ—(ହସି ହସି) ମୁଁ କାହିଁକି ସଂସାର କରିବି ? ତୋର ତୁ ସଂସାର କରୁଚୁ । ସତ କଥା କହିବି ଯଦି ରାଗିବୁ । ବୁଝିଲୁ, ମୁଁ ବଡ଼ ନିଶ୍ଚିନ୍ତିଆ ମଣିଷ । ପିଲା ଜନ୍ମ ହେଇଚନ୍ତି, ସେମାନଙ୍କୁ ଭଗବାନ ବଞ୍ଚେଇବେ । କେବଳ ଥରେ ଥରେ ଗୋଟିଏ କଥା ନେଇ ମୁଁ ବ୍ୟସ୍ତ ହେଇ ଯାଉଚି । ଏଇ ଟଙ୍କାପଇସା କଥା, ବୁଝିଲୁ ? ଟଙ୍କା ହାତରେ ଥିଲେ ମହାରାଜା ଯୁଧିଷ୍ଠିର ପରି ବସିଥାଆନ୍ତି ।

ସୁମବୋଉ—ଟଙ୍କାପଇସା ଥିଲେ ନିଶ୍ଚିନ୍ତରେ ଖେଳିବାକୁ ବସିପଡ଼ୁଥାନ୍ତ । ଘରେ ଅଭିଆଡ଼ୀ ଝିଅକୁ ଦେଖି ଦେଖି ମୋ ପ୍ରାଣ କାନ୍ଦୁଚି ।

ଦାମ—ଦେଖି ଦେଖି ପ୍ରାଣ କାନ୍ଦଲେ ଆଖି ବୁଜି ବସିପଡ଼ ।

ସୁମବୋଉ—କଅଣ ଇମିତି ନାଟଯାତ୍ରାର ହାସ୍ୟକାରୀ ପରି ହୋଉଚ ?

ଦାମ—କେଉଁଠି କେଉଁ ନାଟଯାତ୍ରାର ହାସ୍ୟକାରୀ କରି ଯଦି କେହି ରଖିଦଅନ୍ତା, କେଡ଼େ ଖୁସିରେ ରହିଯାଆନ୍ତି !

ସୁମବୋଉ—କେଉଁ କଥାରୁ କେଉଁ କଥାକୁ ଆସିଲଣି । କହିଥିଲି, ସୁମ ପାଇଁ କେଉଁଠି ବରପାତ୍ରଟିଏ ଦେଖିବ ବୋଲି; ସେଇ-କଥା ମୁଁ ପଚାରୁଚି । ଘରର ଦୁଃଖ ମୋର । ବରପାତ୍ର କଥା ଏକାଥରକେ ପାସୋରିଦେଲ ।

ଦାମ—(ନିର୍ବିକାର ଭାବରେ) ବର ଖୋଜିବାକୁ ମୋ ହାତରେ ପଇସା ନାହିଁ କି ଗୋଡ଼ରେ ବଳ ନାହିଁ ।

ସୁମବୋଉ—ଗାଁ ଲୋକଙ୍କର ଥଟ୍ଟାପରିହାସ ତ ତମ କାନକୁ ଶୁଭୁନାହିଁ ? ତମକୁ ସେ କଥା ବାଧୁନି କାହିଁକି ? ଏଇକ୍ଷଣି ନନ୍ଦବୋଉ ଆସି ଯେତେ କଥା ଶୁଣେଇ ଦେଇଗଲେ, ମୋ ଛାତି ଯିମିତି ପଥର ବୋଲି ସହିଗଲା —

ଦାମ—( ସୁମବୋଉ ପିଠିରେ ହାତ ବୁଲେଇ ଆଣି ) ତୋ ଛାତି ପଥର କାହିଁକି ହେବ ସୁମବୋଉ, ? ଫୁଲ ପରି କୋମଳ ହୃଦୟ !

ସୁମବୋଉ—(ବାଧାଦେଇ) ରଖି ଦେଇଥାଅ ସୋହାଗ କଥାଗୁଡ଼ାକ । ଏଡ଼େ ସୁନ୍ଦର ଝିଅକୁ ବର ମିଳୁନାହିଁ ଯେ ଅଭିଆଡ଼ୀ କରି ରଖିଚ ବୋଲି ଲୋକେ ନାକ ଟେକି ନିନ୍ଦା କରୁଚନ୍ତି—

ଦାମ—(ଉତ୍ତେଜିତ ହୋଇ) ଲୋକେ ନିନ୍ଦା କରୁଚନ୍ତି, କାହିଁକି ନିନ୍ଦା କରୁଚନ୍ତି ? ଝିଅକୁ ବାହା କରୁ ନ, ବର ମିଳୁ ନି, ସେଥି-ପାଇଁ ଲୋକେ ନିନ୍ଦା କରୁଚନ୍ତି ! କାଲି ବୋଇଲେ ଝିଅର ବାହାଘର ହେବ । ଖାଲି ମୁଁ ଠିକଏ ସମ୍ବନ୍ଧ ଗଢ଼େଇ ନେଇଚି ।

ସୁମତବୋଉ—( ଆଶାପ୍ରୀତ ହୋଇ ) ସତେ କି ଏ କଥା କହୁ ନା ! କେଉଁଠି କାହା ସାଙ୍ଗରେ କଥା ହୋଇଥିଲ କି ? ପିଲାଟି କମିତି ହୋଇଚି ?

ଦାମ—କାହା ସାଙ୍ଗରେ କାହିଁକି କଥା ହେବ ? ବୋଉ ପିଲାକୁ କାହିଁକି ଦେଖିଯିବ ? ପଡ଼ଶାଘରେ ବର ବସିଚି । ଆମ ଭାଗ୍ୟ ! ରାଜ୍ୟର ଦୁଆର ଭଗବାନ ସ୍ୱ-ହସ୍ତରେ ଖୋଲି ଦେଇଚନ୍ତି । ଆମେ ତା ଭିତରକୁ ଯାଇପାରିଲେ ହେଲା ।

ସୁମବୋଉ—ତମ କଥା ମୁଁ କିଛି ବୁଝି ପାରୁ ନ । ଭାଙ୍ଗ ପିଇ ଆସି-ଥିବ; ଚେତା ନାହିଁ । ମୁଁ ପଚାରୁଚି ବର ଦେଖି ଆସିଲ କି ? ତମେ କହୁଚ ପଡ଼ଶାଘରେ ବର । ନାଁ, ଗାଁ ନାହିଁ । କିଏ ସେ ବର, କାହିଁ କିଛି କହିଲ ନାହିଁ !

ଦାମ—ଯେତେ ଅଧିକ ବୁଦ୍ଧି ହେଲେ କଅଣ ହେବ ? ମୋ ସାଙ୍ଗରେ ଝଗଡ଼ା କଲେ କଅଣ ହେବ ? ସ୍ତ୍ରୀ-ବୁଦ୍ଧି ତ, ଏଠି ସୁନ୍ଦର କରି ବାକ୍ୟ କେତୋଟି ଗଢ଼ି ବୁଝେଇ କହିଲେ ଯାଇ ବୁଝିବ । ଏ ସୁମବୋଉ ! ଶୁଣୁ, ଏଆଡ଼େ ପଡ଼ଶାଘର ବ୍ରଜ ମଉସା ଆମର ଜୋଇଁ ହେବେ । ଏଥର କଥାଟା ବୋଧଗମ୍ୟ ହେଲା ?

ସମବୋଉ—ଏ କଥା ତୁମକୁ କହିଲା କିଏ ସେ ?

ଦାମ—ମୁଁ କହୁଚ । ସଦେଇ କହୁଚ । ଗାଁ ଗୋଠାଯାକର ଲୋକ ଆଗରେ ପଛରେ କଥା ହେଉଚନ୍ତି । ଚୂଡ଼ି, ଶାଢ଼ୀ, ହାର, କାନଫୁଲ, କେତେ କଅଣ ଧରି ଆସିଚି ସୁମନା । ମଉସା କଅଣ ଖାଲାଟାରେ ହେଉଚନ୍ତି ? ମଉସା ଜୋଇଁ ହୋଇଗଲେ ମୋର ସବୁ ଚିନ୍ତା ଘୁଞ୍ଚିଯିବ । ଏକଥା କଅଣ ତୁ ବୁଝୁନୁ ?

ସୁମବୋଉ—ଅଭାବରୁ ତମର ସ୍ୱଭାବ ନଷ୍ଟ ହେଲାଣି । ଲାଜ ସରମର ମୁଣ୍ଡଖାଇ ବସିଲଣି । ମଉସା ବୋଲି ଡାକୁଚ । ତାଙ୍କୁ ଦେଖିଲେ ଭକ୍ତିରେ ମୁଣ୍ଡ ମୋର ମାଟିରେ ମିଶିଯାଉଚି । ତାଙ୍କୁ ଜୋଇଁ ବୋଲି କମନ୍ତି ଆଦର କରିବ ? ମୋ କଥା ତ ଗଲା । ତମେ ବର୍ଷ ଦି'ଟା ହେଲା ନି ତାଙ୍କଠୁ ଧାନ, ଟଙ୍କା ଋଣ ଆଣି ଘରକାର୍ଯ୍ୟ ଚଳେଇଲ । ସେ ମାଗିଲେ ମତେ ଦେଇ ନ ବୋଲି କହିଲ । ସେ କଟକ ଗଲେ, ହଳ ଧନ ତାଙ୍କର ତାଙ୍କ ନାଁରେ ଡିକ୍ରି ହୋଇଗଲା । ମାଲିମୁଦି ଯାହା ଥିଲା, ବନ୍ଧକ ଦେଇ ଶେଷକୁ ତାଙ୍କ ଗୋଡ଼ତଳେ ପଡ଼ି ଟଙ୍କା ଦେଇ ଆସିଲ । ଝଗଡ଼ା କରନ୍ତି ଯେ ପିଲାଏ ଶୁଣିବେ ବୋଲି ପାଟି ଫିଟେଉ ନାହିଁ ।

ଦାମ—ଆଲୋ ପାଗଳୀ, ସେଦିନର କଥା ଆଉ ଅଛି ? ମୁଁ ଯେତେବେଳେ ପଚାରୁଚ, ବଡ ହେବାକୁ ମଉସା ହଁ କରୁଚନ୍ତି ।

ସୁମବୋଉ—ଟଙ୍କା ଧାନ ସବୁ ଅଣିଲ । ଶେଷକୁ କହିଲାବେଳକୁ କହିଲ, ଟଙ୍କା ଆଣି ନି ! ଧାନ ଆଉ ଟଙ୍କା ଅଣି ନ ଥିଲ କି ? ସେଇ ତୁମେ, ମଉସାଙ୍କୁ ନାଁ ଧରି ଡାକିବ ।

ଦାମ—ପାଞ୍ଚଟଙ୍କାର ପୁରୁଣା ଖତ୍ତ ଆଧାନ ଦେଇଥିଲେ ଯେ ବାଉଣ ଟଙ୍କାକୁ ଦାବୀ କଲେ । ମୁଁ ମଧ କହୁଁ ଦେଇ ନାହାନ୍ତି ବୋଲି କହିଲ । ହାତରେ କଅଣ ଥିଲା ଯେ ଶୁଝି ଦେଇଥାନ୍ତି !

ସୁମବୋଉ—ଅସମୟରେ ଆଣି ଖରଚ କରିଦେଲ । ଧାନଗଣ୍ଡିକ ଗୁଣ୍ଡଲ କରି ବର୍ଷେକାଳ ସୁଖରେ ପିଲାଙ୍କୁ ଦେଇ ନିଜେ ଖାଇଲ । କଚେରି ଦୁଆରେ କହିଲ, ମୁଁ ଟଙ୍କା ଆଣି ନି । ଇମିତି ବିଶ୍ୱାସୀ ପୁରୁଷ ତୁମେ ! ତାଙ୍କର ବୟସ ହେଲାଣି—ଆମର ଗୁରୁଜନ ସେ, ମଉସା ମଉସା ବୋଲି ଡାକୁଚ । ତାଙ୍କୁ ଜୋଇଁ ବୋଲି ଡାକିବାକୁ ଯିବ କେଉଁ ମୁହଁ ଧରି ? ପାରିବ ନାହିଁ ।

ରାମ—ନିଶ୍ଚୟ ପାରିବି । ଏଇ ମୁହଁ ଧରି ଜୋଇଁ ବୋଲି ଡାକିବି ।

ସୁମବୋଉ—ମୁଁ କହୁଚି ପାରିବ ନି । ମୁଁ ତାଙ୍କୁ ଗୁରୁଜନ ବୋଲି ମାନୁଚି ।

ରାମ—ମୁଁ ତାଙ୍କୁ ଜୋଇଁ ବୋଲି ମାନିବି । ଏଣୁ ମୁଁ କହୁଚି ଏ କଥା ହେବ ।

ସୁମବୋଉ—କେବେ ହେଇପାରିବ ନି । ମୁଁ ଏ କଥାକୁ ହଁ କରିବି ନି । (ପ୍ରସ୍ଥାନ)

ରାମ—ସୁମବୋଉ, ଏ ସୁମବୋଉ, ଶୁଣ ! (ପଛରେ ଗଲେ)

## ଦ୍ୱିତୀୟ ଅଙ୍କ

[ ଦ୍ୱିତୀୟ ଦୃଶ୍ୟ ]

ସ୍ଥାନ—ବ୍ରଜଙ୍କ ବାସଗୃହ । ସମୟ—ସକାଳ ।

ସୁଦର୍ଶନ—(ଆସି) ମୁଁ ସେହିନ ହଠାତ୍ ନୂଆଁ ଗାଁରୁ ଆସିଗଲି । ସେଠି ଆଉ ଦିନେ ଅଧିକା ରହିବା କଥା ଥିଲି । ଆସି ଦେଖିଲି, ଅଜା ସୁମନା କାନରେ କାନଫୁଲ ପିନ୍ଧେଇ ଦେଉଚନ୍ତି । ସେ ତ ଲଜ୍ଜାକରି ମୋ ମୁହଁକୁ ନ ଚାହିଁ ଚାଲିଗଲା । ଅଜା ବଡ଼ ଗୋଟାଏ ହସ ହସି କଅଣ ଗୁଡ଼ାଏ କହି-ଗଲେ, ମୋର ସ୍ମରଣ ହେଉନାହିଁ । ଏ ସବୁ ବ୍ୟବହାରର କାରଣ କଣ, ଜାଣିପାରୁ ନା । ମୁଁ ଅସିବାଠୁ ଯେତେଥର ତାଙ୍କର ଜମବାଡ଼ ଦେଖିବାକୁ ଯାଉଚି, ଫେରି ଆସି ଦେଖୁଚି, ସେ ଅଜାଙ୍କ ପାଖରେ ବସିଚି । ତାହାହେଲେ କଅଣ ! ନା, ଆଉ ଭାବିବି ନାହିଁ ।

ବ୍ରଜ—(ପ୍ରବେଶ) ଏଇ ତ ସୁଦର୍ଶନ ଏଠି ବସିଚି । ସୁଦର୍ଶନ ବେଶ ସୁନ୍ଦର ନା, ଯଦି ସୁଦର୍ଶନ ହୋଇଥିଲେ, ଆହୁରି ସୁନ୍ଦର ହୋଇଥାନ୍ତା ! ଆରେ ଏ ସଦେଇ ! ଦାଣ୍ଡ ଦୁଆରେ କାହା ସାଙ୍ଗରେ କେଜାଣି ଗପୁଚି ! ଡାକିଲେ ଶୁଣୁନାହିଁ । ହଁ,

କଅଣ କରିବାକୁ ଯାଉଥିଲି, ଆଜି ଥରେ ଭୁଲିଗଲି । ଏଇ ଟଙ୍କା ପଇସା କଥା, ଜମିବାଡ଼ି ବିଷୟ ତ କହୁ କହୁ ବୁଝିଗଲୁଣି । କିନ୍ତୁ ଧାର-ଉଧାର ଦେଇଥିବା ଟଙ୍କା ଅସୁଲ କରିବା ବଡ଼ ମୁସ୍କିଲ; ବୁଝିଲୁ ? ମୁଁ ଯିବା ଆଗରୁ ସମୁଦାୟ ଟଙ୍କା ଅସୁଲ କରି ବ୍ୟାଙ୍କରେ ରଖିଦେବାକୁ ହେବ । ତା ନ ହେଲେ ତୋର ଅସୁବିଧା ହେବ ।

ସୁଦର୍ଶନ—ଆପଣ କଅଣ କିଛି ଦିନ ପାଇଁ ଅନ୍ୟ ସ୍ଥାନକୁ ଯିବାକୁ ଚାହୁଁଛନ୍ତି କି ? ତାହାହେଲେ ତ ସଦେଇ ଭାଇନା ଘରେ ରହିବ ।

ସଦେଇ—(ଆସି) ଆଜ୍ଞା, ଲୋକନାଥ ଆସିଛି ।

ବ୍ରଜ—(ହସି) ଏତେକ୍ଷଣିକା ମୁଁ ତାହାରି କଥା ଭାବୁଥିଲି । ଡାକ ଦେ, ଡାକ ଦେ । 'ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା ।'

ସଦେଇ—(ଦୁଆର ମୁହଁରୁ) ଆସ ହେ ଲୋକନାଥ ! ଆଜ୍ଞା ଡାକୁଛନ୍ତି, ଆସ । (ସ୍ୱଗତ) ଲୋକନାଥକୁ ଦେଖିଲେ, ଆଜ୍ଞା ଭୋଳ ହୋଇଯିବେ ।

ଲୋକ—(ବୟସ ପଚାଶ ଭିତରେ ଜଣେ ଭଦ୍ର କୃଷକର ବେଶଭୂଷା) (ବ୍ରଜଙ୍କ ପଦଧୂଳି ନେଇ) ଦଣ୍ଡବତ ଅବଧାନେ ! ବଡ଼ ଉଛୁର ହୋଇଗଲା, କ୍ଷମା କରିବେ । ଘର ଜଞ୍ଜାଳରେ ନିଶ୍ୱାସ ଛାଡ଼ିବାକୁ ମଣିଷର ସମୟ ହେଉ ନି ।

ବ୍ରଜ—ବସ ଲୋକନା । ଉଦ୍ଦେଶ୍ୟ ତ ତୋର ଅତି ଉତ୍ତମ । ଏ ଭିତରେ ଥରେ ତୋ ଘରକୁ ଯାଇଥିଲି । ପୁଣି ସଦେଇଠାରୁ

ତୋର କୁଶଳ ଖବର ପାଉଚ । ଗର୍ଭ ଦୁଇ ବର୍ଷ ମଧ୍ୟେ
ଦେଖି ମଧ୍ୟ ଆସିଲୁ ନାହିଁ । ଦ'ମାଇଲ ଦୂରରେ ଘର,
ନାଁ ଦଶ କୋଶ ଧାଉଁଥିବୁ । କର୍ତ୍ତବ୍ୟନିଷ୍ଠ କୃଷକ ତୁ ।

ଲୋକ—ଅପରାଧ ହୋଇଗଲା ଅବଧାନେ ! ଗଲା ବରଷ ଟଙ୍କା ଧରେ
ଆସୁଥିଲି; ତା ମାଆ କହିଲା, ଦୁଧ ପାଣି ତ ବିକାହେଉ
ଯାଉଚି, ଆଜ୍ଞେ ଗୋଟେ ମଇଁଷି କିଣି ଦିଅ । ସେଇ ଏକ
ଖାଦରେ ଚଳିଯିବ । ଥରେ ଥରେ ମାଇକିନିଆ ବୁଦ୍ଧିରେ କାର୍ଯ୍ୟ
କଲେ ଭଲ ହେଉଚି ଅବଧାନେ ! ମଇଁଷି ଗୋଟେ କିଣି
ଦେଲି । ଭାଗ୍ୟବଳରେ ବଡ଼ ଦୁଧିଆଳି ପଡ଼ିଲା ସେଇଟା ।
ଭଡ଼ାରେ ହଳ ଆଣି ଚାଷ କରୁଥିଲି । ସେଇ ଟଙ୍କାରେ ବଳଦ
ହଳେ କିଣିଦେଲି । ମୁଁ ଏବେ ଭଡ଼ାକୁ ଦେଉଚି । ତାଙ୍କର
ଅର୍ଜନରେ ତାଙ୍କର ସେ ପୋଷି ହେଉଚନ୍ତି । ଘରଜଞ୍ଜାଳରେ
ଗୋଡ଼ କାଢ଼ିବାକୁ ସମୟ ହେଉ ନ । ହେଲେ ମଧ୍ୟ ଚମ ଟଙ୍କା
ଗୁଣ୍ଡି ଦେଇଥାନ୍ତି ଯେ; ମୋ ଦାଦପୁଅ ଭାଇ ଦି ଅକ୍ଷର
ପଢ଼ିଥିଲା ତ, ପକେଇଗଲା କୁରୁଷ ବିଭାଗକୁ । ତା ଭୂମି
ଖଣ୍ଡିକ ଛାଡ଼ିଦେଲା । ବାପ ଗୋସେଁବାପଙ୍କ ମାଟି ବୋଲି
ତିନିଗଣ ଦେଇ କିଣିଦେଲି । ମାପୁ। ସଂସାର ଆଜ୍ଞା ! କୋଉ
ଭୂମି କାହା ସାଙ୍ଗରେ ଯାଉଚି ?

ବ୍ରଜ—ଜ୍ଞାନ ଆଉ କର୍ମ ଉଭୟ ବିଷୟର ତୋ ପାଖରେ ଏକତ୍ର
ହୋଇ ରହିଚି ଲୋକନି ! ପରମପିତା ତୋର ମଙ୍ଗଳ
କରିବେ ନିଶ୍ଚୟ ।

ଲୋକ—ଗାଁ ଚାଟଶାଳୀରେ ଯାହା ପଢ଼ିଥିଲି, ସେଇ ତ ସେତିକି ।
ସେ ପୁରୁଣା ପୋଥି ମୋ ପାଖରେ ପଡ଼ିଚି । ସେଇ କୋଉଁଲି

ଗୋପୀଭାଷା, ଗାଈ ଅଧାରେ ଏତେ ଅର୍ଥ ଅଛି ଯେ ଅବଧାନେ, ସେ କଥା ଭଲ ବସିବାକୁ ସମସ୍ତ ନାହିଁ । ଖାଲି ଧନଚନ୍ତା କରିବାରେ ଲାଗିଛ ।

ବ୍ରଜ—ଦେଖିଲୁ ସୁଦର୍ଶନ ! ଏଇ ଲୋକଙ୍କ ହିଁ କର୍ତ୍ତବ୍ୟନିଷ୍ଠ ଭକ୍ତ ।

ଲୋକ—ଅବଧାନଙ୍କର ଶ୍ରୀହସ୍ତରୁ ନେଇଥିଲି । ସେଇ ଟଙ୍କାରେ ସବୁଆଡ଼ୁ ବଢ଼ନ୍ତି ହୋଇଛି ସାଆନ୍ତେ ଅବଧାନେ ! ଦୁଧ ପାଣି ବିକିରୁ ଟଙ୍କା ସାଇତି ରଖିଥିଲି ତା ମାଆ । ମୁଁ କଳନ୍ତର ମିଶେଇ ପାଂଚ ଅଶୀଏ ଟଙ୍କା ଆଣିଦେଇଛି ।

ବ୍ରଜ—ତୁ ମୋଠୁ ପାଞ୍ଚଶ’ ଟଙ୍କା ନେଇଥିଲୁ । ସୁଧଟା ଫେରେଇ ନେଇ ଯା । ଆଉ ଖଣ୍ଡେ ଭୂମି କିଣିଦେବୁ । ଅନ୍ତ ଅଳ୍ପ ହେଉ ପଛେ, ତୋ ପରି ଲୋକଙ୍କୁ ସାହାଯ୍ୟ କରିବା ଅର୍ଥ ଦେଶର ସେବା କରିବା । ପାରିବାରିକ ଅବସ୍ଥା ସ୍ବଚ୍ଛଳ ହେଲେ ହିଁ ଈଶ୍ବରଭକ୍ତିର ବିକାଶ ହୁଏ ।

ଲୋକ—ନାଇଁ ଅବଧାନେ ! ମଇଁଷିମାନଙ୍କୁ ପଡ଼ିଆରେ ଛାଡ଼ିଦେଇ ଆସିଛି । ଦୁଆ ଦୁଇ ବେଳା, କାହା ବିଲରୁ କଟେଳ ଖାଇ ଦେଲେ ସାହିରେ ଝଗଡ଼ା ହୋଇଯିବ ।

ବ୍ରଜ—(ଟଙ୍କାନେଇ) ନେଇ ଯା ତୋର ସୁଧ ଟିକ । ଭାବିଚୁ ମୋଠୁ ଋଣମୁକ୍ତ ହୋଇଯିବୁ ? ଏଇ ଟଙ୍କାଟା ନେଇ ଭୂମି କିଣ । ଭଲ ଧାନ ହେଲେ ମଟେ କିଛି ଦେଲେ ଦେବୁ ।

ଲୋକ—(ମନ କ୍ଷୁଣ୍ଣ କରି) କଳନ୍ତରଟା ନ ନେଲେ ମୋର ଦୁଃଖ ହେବ ଅବଧାନେ ! ମୁଁ ହାତରୁ ଦେଉ ନା । ସେଇ ଦୁଧ ପାଣିର ପଇସା ।

ବ୍ରଜ—(ହସି) ଦୁଧପାଣି ଦୁଧପାଣି ବୋଲ ତ କହୁଚ । ତୋ ସ୍ତ୍ରୀ ଦୁଧରେ ପାଣି ମିଶେଇ ଦେଉଥିବ । କଅଣ କହୁଚ ?

ଲୋକ—(ହସି) ମିଶେଇ ଦେଉଥିବ ମଧ୍ୟ, କାହା ମାଗୁ କଏ ଜାଣୁଚ ! ମୋର ଦଣ୍ଡବତ ଘେନିବା ହେଉ ଅବଧାନେ !

ବ୍ରଜ—(ଲୋକନାଥ ହାତରେ ଟଙ୍କା ଦେଇ) ଏଇଟକ ତୋର କର୍ତ୍ତବ୍ୟ-ନିଷ୍ଠାର ପୁରସ୍କାର, ବୁଝିଲ୍ ! ମୁଁ ଆଜ କୌଣସି କଥା ଶୁଣିବ ନାହିଁ । ଥରେ ଯାହା କହିଚି, ସେଇ କଥା ରହିବ । (ପ୍ରସ୍ଥାନ)

ସଦେଇ—(ଆସି) ଅ.ଜ କାଠହେଇ କଅଣ ଠିଆ ହେଇଚ ଲୋକନାଥ ! ଦେବାଲୋକ ଦେଇଚି । ସେଥିରେ ଅନ୍ୟ ଭାବନା କରିବାକୁ ତ କହୁ ନାହିଁ ! ନେଇ ଯାଅ ।

ଲୋକ—ଦଣ୍ଡବତ ଗୋଟାଏଇଁ, ଯାଉଚି । ଅବଧାନଙ୍କୁ ମୋ କଥା ଜଣେଇଦେବ । ଟଙ୍କା ନେଇଥିଲି । ଜନ୍ମରିଟା ଦେଲି, ନେଲେ ନାହିଁ । ଋଣୀ ହୋଇ ରହିଗଲି । ଆଜ କଅଣ ? ଯାଉଚି । (ପ୍ରସ୍ଥାନ)

ସୁଦର୍ଶନ—(ଚଉକିରୁ ଉଠିଆସି) ସଦେଇ ଭାଇନା ! ତୁମେ ତ ଆଜ ପର୍ଯ୍ୟନ୍ତ ଏ ଘରର ସବୁ କାର୍ଯ୍ୟ କରି ଆସିଚ ।

ସଦେଇ—କରି ଆସି ନାହିଁ ତ ଆଉ କଏ କରିଚି ଏ ସବୁ ? ବଡ଼ବାବୁଙ୍କୁ ଶିକା ଛୁଣ୍ଡିଲା ପରେ । ଆଜ୍ଞାଙ୍କ ଭାର୍ଯ୍ୟା ମରିବା ଆଗରୁ ମୋ ଭାର୍ଯ୍ୟାଟି ମରିଯାଇଥିଲା । ନିଗମାନନ୍ଦପଟ୍ଟୀ ହେଇ ଘରୁ ପଳେଇ ଯାଉଥିଲି । ଆଜ୍ଞା ମତେ ଡାକିନେଇ ଆସିଲେ କଲିକତାରୁ । ସେଇଦିନଠୁ ରହିଚି ଯେ ରହିଚି । ସେ ମତେ ଛାଡ଼ୁ ନାହାନ୍ତି କି ମୁଁ ତାଙ୍କୁ ଛାଡ଼ୁନି । (ପ୍ରସ୍ଥାନ)

ସୁଦର୍ଶନ—ଗଳ୍ପ, ଉପନ୍ୟାସରେ ଲେଖିଲେ କେହ୍ବି ବିଶ୍ବାସ କରନ୍ତେ ନାହିଁ ଯେ, ପ୍ରଭୁ- ଭୃତ୍ୟ ଦୁଇଜଣ ଯାକ ଏକା ସମୟରେ ବିପତ୍ନୀକ ହୋଇଗଲେ । ପୁଣି ବିବାହ ନ କରି ଦୁହେଁ ରହିଗଲେ ।

ବ୍ରଜ - (ପୂଜାଘରୁ) ସୁଦର୍ଶନ; ଆରେ ସୁଦର୍ଶନ !

ସୁଦର୍ଶନ—ଅଜା ଇମିତି ଭାବପ୍ରବଣ ଲୋକ ଯେ, ଆପଣା ଭାବନାରେ ଆପେ ବିହ୍ବଳ ହୋଇ ଯାଉଚନ୍ତି । ଏଇ ତ, ଆଉ ଥରେ ଡାକିଲେଣି; ଯାଏଁ । (ପ୍ରସ୍ଥାନ)

ସନ୍ଦେଇ—(ପ୍ରବେଶ କରି) ଇମିତି ଭାବଭୋଳା ମଣିଷ ଏ ଜଗତରେ କେଉଁଠି ହେଲେ ମୁଁ ଦେଖି ନି । ଜଗତ କହିଲେ ଆମ ଗାଁଟା ସେଇଠୁ ଆସି ଏଇଠି ଅଛି । ଇମିତି କଥାକୁ କହନ୍ତି ତ, ମୁଁ ମଧ୍ୟ କହି ଦେଉଚି । ମୁଁ ଆମ ଅଜାଙ୍କ କଥା କହୁଚି । ହଁ ହେ ! କୋଉଁଠି ଥିଲା ଭଣିଜାଇ ପୁଅ । ସେ ଆସି ଏ ଘରେ ରହିଲା । ରହିଲା ଯେ କେବେ ସେ ଏ ଘରୁ ଯିବ, ଆଉ କାହିଁକି ରହିଚି, ଏ ଦିଟା କଥାର ଜବାବ କେବେ ହେଲେ ମୁଁ ପାଉ ନି । ସାହସ କରି ଅଜାଙ୍କୁ ପଚାରି ଦେଉଚି । ମାତ୍ର ଆମ ଅଜା ଇମିତି କଥା କହୁଚନ୍ତି ଯେ ମୁଁ କାଠ ପରି ଠିଆ ହୋଇ ରହୁଛି । କେତେବେଳେ ଧମକେଇ ଦେଉଚନ୍ତି । ଆଉ କେତେବେଳେ ଅନ୍ୟ କଥାରେ ମୋ କଥାଟାକୁ ଗୋଳେଇ ଦେଉଚନ୍ତି । ଏଣେ ସୁଦର୍ଶନ ମଧ୍ୟ ଆଉ ଗୋଟିଏ କଥା ଲୁଚଉଚି ବୋଲି ମୋର ସନ୍ଦେହ ହେଉଚି । ହେଇଟି ଗୀତ ଆରମ୍ଭ ହେଲାଣି । (ପୂଜା ଘରଆଡ଼ୁ ଶୁଭିଲା ଭଜନଗୀତ)

ବସିଅଛ ପ୍ରଭୁ ସମ୍ମୁଖରେ ମୋର
ବସିଛୁ ତୁମକୁ ଚାହିଁ
ଫିଟୁନାହିଁ କଣ୍ଠ ପଢ଼ିବାକୁ ମନ୍ତ୍ର
ରହିଅଛି ମୂକ ହୋଇ ।
କରୁଅଛ କେତେ ମୂକକୁ ବାଚାଳ
ଶୁଣୁନାହଁ ଖାଲି ନିବେଦନ ମୋର,
ହୃଦୟକୁ ମୋର ଆସିଗଲେ ତୁମେ
ସୁଧାଧାର ଯିବ ବହି ।
ଯେତେ ଦୁଃଖ ଅଛି ସଞ୍ଚିତ ହୋଇ
କହିବାକୁ ତାହା ମୋର ଭାଷା ନାହିଁ,
କହିଦିଅ ସବୁ ପରାଣ-ଈଶ୍ୱର
ପ୍ରାଣପୁରେ ମୋର ରହି ।

ସହେଇ – ଗୀତଟି ଗାଇଲୁ ଭଲ ସୁନ୍ଦର କରି । ଭଗବାନଙ୍କର ଦତ୍ତ କୋକିଳକଣ୍ଠଟିଏ ପାଇଛୁ । ମତେ ଯଦି ଏଥିରୁ ଶହେ ଭାଗରୁ ଭାଗଟିଏ ବଳ ଦେଇଥାନ୍ତେ । ଏଇ ତ କଥା, ଭଗବାନ ବୋଲି କିଏ କେଉଁଠି ଅଛି । ସେ ଯାହାକୁ ଯେଉଁ କଥା ଦେଉଛି, ପ୍ରଚୁର ପରିମାଣରେ ଅଜାଡ଼ି ଦେଉଛି । ଯାହାକୁ ଦେଉନାହିଁ, ସେ ଖାଲି ହାତରେ କାନ୍ଦୁଛି ।

ହଁ, କଅଣ କହୁଥିଲି । ଗୀତ ଶୁଣି ଭୁଲିଗଲି । ଏ ସୁଦର୍ଶନର କଥା ହେ । ମଣିଷଟା ଆସୁ ଆସୁ ତାକୁ ଦି' ଯୋଡ଼ା ଧୋତି, ତିନିଟା କାମିଜ କିଣିଦେଲେ । ସେଇଠୁ ତ ଚାଲିଛି କିଣାକିଣି ଆଜି କଅଣ ! ହାରମନିୟମ, କଲମ, କେତେ ନୂଆପୋଥି—"

ବ୍ରଜ—(ପ୍ରବେଶ କରି ପଛରୁ) କ'ଣ, କଅଣ ନୂଆଁ ପୋଥି କଥା କହୁଚୁ । ବୁଝୁଚ, ସୁଦର୍ଶନ ଭଳି ଚୋର କୌଣସି ଅନୁଭକ୍ତି ନାହିଁ । ଆରେ ସଦେଇ, ତୁ ମୋ ସାଥୀରେ ଲଗିଚୁ ତୀର୍ଥଯାତ୍ରା କରିଯିବା ବୋଲି । ଏଣେ ଘରେ କାହାକୁ ରଖେଇ ଦେଇଯିବା କଥା ଚିନ୍ତା କରିନୁ । ଆମର ସୌଭାଗ୍ୟକୁ ସୁଦର୍ଶନଟି ଅସିଚି । ଦେଖିବା ଶୁଣିବାକୁ ଭଲ । ତାକୁ ଆମର ଚଷାମାନଙ୍କ ସାଥିରେ ଜଣାଶୁଣା କରେଇ ଦେବା । ତାର ତ କେହି ନାହିଁ, ଉଡନ୍ତା ପକ୍ଷୀଟାଏ । ତାକୁ ଟିକିଏ ଭଲକଥା କହି ଭଲ ଖୁଆଇ ପିଆଇ ରଖିଲେ ଯିନା ହେବ !

ସଦେଇ—ଆପଣଙ୍କର ପଇସା ଆପଣ ଖରଚ କରିବେ, ସୁଦର୍ଶନକୁ ଦେବେ, ନ ହେଲେ ତାମକୁ ଦେବେ । ତାମର ଝିଅକୁ ମଧ୍ୟ ଦେଇ ପାରନ୍ତି । ଶାଢ଼ୀ, ସୁନା ଦୋଉଡ଼ନ୍ତି ବୋଲି ସମସ୍ତେ କୁହାକୁହି ହେଉଚନ୍ତି— (ପ୍ରସ୍ଥାନ)

ବ୍ରଜ—ଆରେ ଏ ସଦେଇ—ଶୁଣୁ । ମୁହଁରେ ଚେଟା ! ଅଧେ କଥା କହି ପଳେଇଚି । ଶୁଣ ସଦେଇ ! ଆଜ ଆସିବ ନାହିଁ । ଯାଏ ଦେଖେ, କଅଣ ସେ କରୁଚି । ମୋ ଉପସ୍ଥରେ କଅଣ ସେ ଭାବୁଚି ! ସେଇ କଥ ଟି ମୁଁ ଜାଣିବା ନିତାନ୍ତ ଆବଶ୍ୟକ । ବିବାହ କର ବୋଲି କହୁଚି, ତେଣେ ସୁମନାକୁ କଅଣ ଗୋଟାଏ ଦେଇଦେଲେ, ଅସନ୍ତୁଷ୍ଟ ହୋଇ ଉଠୁଚି । ମୁଁ ଯିମିତି ନିଜକୁ ଦୃଢ଼ କରିପାରି ନାହିଁ, ସେ ମଧ୍ୟ ସିମିତି ଅସ୍ଥିର ଅବସ୍ଥାରେ ଅଛି । (ପ୍ରସ୍ଥାନ)

# ଦ୍ୱିତୀୟ ଅଙ୍କ

[ ତୃତୀୟ ଦୃଶ୍ୟ

ସ୍ଥାନ — ବ୍ରଜଙ୍କ ବାସଗୃହ । ସମୟ — ସକାଳ ।

ଦାମ — (ସ୍ୱଗତ) (ପ୍ରବେଶ କରି ଘରର ଆଡ଼କୁ ଚାହିଁ) କମିତି କ
କହିଲେ, ମଉସା ମୋ ପ୍ରତି ଟିକଏ ସଦୟ ହେବେ
ମନେଇଟା ଟିକଏ ଭଲ କରି କଥା କହିବ, ସେଇ କଥା
ମୁଁ ଚିନ୍ତା କରୁଚି । ତେଣେ ସୁମନ୍ତୋଉକୁ କହିଦେଇ ଆସି
ସୁମର କଥା ମଉସାଙ୍କୁ ପଚାରିଦେଇ ଯିବି । ଏଇ
ସୁଦର୍ଶନଟା ଆସି ଏଠି ପଡ଼ି ରହିଚି, ଏ ଘଟଣାଟା ମ
ଆଦୌ ଭଲ ଲାଗୁନାହିଁ । ଭଣିଜାକୁ ତ କେବେ ଥରେ ଡା
ଆଣି ଖାତମୁଠେ କ ଲୁଗାଖଣ୍ଡେ ଦେଇ ନ ଥିଲେ । ଏ
ଭଣିଜାପୁଅ ନାତି ପାଇଁ ଧୋତି, କାମିଜ, ହାରମୋନିୟ
ପୋଥୀ-କଲମ କେତେ କଅଣ କଣା ହେଉଚି । ଏ ସ
ଦେଖିଲେ ଭିତରେ ଭିତରେ ମୋ ମନଟା କ୍ରୋଧରେ ଗର
ହୋଇ ଯାଉଚି । ମଉସାଙ୍କୁ ଏ କଥା ପଚାରିବାକୁ ଅ
କଲାବେଳେ, ମାତ୍ର ସେ ମତେ ଇମିତି ଧମକେଇ ଦେଉଚନ୍ତି
ମୁଁ ଏକା ଥରକେ ପଚେଇ ଯାଉଚି । ଏଇ ତ ସେ
ଆସିଲେଣି । ମୁଁ ଦୁଆର ସେ ପାଖରେ ଲୁଚି ରହି ଶୁଣି
ଏମାନେ କଅଣ କୁହାକୁହି ହେବେ । (ପ୍ରସ୍ଥାନ

ବ୍ରଜ—(ପ୍ରବେଶ) ସେତେ ବୁଝାଇ କହିଲେ ମଧ୍ୟ ସଦେଇ ବୁଝୁନାହିଁ । କେମିତି ବୁଝିବ । ଆଜ ପର୍ଯ୍ୟନ୍ତ ସବୁ ବିଷୟ ତା ଅଧିକାର ଭିତରେ ରହିଥିଲା । ହଠାତ୍ ଅନ୍ୟ ଜଣେ ଆସି ଆଧିପତ୍ୟ ବିସ୍ତାର କରିବ, ସେଇଟା ବୋଧହୁଏ ତାର ସହ୍ୟ ହେଉନାହିଁ । ମୋ ପ୍ରତି ତାର ଶ୍ରଦ୍ଧା, ଭକ୍ତି ଏତେ ବେଶି ଯେ—

ସଦେଇ—(ପ୍ରବେଶ କରି) ଆପଣ ମତେ କହୁଚନ୍ତି ସୁଦର୍ଶନକୁ ମୁଁ ଉତ୍ସାହ ଦେବା; କିନ୍ତୁ ସେ ଯଦି ନିଜେ ଉତ୍ସାହିତ ନ ହେବେ !

ବ୍ରଜ— ମନୁଷ୍ୟ ତ ପଶୁ ନୁହେଁ ଯେ ସେ କେବଳ ପ୍ରକୃତି ବଳରେ ପରିଚାଳିତ ହେବ ! ତା ସକାଶେ ଆବଶ୍ୟକ ବାହାରର ଉତ୍ସାହ-ଉତ୍ତେଜନା । ଅବଶ୍ୟ ଆପଣା ଅନ୍ତଃକରଣରୁ ଏ ସବୁ ସୃଷ୍ଟି-କରି ହେବ । କିନ୍ତୁ ତାହା ବୁଦ୍ଧିବିବେକ ଏବଂ ବୟସ ସାପେକ୍ଷ । ଅବଶ୍ୟ ସୁଦର୍ଶନକୁ ମୁଁ ପ୍ରତ୍ୟକ୍ଷ ଭାବରେ କିଛି କହି ପାରୁନାହିଁ ।

ସଦେଇ—ମୁଁ ମଧ୍ୟ କଅଣ କିଛି କହିପାରୁଚି କି ଆଜ୍ଞା ! ମତେ ତାଙ୍କୁ ଦେଖିଲେ ଅଚିହ୍ନା ଲୋକ ପରି ଲାଗୁଚି ।

ଦାମ—(ପ୍ରବେଶ କରି) ମଉସା ! ଆପଣଙ୍କ ପାଖରେ ତ ସବୁବେଳେ ଲୋକ ରହିଲେ । ମୋ ଦୁଃଖସୁଖ ଅବୁଝା ହୋଇ ରହିଗଲା ।

ସଦେଇ—(ବିରକ୍ତିରେ) ମଣିଷକୁ ଦୁଃଖସୁଖ କଥା ପଦେ ବୁଝାଇ ଦେଉନାହାନ୍ତି ହେ ! କଅଣ ପଦେ କହିବି ବୋଲି ଆସି-ଥିଲି । ଏ ଅସି ଉପସ୍ଥିତ ହୋଇଗଲେ । (ପ୍ରସ୍ଥାନ ଉଦ୍ୟମ)

ଦାମ—(ସଦେଇ ପଛରେ ଯାଇ) ସଦେଇଭାଇ, ମୁଁ ତୋର କ କ୍ଷତି କରି ଦେଉଚି ଯେ ତୁ ସବୁବେଳେ ମତେ ଦେଖିଲେ ଚିଡ଼ଭିଡ଼ ଚିଡ଼ଭିଡ଼ ହେଉଚୁ । ମତେ ଆସିବାକୁ ମନା କରିଦେହେଲେ, ଗଲା ଯିବ । ଗରିବ ବୋଲି ହୀନଦୃଷ୍ଟିରେ ଦେଖୁଚୁ ।

ସଦେଇ—ତମ ଗରିବ, ମୁଁ ବଡ଼ ଧନୀ ହୋଇ ବସିଚି ! ଖଟି ଖାଇବା କଥା କହୁଚ, ମନା କରିଦେଲେ ଆସିବ ନି । ତମକୁ ମନା କରିଦେଲେ ତ ନ ଆସି ରହିଯିବ । (ପ୍ରସ୍ଥାନ)

ଦାମ—(ଫେରି ଆସି) ମୁଁ ଆସିଥିଲି ମଉସା । ମୋର ଦୁଃଖଭାର ବଡ଼ ଭାରି ହେଇଗଲାଣି—

ସଦେଇ—(ପ୍ରବେଶ) ସେ ଦୁଃଖ ଭାରଟା ମଉସାଙ୍କ ମୁଣ୍ଡରେ ଅଜାଡ଼ି ଦେବାକୁ ଆସିଚ ନା ଆଉ କିଛି କଥା ଅଛି ? (ପ୍ରସ୍ଥାନ)

ଦାମ—ଆପଣ ସଦେଇଟାକୁ ମୁହଁ ଦେଇଚନ୍ତି, ଯାହା ଇଚ୍ଛା ତାହା କହିଦେଇ ଯାଉଚି ।

ବ୍ରଜ—କାହାକୁ ହେଲେ ଜଣକୁ ତ ଘରେ ରଖିବାକୁ ହେବ । ଆଉ ପ୍ରଶ୍ରୟ ଦେବା କଥା କହୁଚୁ ? ମୁଁ ସଦେଇ ଉପରେ ଘରର ସମସ୍ତ ଦାୟିତ୍ୱ ଦେଇ ଦେଇଚି ବୋଲି ସେ ଉତ୍ସାହ ପାଇ ସବୁ ନିଜର ବୋଲି ମାନି ନେଇ କାର୍ଯ୍ୟ କରିଯାଉଚି । ଇମିତି ଆଉ କିଏ ଏତେ କାର୍ଯ୍ୟ କରନ୍ତା ?

ଦାମ—ସଦେଇ ସବୁ କାର୍ଯ୍ୟ କରୁଚି, ମୁଁ କଅଣ ସବୁ କରି ଢଅନ୍ତି ନାହିଁ ।

ବ୍ରଜ—(କିଛି ନ ଶୁଣିବା ପରି ଭଙ୍ଗୀରେ) ମୁଁ ଏଇ ସୁଦର୍ଶନର କଥା କହୁଥିଲି । ମନୁଷ୍ୟ ଖୋଜ ହେଲେ ମଧ୍ୟ ମନୁଷ୍ୟ

ଗୋଟିଏ ପାଇ ପାରୁନାହିଁ । ପିଲଟା ତା' ମାଆର ଉପଦେଶ ସ୍ମରଣ କରି ମୋ ପାଖକୁ ଯେତେବେଳେ ଆସିଚ, ତା ହାତରେ କାର୍ଯ୍ୟ କରେଇବା । ତାକୁ କାର୍ଯ୍ୟକ୍ଷମ କରି ଗଢ଼ି ତୋଳିବା ।

ଦାମ—ସେ ଗୋଟାଏ କି କାର୍ଯ୍ୟ କରିବ ମଉସା ?

ବ୍ରଜ—କରିବ ବୋଲି ତ ଆଶା କରାଯାଉଚି । ଧନକୁ ଧନ ମୋର ବି ତ ବୟସ ବଢ଼ୁଚି । ଦୈବଯୋଗରେ ସେ ଯେତେବେଳେ ଆସିଯାଇଚି, ତାକୁ ପରୀକ୍ଷା-ନିରୀକ୍ଷା ନ କରି ତା ଉପରେ କାର୍ଯ୍ୟ ଭାର ଦେବା ।

ଦାମ—କଅଣ ଇମିତି କହୁଚନ୍ତି ମଉସା ! ଆପଣଙ୍କର ବୟସ ହେଇ ଗଲାଣି ? କିଏ କହିବ, ଆପଣଙ୍କର ବୟସ ହେଇଗଲାଣି ବୋଲି ? ମୁଁ ତ ଦେଖୁଚି, ମଉସା ଥିବାବେଳେ ଯିମିତି ଦିଶୁଥିଲେ ଏବେ ମଧ୍ୟ ଠିକ୍ ସେମିତି ଦିଶୁଚନ୍ତି ।

ବ୍ରଜ—ଦିଶିବା ନ ଦିଶିବା ଉପରେ ସବୁ କଥା ନିର୍ଭର କରୁନାହିଁ । (ହସି) କେହି ନ କହିଲେ ମଧ୍ୟ ମୁଁ ନିଜେ ତ ଜାଣୁଚି । ଏଣିକି ମୁକ୍ତିପଥର ଅନୁସନ୍ଧାନ କରିବାକୁ ହେବ ।

ଦାମ—କଅଣ କହୁଚନ୍ତି ମଉସା, ଆପଣଙ୍କର ଏବେ କୋଉ ବୟସ ହେଇ ଗଲାଣି ଯେ ମୁକ୍ତି ପଥ ଖୋଜିବେ ! ଆଉ ପର ଉପରେ ନିର୍ଭର କରି ଘରର କାର୍ଯ୍ୟ କରେଇବେ । ମୁଁ ବଞ୍ଚି ଥାଉଁ ଥାଉଁ ଏ ଘରେ ଏ କଥା ହେବନାହିଁ । ଏଠି ମୁଁ ଆପଣଙ୍କର ଦାସାନୁଦାସ ହୋଇ ରହିଚି । କରନ୍ତୁ ଆଦେଶ, ସବୁ କାର୍ଯ୍ୟ କରିଦେଇ ଆସିବି ।

ସଦେଇ—(ହସି ହସି ଭିତରୁ ଆସି) ଆହା ହା, କି ପାରିବାର ଲୋକଟିଏ ହେ ତମେ ଦାମ ରଥେ ! ସେଇ ଗାରପଣରୁ ତ ବାପ ଅର୍ଜିଥିବା ଭୂମି ଖଣ୍ଡିକରୁ, ବର୍ଷକୁ ଥରେ ଟେଟେନେଇଁ ଟେଟେନେଇଁ ଖଣ୍ଡିଏ ଖଣ୍ଡିଏ କରି ବିକି ହେଉଚ । କୋଉଁ କଥା ତମ ହାତରେ ନ ହେବ ? ସୁମନାବୋଉ ସିମିତି ଘରଣୀ ହେଇଚି ବୋଲି ଚଳିଯାଉଚି । ତା ନ ହୋଇଥିଲେ ଇମିତି ଖୁଞ୍ଚୁଶି କଥା କହିପାରନ୍ତ ନାହିଁ । ତମ ଘରଟାକୁ ଦେଖୁ ନ, ଢଳି ନଇଁଗଲାଣି । ନଡ଼ା ମୁଠେ ଦେଇ ବର୍ଷକୁ ଥରେ ଛାଇ ପାରୁ ନ । କହିବାକୁ ଆସିଚ, "ସବୁ ନିର୍ଭା କରିଦେବ ।"

(ପ୍ରସ୍ଥାନ)

ଦାମ—(ହସିଦେଇ) ସଦେଇଭାଇ ଖାଲି ଉପରେ ଉପରେ ସିନା ଇମିତି ଝାଡ଼ଝୁଡ଼ି ହୋଉଚି, ଅନ୍ତଃକରଣଟା ତାର ଅତି ନିର୍ମଳ । ହଁ, ମନେପଡ଼ିଲା । ଭାବୁଥିଲି, ସୁଦର୍ଶନ ତ ଦୁ' ତିନି ମାସହେଲା ଆସିଲାଣି । ସେ ତାର କାମଧନ୍ଦା ଦେଖୁ । ଆପଣ ଆଉ କେତେ କାଳ ରଖିବେ । ଗାଁକୁ ଯାଇ ଆପଣା ଘରେ ରହନ୍ତୁ ।

ବ୍ରଜ—ହଁ, ହଁ । ଠିକ୍ କଥା । ନିଜେ ନିଜର ଭାର ବହନ କରିବା ଉଚିତ ! ସେଇ ଯୋଗୁଁ ତ ତାକୁ ବୁଝେଇ କହି ଘରର କାର୍ଯ୍ୟ ଭିତରକୁ ଆଣୁଚି । ତୁମେମାନେ ସମସ୍ତେ ଏ ବିଷୟରେ ମୋର ସହାୟତା କରିବ ବୋଲି ଆଶା ।

ସଦେଇ—(ପ୍ରବେଶ କରି) ଦାମ ରଥଙ୍କୁ ପଛରୁ ଜାହାନ୍ତି ଆଜ୍ଞା ! ସେ ଆପେ ଆପଣା କୁଟୁମ୍ବର ଭାର କିମିତି କରନ୍ତି, କହନ୍ତୁ ! ଗଞ୍ଜାଡ଼୍ ଗୋଷ୍ଠୀରେ ବସି ତାଆସ ଖେଳ ଲାଗିଥିବ । ସେଇଠୁ ଘରକୁ ଆସି ମାଗିବେ ପିଠା ଆଣ । ମିଠା ଆଣ ।

ଦାମ—ଚାଲନ୍ତୁ ମଞ୍ଜୁଷା, ଆମେ ସେ ଘରେ ବସିବା । ସଦେଇ ଆଜି ବଡ଼ ଚଡ଼ଭଡ଼ ହେଉଛି । ବୋଧହୁଏ ତା’ ଦେହଟା ଭଲ ନାହିଁ ।

ସଦେଇ—(ମନରେ) ତମକୁ ସିନା ନିତି ସକାଳୁ ଜର ହୋଇ ଯାଉଛି ! ଏଇଠୁ ଦୁଧନେଇ ଗୁ’ ଡଆର କରି ଖାଇଦେଲେ, ଜର ଛୁଡ଼ି ପଳେଉଛି । ଉପରୁ ଓଳିକ ଶଙ୍ଖ, କାଶ, ଛିଙ୍କ ସବୁ ହେଉଛି । ଏ ଘରର ଘଡ଼ର ଘିଅ ନେଇ ପିପଳୀଗୁଣ୍ଡ ପକେଇ ଖାଇଦେଲେ ଭଲ ହୋଇଯାଉଛି । (ରୋଷେଇ-ଘର ଆଡ଼କୁ ଚାଲିଗଲା)

ବ୍ରଜ—ସଦେଇ ରୋଷେଇଘରକୁ ଗଲାଣି । ବସ ଦାମ, କଅଣ କହିବୁ ବୋଲି ଆସିଥିଲୁ ?

ଦାମ—(ଫେରି ଆସି, ଖୁମ୍ବକୁ ଆଉଜି ଠିଆ ହୋଇ) ନାହିଁ ଯେ, ମୁଁ କଅଣ କହୁଥିଲି କି ମଞ୍ଜୁଷା—କଥାରେ ଅଛି, ଜଣେ ପଢ଼ିଲେ ମାଟେ ଖରଚ । ଏଇ ସୁଦର୍ଶନର କଥା କହୁଥିଲି । ସେ ତା’ର ସେ କେଉଁଠି କଅଣ ଗୋଟାଏ କରୁ—

ବ୍ରଜ—ମୁଁ ମଧ୍ୟ ସେଇ କଥା ହିଁ କହୁଛି ଦାମ ! ତରୁଣ ଅବସ୍ଥାରେ ଯଦି କର୍ମକ୍ଷେତ୍ରରେ ପ୍ରବେଶ ନ କରିବ, ଆଉ କେବେ କରିବ ? ସେଇଯୋଗୁଁ ତାକୁ ମୁଁ ପଠେଇ ଦେଉଛି । ଧାନ କଟାରେ ତ ଲାଗିଥିଲା । ପୁଣି ଧାନ ଅମଳ ହେବ । ତାରି ହାତରେ ସବୁ କରେଇବି । ଯେଉଁମାନେ ଧାରଉଧାର ନେଇଛନ୍ତି, ସେମାନଙ୍କ ସହିତ ତାକୁ ଟିକିଏ ଚିହ୍ନାଚିହ୍ନି କରେଇ ଦେବାକୁ ହେବ ।

ଦାମ—ଯେତେ କଲେ ମଧ୍ୟ ଏ ଘରର କାମ ସେ କରିପାରିବ କି ମଉସା !

ବ୍ରଜ—(ଭିତରେ ଭିତରେ ହସି ଦେଶୁପକ୍ଷୀ କହିବା କଥା ମାନୁଚନ୍ତି । ସୁଦର୍ଶନ ତ ଶିକ୍ଷିତ ବ୍ୟକ୍ତି । ସେ ପାରିବ ନାହିଁ କାହିଁକି ? ତାହାହେଲେ ମଧ୍ୟ ତୁ ଠିକ ଏ ତା ଆଡ଼କୁ ଦୃଷ୍ଟି ରଖି ସମୟେ ସମୟେ ବୁଝେଇ କହୁଥିବୁ । ସଦେଇକୁ ମଧ୍ୟ ମୁଁ କହିଦେଇଚି ।

ଦାଣ୍ଡଦୁଆରୁ—ଘରେ ଅଛନ୍ତି ଆଜ୍ଞା !

ବ୍ରଜ—ତୁ କଅଣ କହିବାକୁ ଆସିଥିଲୁ କହୁନୁ । ବସ୍ । ମୁଁ ଦେଖି ଆସୁଚି କିଏ ଡାକୁଚନ୍ତି । (ପ୍ରସ୍ଥାନ)

ଦାମ—ଯେଉଁ କଥା କହିବାକୁ ଆସିଥିଲି, ସେ କଥା କହିପାରିଲି ନାହିଁ । ସଦେଇଟା ମଝିରେ ରହି କହିବା ସମସ୍ତଙ୍କୁ କଥାର ସ୍ରୋତଟା ଅନ୍ୟ ଆଡ଼କୁ କରିଦେଲା । ତାହାହେଲେ ମଧ୍ୟ ମତେ ଦିନେ ତାଙ୍କୁ ପଚାରିବାକୁ ହେବ । ସୁଦର୍ଶନଟା ଘରୁ ବାହାରିଗଲେ, ସବୁଆଡ଼ୁ ସୁବିଧା ହୋଇଯିବ । ମୋର ଯେ ଗୋଟାଏ ଆଶଙ୍କା ହେଉଚି, ସେ ଚନ୍ଦ୍ରାଟା ମନ ଭିତରେ ଥାଉ । ଯେ କଥା ସୁମବୋଉ ମଧ୍ୟ କହିବାକୁ ଉଦ୍ୟମ କରି କହିପାରି ନାହିଁ । କହିବା ସୁଯୋଗ ମୁଁ ତାକୁ ଦେଉନାହିଁ । କିଛି କଥାବାର୍ତ୍ତା ନ କରି ବିବାହଟା ହୋଇ ଯାଉ ବୋଲି ମୋର ଇଚ୍ଛା ।

ବ୍ରଜ—(ପ୍ରବେଶ କରି) ଆସ ଯଦୁ ।

ଯଦୁ—(ପ୍ରବେଶ) ଦାମଭାଇନା ଏଠି ଅଛୁ !

ବ୍ରଜ—ଚଉକରେ ବସ ଯଦୁ ।

ଦାମ—(ଉଠିପଡ଼ି) ମୁଁ ଯାଉଚି ମଉସା, ସନ୍ଧ୍ୟାବେଳକୁ ଆସିବି ।

ବ୍ରଜ—ଉଦ୍‌ବେଗର କାରଣ ତ କିଛି ନାହିଁ । ଏକାଠି ବସି ଆଲୋଚନା କରିଥାନ୍ତେ । ଆଉ ଟିକିଏ ବସ ।

ଦାମ—ନାହିଁ ମଉସା, ଯଦୁଭାଇନା ସାଙ୍ଗରେ ଆପଣ ବସନ୍ତୁ । ମୁଁ ଯାଉଚି । ସାନ ପିଲାଟାର ଦେହ ଭଲ ନାହିଁ ।

ବ୍ରଜ—ଆଚ୍ଛା, ତେବେ ସନ୍ଧ୍ୟାବେଳକୁ ଆସିବୁ ।

ଦାମ—ଯଦୁଭାଇନାକୁ ତ ମୁଁ ସବୁଦିନେ ଦେଖୁଚି । ଯାଉଚି ମଉସା, ଆସିବି ଆଉ ଥରେ । (ପ୍ରସ୍ଥାନ)

ଯଦୁ—ଅନେକ ଦିନ ହେଲା ଆସି ନ ଥିଲି କକେଇ ! ଆସିପାରି ନାହିଁ ସିନା; ଆପଣଙ୍କ କଥା ଦିନେ ହେଲେ ଭୁଲି ନାହିଁ ଦୋକାନ ଖଣ୍ଡେ କର ବୋଲି ଯାଚି ଯାଚି ଦେଡ଼ଶହ ଟଙ୍କା ଦେଇଥିଲେ; ସେଥିରେ ଯାହା ଉପକାର ପାଇଚି, ଇମିତି କରି କହିଦେଲେ କଥାଟା ଉଡ଼ି ପଳେଇବ । ମନେ ପଡ଼ଗଲା, କେତେବେଳେ ଦେଖିଲେ ପଚାରିବି ବୋଲି ଭାବିଥିଲି । ନନ୍ଦବୋଉ ଭାଉଜ କହୁଥିଲା, ଆପଣ ବିବାହ କରୁଛନ୍ତି ବୋଲି—

ବ୍ରଜ—( ହସି ହସି ବାଧାଦେଇ ) ତୋର କଥାଟା ଶୁଣି ପସନ୍ଦ ହେଲା ନାହିଁ ନା କଅଣ ?

ଯଦୁ—ମୁଁ ତ ଏଇ କଥା ଅନେକ ଦିନ ଆଗରୁ କହିଆସୁଚି । ମାତ୍ର ଈଶ୍ୱରଙ୍କ ଇଚ୍ଛା ପ୍ରକାରେ ତ ଆମର ଇଚ୍ଛା ପ୍ରକାରେ ।

କେତେବେଳେ କଅଣ ହେଉଚି କିଏ ଜାଣିପାରୁଚି ? ହେଲେ, ସେ କାର୍ଯ୍ୟ ହେବା କଥା ଯଦି ଅଛି, ଶୀଘ୍ର ହୋଇଯାଉ । ଆଜି ଏଇ ଯେଉଁ ପିଲାଟିକୁ ଘରେ ରଖିଚନ୍ତି, ସେ ତାର ଆପଣା ବାଟ ଦେଖୁ ।

ବ୍ରଜ—(ହସି) ଏ ବୟସରେ ବିବାହ ! କଅଣ ଭଲ ହେବ ?

ଯଦୁ—କାହିଁକି ଭଲ ନ ହେବ କକେଇ ! ଏ ବୟସରେ କଅଣ କେହି ଦ୍ୱିତୀୟପକ୍ଷ ବିବାହ କରୁନାହିଁ ?

ସ୍ୱଦେଇ—(ସେପେଇଘରୁ) ଆସ ଯଦୁଭାଇନା, ଘୋଳ ପିଇବ ।

ଯଦୁ—ମାଗିବି ବୋଲି ଭାବିଥିଲି । ଯାଉଚି ରହ । (ପ୍ରସ୍ଥାନ)

ବ୍ରଜ—(ସ୍ୱଗତ) ଯଦୁର କଥା ଶୁଣି ମନ ଚମକି ଉଠିଚି । ଏଣେ ତାମର ମନଭାବଟା ବୁଝିପାରୁଚି । ଏ ବିଷୟରେ ଜଗିରହି କଥା କହିବାକୁ ହେଉଚି । ହରଦର୍ଶନଙ୍କୁ ମଧ୍ୟ ପରୀକ୍ଷା କରୁଚି । ସମସ୍ତଙ୍କର ସଂଶୟ ଭିତରେ ମୁଁ କଅଣ କରି କିମିତି ଆପଣା ଅନ୍ତଃକରଣଟାକୁ ସୁଦୃଢ଼ କରି ରଖିବି, ତାହା ହିଁ ଚିନ୍ତା କରି ଭୁଲିଚି ।

ଯଦୁ—( ସେପେଇଘର ଆଡ଼ୁ ଆସି ) ଆଜି ପର୍ଯ୍ୟନ୍ତ ଟଙ୍କାଟା ଦେଇପାରିଲି ନାହିଁ । ଅବଶ୍ୟ ସେ ଋଣ ଶୁଝି ଦେବି । ସେ କଥା ମନରୁ ତ ଯାଉ ନି । ପୁଅ ବିଭାଘରେ ସେ ଦେଢ଼ଶ ଖରଚ ହୋଇଗଲା । ରଘୁ ତ ରାଉରକେଲା ଚାଲିଗଲା । ସେଠି ସେ ଭଲ ଅଛି ବୋଲି ଶୁଣୁଚି । ପୁଅ-ଝିଅ ଦୁଇଟି ହେଲେଣି । ବସ ଡ୍ରାଇଭର ହେଇଚି । ଏ ଆଡ଼କୁ ସେ କାହିଁ ହେଇ ପାରୁ ନି । ନ ହେଉ, ତାର ସେ ଭଲରେ ଥାଉ ।

ବ୍ରଜ—ତାହାହେଲେ ଏ ଟଙ୍କା ତୁ ଦେବୁ କମିଶ ? ଆ, ବସ।

ଯଦୁ—(ହସି) ଦେଇଦେବ କକେଇ ! କଷ୍ଟଥିଲେ, ଖାଇଦେଇ ଭୁକ ହୋଇଯିବ ନା। ଦୋକାନ ଆରମ୍ଭ କରିଛି। ତା' ବୋଉ ଭାଇଘରକୁ ଯାଇଥିଲି ଯେ ଟଙ୍କା ପଚାଶଟା ଆଣିଥିଲି। ସେଇଥିରେ ଦୋକାନ ଆରମ୍ଭ କରିଥିଲି। ସେଇ ଟଙ୍କାରୁ ଇମିଷ ହେବ ବୋଲି ଆଶା ନ ଥିଲା।

ବ୍ରଜ—ଭଲ କଥା ତ। ମୁଁ ଆଜୁ ଶୁଣିନାହିଁ। ଏ ସଦେଇଟା ମଧ୍ୟ ମତେ କିଛି କହୁ ନାହିଁ। ଭଲ ବିକ୍ରୀ ହେଉଛି ତ ଯଦୁ ?

ଯଦୁ—ଏଇ ତ ଛଅ ମାସ ହେଲା। ସେଥିରେ ଘରର ଲୁଣତେଲ ଖରଚ ଚଳିଯାଉଛି। ସେ ଦୋକାନ ପାଖକୁ ଅଉ ଗୋଟାଏ ଲଙ୍ଗୁଳ ବାହାରିଛି।

ବ୍ରଜ—(ହସି) ଦୋକାନର ଲାଞ୍ଜ ଆଉ କଅଣ ରେ ଯଦୁ !

ଯଦୁ—ଡାଲି, ଚାଉଳ, ଲୁଣ, ତେଲ ବିକୁଥିଲି। ଦିନେ ଦିହଟା ଭଲ ଲାଗୁ ନ ଥିଲା। ସେଇ ଦୋକାନପିଣ୍ଡାରେ ଚା' ଟିକିଏ ତିଆରି କରୁଥିଲି। ଭଲ କଥା କିଛି ତ ଶିଖି ଆସିଲି ନାହିଁ। କଲିକତାରୁ ଏଇ ଚା-ଖିଆଟା ଶିଖିଆସିଛି।

ବ୍ରଜ—ଲାଞ୍ଜ ବାହାରିବା କଥା ତ କହିଲୁ ନାହିଁ !

ଯଦୁ—ସେଇ କଥା ପରା କହୁଛି କକେଇ ! ବର୍ଷା ସମୟଟା ହୋଇ-ଥିଲା। ଗାଁର ଏ କେଣ୍ଡିଆ ଦଳ ଯାଇ ସେତିକିବେଳକୁ ହାଜର ହେଲେ। ସୁଦା ସ୍ୱରୂପ ଗୌର ତାଙ୍କ ପଞ୍ଜୁ ଦୁଧ ନେଇ

ଆସିଲା । ଚା' ତିଆରି ହେଲା । ସମସ୍ତେ ଚା' ଖାଇବାର ଅଳି କଲେ, ମୁଁ ଚା' ତିଆରି କରି ବସେ । ପ୍ରଥମ କେତେଦିନ କମିଟି ଅଡୁଆ ଅଡୁଆ ଲାଗିଲା । ପରେ କ୍ରମେ ସବୁ ଅଭ୍ୟାସ ହୋଇଗଲା । ତା ବୋଉ ତ ଭଲ ଏଣ୍ଡୁରି ପିଠା କରେ; ସେଇ ପିଠାକୁ ବନେ ଚା' ସାଙ୍ଗରେ ଦେଲି । ଯେତିକି ଖରଚ ପଡ଼ିଥିଲା —

ବ୍ରଜ—ସେଇ ପିଠାରୁ ପିଲାଏ ଖାଇଲେ, ଏଣେ ପଇସା ମଧ୍ୟ ହେଇଗଲା । ସ୍ତ୍ରୀ ଲୋକମାନଙ୍କର ବୁଦ୍ଧି ଅଛି ରେ ଯଦୁ !

ଯଦୁ—ହଁ ଜଜେଇ ! ଏଇକ୍ଷଣିକା ଟକୁଳି-ଫଁକୁଳି ମଧ୍ୟ କରି ଦେଉଚି । ରାସ୍ତା କଡ଼କୁ ଘରଟା ହୋଇଥିବାରୁ ଆଜକାଲି ବସ୍‌ଟା ମଧ୍ୟ ସେଠି ରହିଯାଉଚି । ଘରଟାକୁ ଲାଗି ପଡ଼ିଆ ଥିଲା । ଘରକୁ ଲଗାଇ ଆଉ ବଖରାଟିଏ ତୋଳିଦେଲି । ମୁଁ ଆସିଥିଲି ଆପଣଙ୍କୁ କହିବାକୁ—

ବ୍ରଜ—ଆଉ ଟଙ୍କା ଦରକାର ଥିବ, ଆଉ ପୁଣି କଅଣ କହିବାକୁ ଆସନ୍ତୁ !

ଯଦୁ—ହଁ ଜଜେଇ ! ସମସ୍ତେ କହୁଚନ୍ତି, କପ୍-ପ୍ଲେଟରେ ଚା' ରଖି ପିଇବେ । ଏଇକ୍ଷଣି ଦୋକାନକୁ ମାନିଲା ଭଳି କେତେଗୁଡ଼ିଏ ଜିନିଷ କିଣିଦେଲି । ଝିଅ ଆସିଥିଲା; ତାର ପୁଅଟିଏ ଜନ୍ମ ହେଲା । ଦଶ ମାସ ରହିଲା । ଗଲାବେଳକୁ ଦୁଇ ଶ' ଖରଚ ହେଇଗଲା ଜଜେଇ !

ବ୍ରଜ— ଝିଅ ନାତୁଣୀକୁ ପଠେଇଲୁ ଦୁଇ ଶ' ଖରଚ କରି ! ତାହା ହେଲେ ତ, ଦୋକାନରୁ ବେଶ ଚାରିପଇସା ଲାଭ ହେଉଥିବ !

ଯଦୁ—ଗ୍ବର ପଇସା ବାନ୍ଧିଁକ କକେଇ, ଦିନକୁ ଗ୍ବର ଟଙ୍କା ହେଇ ଯାଉଥିବ । ଗୋଟିଏ ପ୍ରାର୍ଥନା ଅଛି କକେଇ ! ଗ୍ବ' ଦୋକାନ ପାଇଁ କପ-ପ୍ଲେଟ କଣାହେବ । ଶହେଟା ଟଙ୍କା ।ଦେଇଥିବେ । ଗ୍ବର ମାସ ଭିତରେ ମୁଁ ଆପଣଙ୍କର ସବୁ ଟଙ୍କା ସୁଧ, ଅସଲ ସହିତ ଶୁଝିଦେବ ।

ବ୍ରଜ—ତୋର ସ୍ୱାକ୍ଷର ରଖି ତ ଟଙ୍କା ଦେବ । ଏ କ୍ଷଣି ମୁଁ ଟିକଏ ବ୍ୟସ୍ତ ଅଛି । କାଗଜ ଲେଖି ସଦେଇ ହାତରେ ପଠେଇ- ଦେବ । ଟଙ୍କା ରଖି କାଗଜରେ ନାଁଟା ଲେଖିଦେବୁ ।

ଯଦୁ—ନମସ୍କାର କକେଇ ! କଅଣ ହେଲେ ଗୋଟାଏ କଥେ ବୋଲି ଟଙ୍କା ଦେଇଥିଲେ । ଆପଣଙ୍କର ସେଇ ଟଙ୍କାରେ ଆଜି ମୁଁ ଭଲ ଅବସ୍ଥାରେ ଅଛି । ଗଣ୍ଡ ପାଣ୍ଡଲେ 'କଅଣ କରିବ' ସେ ଚିନ୍ତାରୁ ମୁକ୍ତ ହୋଇଯାଇଛି । ଯାଉଛି କକେଇ ନମସ୍କାର ।

ବ୍ରଜ—ଈଶ୍ୱର ତୋର ମଙ୍ଗଳ କରନ୍ତୁ । ସମୟ ପାଇଲେ କେବେ- ବେଳେ ଆସିବୁ ରେ ଯଦୁ, ଦୁଃଖସୁଖ କଥା ହେବା ।

ଯଦୁ ହଁ କକେଇ ଆସିବି । ଯିବା ଥାଉ । (ପ୍ରସ୍ଥାନ)

# ତୃତୀୟ ଅଙ୍କ

[ ପ୍ରଥମ ଦୃଶ୍ୟ ]

ସ୍ଥାନ—ଗ୍ରାମଦେବତୀ ମନ୍ଦିର । ସମୟ—ସକାଳ ।

ରାମ—( ମନ୍ଦିର ଭିତରୁ ବାହାରି ) ଗ୍ରାମଦେବତୀଙ୍କୁ ଏ କଥା ଜଣେଇ ଆସିଲି ସିନା, ତାଙ୍କ ହାତରେ ଏ କାର୍ଯ୍ୟ ହୋଇ ପାରିବ ନି । ସେଇଯୋଗୁଁ ଦେବଦେବୀମାନଙ୍କ ଉପରେ ମୁଁ ଏକାନ୍ତ ନିର୍ଭର କରିପାରୁ ନି । ଏଇ ସୁଦର୍ଶନର କଥା ହେ ! ଆଶ୍ୱିନ ମାସରୁ ଲୋକଟା ଆସିଲା ସେ ପୌଷ ଶେଷ ହେବାକୁ ଯାଉଚି, ସେ ଆଉ ମଉସାଙ୍କ ଘରୁ ଉଠୁ ନି । ମୋର ତ କାହିଁକି କେଜାଣି ବିଶ୍ୱାସ ହେଉଚି । ବିଶ୍ୱାସ ହେଉଚି କଅଣ ? ସନ୍ଦେହ ହେଉଚି !

ସଦେଇ—(ପ୍ରବେଶ କରି ଚମକି ଉଠି) ଆରେ ଏଁ ରାମ ଇଥେ କହେ ! ଏ ଶୀତ-କାକରରେ କୁଆଡ଼େ ଆସିଚ ହେ !

ରାମ—ଆସିଥିଲି ଠାକୁରାଣୀଙ୍କୁ ମୋର ଦୁଃଖ ଜଣେଇବି ବୋଲି । ମନୁଷ୍ୟ ତ ଶୁଣି ମଧ ଶୁଣିଲେ ନାହିଁ । ଦୁଃଖ ମୋର ଘର ବୋଝ ହୋଇଗଲା ।

ସଦେଇ—ତମର ଆଉ ପୁଣି ଦୁଃଖ ! ଭଙ୍ଗପାଣି ଟିକିଏ ଚଢ଼ିଗଲେ ସବୁ ଦୁଃଖ କୁଆଡ଼େ ପଳେଇଯିବ ! କି ଦୁଃଖ ଅଛି କହୁ ନ !

ଦାମ—ଏ ଦୁଃଖସାଗରରୁ ଭୂଇଁ ପାରିକରିବୁ ସଦେଇଭାଇ ! ଗୋଟିଏ କଥା ପଚାରିବି—ବୋଲୁଚି ଯେ ତୁ ତ ପଚାରୁ ପଚାରୁ ଡେଇଁବୁ —

ସଦେଇ—ଦାମଭାଇନା, ତମେ କେବେ କଅଣ ପଚାରିଚ, ମୁଁ କହୁ ନି, ଡେଇଁଚି ବୋଲି କହୁଚ ? ଏଇଟା ହେଉଚି ଦେବତା ସ୍ଥାନ । ଆମେ ନ କହିଲେ ମଧ୍ୟ ସେ କହିଦେବ । ମିଛକଥା କହ ନାହିଁ ।

ଦାମ—ସେ ଦେବଦେବୀ କଥା କହ ନା, ମୁଁ ତତେ ପଚାରୁଚି—

ସଦେଇ—(ଘାବ୍ରେଇ) ପଚାର ! ପଚାରିବ ନାହିଁ, ପଚାରିବ ପଚାରିବ ହେଉଥିବ ।

ଦାମ—ଏ ସେଇ କଥା ମ !

ସଦେଇ—କୋଉ କଥା, କହୁ ନ !

ଦାମ—ସେଇ କଥା ମ !

ସଦେଇ—ତୁମେ ସେଇ କଥା ସେଇ କଥା ଘୋଷି ହେଉଥାଅ, ମୁଁ ଯାଉଚି । (ପ୍ରସ୍ଥାନୋଦ୍ୟମ)

ଦାମ – ହଇ ରେ ସଦେଇଭାଇ, ଶୁଣ ମ ! ସେ ସୁଦର୍ଶନକୁ କାହିଁକି ରଖିଚନ୍ତି ମୁଁ କିଛୁ ଜାଣିପାରୁ ନି । ସେ ମଧ୍ୟ ରହିଚି କାହିଁକି ?

ସଦେଇ—ଯୋଉଁ କଥା ମୁଁ ନିଜେ ଜାଣି ନି, ସେ କଥାର ଜବାବ ତମକୁ ମୁଁ କମିତି ଦେବି ? ସେ ମଧ୍ୟ କାହିଁକି ରହୁଚି, ତାକୁ ଯାଇ ପଚାର ।

ଦାମ—ଗୋଟାଏ ଘରେ ତମେ ଦୁ'ଜଣ ଏକ ଆତ୍ମା ହୋଇ ରହୁଚ । ମଉସାଙ୍କର ଉଦ୍ଦେଶ୍ୟ କଣ—

ସଦେଇ—ମଉସାଙ୍କ ଉଦ୍ଦେଶ୍ୟ କଅଣ ମୁଁ ଜାଣି ନା । ଆଚ୍ଛା, ତମେ ଯେ ଏତେ କଥା ପଚାରୁଚ, ସେଥିର ଉଦ୍ଦେଶ୍ୟ ?

ଦାମ—ମୋର ତ ମନ କଥା ତୁ ଜାଣିଚୁ ସଦେଇ !

ସଦେଇ—ମୋ ମନ କଥା ତମେ ଜାଣିପାରୁ ନ, ମୁଁ ତମ ମନ କଥା କେମିତି ଜାଣିବି ? ଆଗ କହ, କାହିଁକି ଏତେ ପଚାରିବାରେ ଲାଗିଚ ?

ଦାମ—ମଉସା ତ ତତେ ସବୁ କହୁଥିବେ । ପଦେ କହି ଦେ; ମୁଁ ଯାଇ ନିଶ୍ଚିନ୍ତ ହୋଇ ବସିଯିବି । ଏଇ ଆମ ସୁମନା କଥା ମ । କହିବୁ ନି?

ସଦେଇ—ଏ କଥା ଏବେ ମତେ ପଚାରିବାକୁ ଆସିଲଣି । ଆଜ୍ଞା ନିଜେ କଅଣ, କରିବେ ସ୍ଥିର କରି ନାହାଁନ୍ତି, ଆଉ ମତେ କୁଆଡୁ କହିବେ ?

ଦାମ—ନାହିଁ ଯେ, କେଉଁ ସୂତ୍ରରେ ହେଲେ କଥାଟା ବାହାର କରନ୍ତୁ—

ସଦେଇ—କେଉଁ ସୂତ୍ରଟାଏ କୋଉଠୁ ଆଣିବି ? କଥା କେମିତି ବାହାର କରିବି ? ତମେ ସତେ ବଡ଼ ବଜାଣିଆ ଲୋକ ହେ ! ମଣିଷକୁ ପାଖରେ ରଖେଇ ଦେବ ନି ।

ଦାମ—(ସ୍ୱଗତ) କଅଣ କରିବି ? ମଉସାଙ୍କ ଠାରୁ ଉତ୍ତର ପାଇବା ବଡ଼ କଷ୍ଟକର କଥା । ଯେତେବେଳେ ହେଲେ ଟାଳି ସେଇ ସୁଦର୍ଶନର କଥା ଆରମ୍ଭ କରି ଦେଉଚନ୍ତି । ସୁଦର୍ଶନ ସେ

ଗାଁକୁ ଯାଇ ଏତେ ଧାନ ଆଣିବ । ଏ ଗାଁକୁ ଯାଇ ଟଙ୍କା ଅସୁଲ କରିନେଇ ଆସିଲ୍ । ଏ ଗୁଡ଼ାକ ଶୁଣିବାକୁ ମତେ ଜମାରୁ ଭଲ ଲାଗୁ ନ; ହେଲେ ମଧ୍ୟ ଶୁଣୁଛି । ଏଇଟାକୁ ଘରୁ ବାହାର କରିବାକୁ ତ ମତେ ଆଜି ବୁଦ୍ଧି-ବାଟ ଦିଶିଲା ନାହିଁ । ଏଇଠିକି ଆସି ବସିଲି । ଚିନ୍ତା କରି କରି ଗୋଟିଏ ଉପାୟ କରିବି ବୋଲି ଭାବିଛି । ସେ ମାଆଠାକୁରାଣୀଙ୍କ ଦୟା ଆଉ କଅଣ ? ତାଙ୍କର ଦୟାରୁ ଏ ବୁଦ୍ଧି ଟା ଆସିଚି ନା ! ଯଦିବା ଠାକୁରାଣୀଙ୍କଠାରେ ମୋର ବିଶ୍ୱାସ ନାହିଁ, ତଥାପି ଏଠିକି ଆସି ଯେତେବେଳେ ଉପାୟଟା ସ୍ଥିର କରିଚି, ତାଙ୍କର ଦୟାରୁ ବୋଲି କହିବାକୁ ହେବ (ଗସ୍ତା ଆଡ଼କୁ ଚାହିଁ) । ସୁଦର୍ଶନ ମଧ୍ୟ ଏ ଆଡ଼କୁ ଆସୁଚି । ଏଇ ସୁଯୋଗରେ ଏହାକୁ ମଉସାଙ୍କ ଘରୁ ବାହାର କରିବି, ତେବେ ଯାଇ ସୁବିଧା ହେବ (ପ୍ରସ୍ଥାନ) ।

ସୁଦର୍ଶନ—(ପ୍ରବେଶ) (ସ୍ୱଗତ) ସବେଇ ଭାଉଜ ଏ ଆଡ଼କୁ ଆସିଲା ପରି ଦିଶୁଥିଲା । ସବେଇର ଅକପଟ ବ୍ୟବହାର ଆଉ ସୁମିଷ୍ଟ କଥା ମତେ ଭାରି ଭଲ ଲାଗୁଚି । ସେ ମତେ ଏଠୁ ଚାଲିଯିବାକୁ ଏକାଧିକବାର ଇଙ୍ଗିତ ଦେଲଣି । ମନୁଷ୍ୟ ମନରେ ଯେତେବେଳେ ସନ୍ଦେହ ଆସେ, ସେତେବେଳେ ସେ କଳ୍ପନା କରି କରି କଥାଟାକୁ ସ୍ପଷ୍ଟ ପ୍ରକାଶ କରେ । ବୋଉ ଅସମୟରେ ମରିଗଲା । ତା ଯଦି ନ ହୋଇଥାନ୍ତା, ମୋ ଜୀବନର ଭାର ସେ ହିଁ ବହନ କରିଥାନ୍ତା । ଏଠିକି ଅସ୍ ଆସୁ ଉପସ୍ଥିତ ହୋଇଚି ଯେ ଅବସ୍ଥା ସମ୍ଭାଳିବାକୁ ମୋର ଧୈର୍ଯ୍ୟ ରହୁନାହିଁ । ବୋଉର ମାମୁଁ—ସେ ପୁଣି ମତେ ଏତେ ସ୍ନେହ କରିବେ, ଏ କଥା କହିଲେ କେହି ବିଶ୍ୱାସ କରିବେ ନି ।

(ପଦଚାରଣ କରି ପ୍ରସ୍ଥାନ) ।

ସଦେଇ—(ପ୍ରବେଶ) ମତେ ଦାମ ପଚାରୁଛି, ମଉସା କଅଣ ଭାବୁଛନ୍ତି । ମୁଁ ନିଜେ କଅଣ ଭାବୁଛି ଜାଣିପାରୁ ନି, ଆଜି ଥରେ ଆଉ ଜଣକର କଥା ଏହାଙ୍କୁ କହିବି । ସୁଦର୍ଶନ ନ ଥିବା ସମୟରେ ସୁମନା ଆସୁଛି । ତାକୁ ଇତିମଧ୍ୟରେ କଅଣ କଅଣ ସୁନାଗହଣା ଦେଲେଣି । ଶାଢ଼ୀ ମଧ୍ୟ ଦେଲେଣି । ମୁଁ ସବୁ ଦେଖୁଛି, ଜାଣୁଛି । ପଚାରିଲେ ଏଣୁ ତେଣୁ କଥା କହି ଭୁରୁଡ଼େଇ ଦେଉଛନ୍ତି । ମୁଁ କଅଣ କହୁଛି କି ସୁମନାକୁ ଯଦି ବାହା ହେବ ତ ହୁଅ । ତା କଥା ମୂଳରୁ ନ ଉଠେଇ ସୁଦର୍ଶନକୁ ଘରେ ରଖେଇ ଦେଇ ସ୍ୱାର୍ଥକର ଯିବା କଥା କହୁଛନ୍ତି । ଦାମ ରଥକୁ ଲାଜ ନାହିଁ କି ତା ମାଆକୁ ବି ସରମ ନାହିଁ । ଝିଅ-କାନରେ ସୁନା ଝୁମୁକା ପିନ୍ଧି ଦୋହଲଉଛି । ସେ ସୁଦର୍ଶନ ମଧ୍ୟ ମତେ ଏଇ କଥା ଥରକୁ ଥର ପଚାରୁଛି । ସେ ତ ଆଉ ଗ୍ଳେଟା କି କେମା ହୋଇ ନାହିଁ ! ତା ରାସ୍ତା ସେ ଦେଖୁ । ସତ କହିବାକୁ ଗଲେ ସୁଦର୍ଶନକୁ ଘରେ ରଖିବେ, ସୁମନାକୁ ବିବାହ କରାଇ ଦେବେ ତା' ସାଙ୍ଗରେ । ସବୁ ବିଷୟ-ସମ୍ପତ୍ତି ତା' ନାଁରେ ଲେଖିଦେବେ, ନୁହେଁ ? ଏଥିରେ ମୁଁ ଏକମତ ନୁହେଁ । ଏକାବାରକେ କାମ ଛୁଣ୍ଡେଇଦେବି । ସୁଦର୍ଶନ ତ ଏଇଆଡ଼େ ଆସିଥିଲା, ଦେଖେ, ଯଦି ଏଠି ଥିବ !

ସୁଦର୍ଶନ—(ପ୍ରବେଶ) (ସ୍ୱଗତ) ଦେଶ ସ୍ୱାଧୀନ ହେଲା । ଲୋକେ ସମଭାବରେ ଜୀବନଯାତ୍ରା ନିର୍ବାହ କରିବେ, ଏସବୁ ସମ୍ବାଦ-ପତ୍ରରେ ବାହାରୁଛି । ପରାଧୀନ ଥିବା ସମୟରେ ଦେଶର ଅବସ୍ଥା କଅଣ ଥିଲା ମୁଁ ତ ଜାଣି ନି, ସୁତରାଂ, ସ୍ୱାଧୀନତା ଲାଭ ପରେ କେଉଁ ବିଷୟରେ ଉନ୍ନତି ଘଟିଛି, ମୁଁ ବିଶ୍ଳେଷଣ କରି ପାରୁ ନି । ଏଇ ଦୁଇ ତିନି ମାସ ହେଲା ତ ଏଠିକି ଆସିଲି ।

ମନେ ହେଉଚି, ଆଜନ୍ମରୁ ଏଇ ଘରେ ଅଛି । ଏ ଗାଁଟା ମୋର ଚିରକାଳର ପରିଚିତ । ଏ ଗାଁର ପାଣିପବନ ମୋ ଦେହରେ ଲାଗିଲେ ରୋମାଞ୍ଚିତ ହୋଇ ଉଠୁଛି ସର୍ବାଙ୍ଗ । ଏ ସବୁ ଛାଡ଼ିଦେଇ ଯିବାକୁ ମୋ ପାଦ ଉଠିବା ସମ୍ଭବ ହେଉନାହିଁ । (ଦେଖି) ମନ୍ଦିର ଭିତରୁ କିଏ ଜଣେ ଆସିଲା ପରି ଲାଗୁଚି !

(ଭିତର ଆଡ଼ୁ ଦାମ ପ୍ରବେଶ) ।

ଦାମ—ସୁଦର୍ଶନ କି ରେ ! ସକାଳଟାରୁ କୁଆଡ଼େ ଆସିଥିଲୁ ?

ସୁଦର୍ଶନ—ନମସ୍କାର ରଥମଉସା ! ପଡ଼ଶା ଘରେ ଥିଲେ ମଧ୍ୟ ଆମର ପରିଚୟ ଘଟି ନ । ଏ ସ୍ଥାନଟା ଦେଖିବାକୁ ମତେ ବଡ଼ ଭଲ ଲାଗେ ! ଇମିତ ବୁଲି ଆସୁ ଆସୁ ଆସିଯାଉଚି ପ୍ରାୟ ପ୍ରତିଦିନ । ଆଜ ଆମ ଭିତରେ ପରିଚୟ ଘଟିବ ।

ଦାମ—ଦୀର୍ଘଜୀବୀ ହୁଅ ରେ ବାପ ! ଘରଟାରେ ଆଉ କିଏ ଅଛି ଯେ ! ସେ ଯଦେଇ ତ ସବୁବେଳେ ରନ୍ଧେଇ ଖଦେଇ ହୋଉଚି । ବୁଢ଼ା ତାଙ୍କର ଟଙ୍କା ଚିନ୍ତାରେ ବ୍ୟସ୍ତ । ମୁଁ କଅଣ ପଚାରୁଥିଲି କି, ମଉସାଙ୍କର ଉଦ୍ଦେଶ୍ୟ କଅଣ ? ଆଉ ତୁ କେଉଁ ଆଶାରେ ଏଠି ପଡ଼ିଚୁ ?

ସୁଦର୍ଶନ—ସେ ବିଷୟରେ ମୋ ଅପେକ୍ଷା ଆପଣ ତ ଭଲ ଜାଣିଥିବେ । ପଡ଼ଶା ଘର, ପୁଣି ଆପଣ ତାଙ୍କର ପୁରୁଷ ।

ଦାମ—ହଁ ରେ ବାପ, ପୁରୁଷ ହେଲେ କଅଣ ହେବ ? ଇମିତ କପଟିଆ ଲୋକ ସେ, ତାଙ୍କ ପେଟ ଭିତରୁ କଥା ବାହାର କରିବା ବଡ଼ କଷ୍ଟ ରେ ବାପ, ବଡ଼ କଷ୍ଟ । କହୁଥିବେ ପ୍ରକାରେ; ଏଣେ କରୁଥିବେ ଅନ୍ୟ କଥା ।

ସୁଦର୍ଶନ—ପ୍ରାୟ ସବୁ ବୁଦ୍ଧିଆ ଲୋକ ତ ସେଇ କଥା କରନ୍ତି । ଏଇ ଦେଖନ୍ତୁ, ଆପଣ ମଧ୍ୟ କଅଣ, ଭାବବା କଥା କହି-ଦେଉଚନ୍ତି । ମୁଁ ଯାହା ଭାବୁଚି କଅଣ ସବୁ କଥା କହି ପାରୁଚି ।

ଦାମ—(ଅଗ୍ରସର ହୋଇ ଆସି) ସେଇ କଥା ପରା କହୁଚି ରେ ବାପ ! ଭିତରର କଥାଗୁଡ଼ାକ ଭିତରେ ଭିତରେ ଅଉଟେଇ ପାଉଟେଇ ହୋଉଚି, କିଏ କାହାକୁ କହିପାରୁଚି । ସେଇ କଥାରେ ବାପ ! ତୁ ଏଠିକି ଆସିଲୁ ଯେ କାର୍ଯ୍ୟ କରାଉଚନ୍ତି, ଥଇଥାପନ କରିବା କଥା କିଛି କହୁ ନାହାଁନ୍ତି । ତୋ ପାଇଁ ଏବେ ଭାବୁଚି ଯେ ନ କହି ରହିପାରୁ ନା ।

ସୁଦର୍ଶନ—(ବାଧାଦେଇ) ଅଜା ବଡ଼ ବିଚାରଶୀଳ ବ୍ୟକ୍ତି —,

ଦାମ—ସେ କଥା ତ ମୁଁ ମନାକରୁ ନା । ହେଲେ ମଧ୍ୟ, ପିଲାଟିଏ ଯେତେବେଳେ ଆଶ୍ରିତ ହୋଇ ରହିଲାଣି, ତାକୁ କିଛି ଦେବା-ନେବା କରିଦେଇ ତମର ତମେ ସଂସାର କର । ବୁଝିଲୁ ବାପ ! ଏଇ ଆମର ସୁମ କଥା, ମୋର ବନ୍ଦ ପ୍ରମାଣ ଇଛା ନାହିଁ । ସୁମର କୋଉ ଧରି ବସିଚି । ସ୍ତ୍ରୀ ବୁଦ୍ଧି ତ ! ମଉସା ତାକୁ ସୁନା, ଶାଢ଼ୀ ଦେଲା, ଦେଇ ଲୋଭ ଦେଖେଇ ରଖିଚନ୍ତି । ମୁଁ ଯୋରଣାର ଦ' ଟଣା ଭିତରେ ପଡ଼ି ପେଷି ହୋଉଚି । ମାଆ, ଝିଅ କି ବିଚାର କରୁଚନ୍ତି କେଜାଣି ? ସେଇଯୋଗୁଁ କହୁଥିଲି, ତୋର ତ ବୁଦ୍ଧି-ବିବେକର ଅଭାବ ନାହିଁ । କେଉଁଠି ଚାକର ଗୋଟାଏ ଖୋଜି ରହି ଯା । ରାଜ୍ୟରେ ଶହ ଶହ ଚାକର ଖାଲି ପଡ଼ିଚି । ଏଁ, ତୋ ପରି ପୁଅକୁ କଅଣ ଚାକର ଅଭାବ ହେବ ?

ସୁଦର୍ଶନ—ନିଜ ବିଷୟରେ ନିଜେ ଚିନ୍ତା କରିବାକୁ ହେବ । ଆଜି ପର୍ଯ୍ୟନ୍ତ ନିଜ ଚିନ୍ତା ନିଜେ ନ କରି ବାଟା ମୋର ଦୁର୍ବଳତା ।

ଦାମ—ହଁ ବାପ, ସେଇ କଥା । ନିଜ ଉପରେ ନିର୍ଭର କରି କାର୍ଯ୍ୟ କରିବାରେ ଯେଉଁ ଆନନ୍ଦ, ସେ ଆନନ୍ଦ ଆଉ କେଉଁଥିରେ ହେଲେ ନାହିଁ । ଅଜା ହୁଅନ୍ତୁ କି ଯେ କେହି ହୁଅନ୍ତୁ, ସମସ୍ତେ ଅନ୍ୟ ଲୋକ ।

ସୁଦର୍ଶନ—ହଁ, ଠିକ୍ କଥା । ଠିକ୍ କଥା । ନିଜେ ଚିନ୍ତା କରିବାକୁ ହେବ । (ପ୍ରସ୍ଥାନ) ।

ଦାମ—(ସ୍ୱଗତ) କଥାଗୁଡ଼ିକ ଠିକ୍ ସଜେଇ କହିପାରିଲି କି ନାହିଁ, ତାହା ହିଁ ଚିନ୍ତାର ବିଷୟ । ଜାଣୁଚି, ସୁମବୋଉର ଇଚ୍ଛା ନାହିଁ । କେବଳ ଧନଲୋଭରେ ମୁଁ ମଉସାଙ୍କ ପଛରେ ଧାଇଁଚି । ମୁଁ କହିବା କଥା ଯଦି ସେ ମଉସାଙ୍କୁ କହିଦିଏ; ପୁଣି ସୁମବୋଉ ଯଦି ଏ କଥା ଶୁଣେ ! ଆଉ ଟିକିଏ ଭଲକରି ବୁଝେଇ କହିଥିଲେ ଭଲ ହୋଇଥାନ୍ତା । ଯାଉଚି ଦେଖିବି, ଯଦି ଘରକୁ ପଳେଇ ଯାଇଥିବ । ବାଟରେ ଦେଖିଲେ ମଧ୍ୟ ପଛରୁ ଡାକି କହିବା ସ୍ୱାଭାବିକ ହେବ ନି । ଯିମିତି ହେଲେ ତାକୁ ବି' ଷ୍ଟର ପଦ ବୁଝେଇ କହିବାକୁ ହେବ । ମିଥ୍ୟା କଥା ଆରମ୍ଭ କଲେ ଇମିତି ଜଞ୍ଜାଳ ସୃଷ୍ଟି ହୁଏ । (ପ୍ରସ୍ଥାନ) ।

ସୁଦର୍ଶନ—(ପ୍ରବେଶ କରି) (ସ୍ୱଗତ) ବୋଉ ଥିଲେ, ମତେ ଆଉ ଏତେ କଥା ଚିନ୍ତା କରିବାକୁ ପଡ଼ି ନ ଥାନ୍ତା, କିନ୍ତୁ ନିଜ ଜୀବନର ଚିନ୍ତା ନିଜେ ତ କରିବା ଉଚିତ । ଦାମ ଭାଇ ଯାହା କହିଲେ, ସେ ବିଷୟରେ ମୁଁ ସମ୍ପୂର୍ଣ୍ଣ ଏକମତ ନ ହେଲେ ମଧ୍ୟ ମନ ଭିତରେ ଗୋଟାଏ ସଂଶୟ ଜନ୍ମିଛି ।

ଅଜା ଇତିମଧ୍ୟରେ ବାହାଘର କଥା କହିଚନ୍ତି । କିନ୍ତୁ, ସେ ବାହାଘରଟା ମୋର କି ତାଙ୍କର ଜାଣି ନ ଥିଲି । ବର୍ତ୍ତମାନ ମଧ୍ୟ କଅଣ କିଛି ଜାଣିଚି ।

ସଦେଇ—(ପ୍ରବେଶ) ତମେ ଏଠିକି କାହିଁକି ଆସିଚ ହେ ! ଆଜ୍ଞା ପରା ତମକୁ ଧନଡ଼ା ଗାଁକୁ ପଠେଇଥିଲେ ।

ସୁଦର୍ଶନ—ସଦେଇ ଭାଇନା ! ଗୋଟାଏ କଥା ପଚାରିବି, କହିବ ?

ସଦେଇ—ନ କହିବି କାହିଁକି ! କିନ୍ତୁ ଯେଉଁ କଥାଟି ଦାମ ରଥ ଆଜି ତାଙ୍କ ପଛରେ ଗାଁଟି ଯାକର ଲୋକ ପଚାରୁଛନ୍ତି ସେଥିର ଜବାବ ମୁଁ ଦେଇପାରିବି ନା, ବୁଝିଲ ? ସ୍ପଷ୍ଟ କଥା କହିବାକୁ ହେଲେ ଇମିତି କରି କହିଦେବାକୁ ହେବ ତମେ ତ ପାଠଶାଠ ବହୁତ ଅକ୍ଷର ପଢ଼ିଚ । ହଇ ହୋ ଏଁ, ଭେଣ୍ଡିଆ ମଣିଷ ! ଯେଉଁଠି ହେଲେ କଅଣ ଚାକ ଗୋଟେ ମିଳିବ ନା ? ଆତ୍ମବିଶ୍ୱାସ ଗୋଟାଏ ବଡ଼ କଥା ।

ସୁଦର୍ଶନ—ଯିବାକୁ ଯଦି ହୁଏ ଅଜାଙ୍କୁ ପଚାରିବାକୁ ହେବ ତ ?

ସଦେଇ—କାହିଁକି ତାଙ୍କୁ ପଚାରିବ ? ନାହିଁ ଯେ ମୁଁ ପଚାରୁଚି କାହିଁକି ଅଜାଙ୍କୁ ପଚାରିବ । ଆସିବା ସମୟରେ ତ ଅଜାଙ୍କୁ ପଚାରି ଆସି ନ ଥିଲ । କଳା ବୟସ ଅଛି, ଯୋଉଁଠି ହେଲେ କାର୍ଯ୍ୟରେ ଲାଗିଯିବ । ଆଜ୍ଞା ହଦ ତାଙ୍କର ସେ ସଂସାର କରିବେ, କରନ୍ତୁ । ମୁଁ ମଧ୍ୟ ସେଇକଥା ଚାହୁଁଚି । ଚୁଲିଯିବ ବୃନ୍ଦାବନ । ବୁଝିଲ । ତମେ ତ ଆଜି ତୀର୍ଥବାସ କରିବ ନାହିଁ, ଦାମ ରଥର ଝିଅଟି ଭଲ ପିଲା । ମାତ୍ର ତମ ଅବସ୍ଥା ତ ତମେ ସମ୍ଭାଳି ପାରୁନ । ସେ କଥା କିମିତି ହେବ, ବୁଝିଲ ? ସଂସାର ଚଳେଇବାକୁ ତମର ଆଉରି ଶକ୍ତି ହୋଇନାହିଁ ।

ସୁଦର୍ଶନ—ସଦେଇ ଭାଇନା, ନାହିଁ ଆଉ । ଆଉ ବେଶି କହିଲେ, କଥାଟା ଆହୁରି ଜଟିଳ ହୋଇ ଉଠିବ । ନମସ୍କାର ସଦେଇ ଭାଇନା ! ଯାଏ ତେବେ । (ପ୍ରସ୍ଥାନ) ।

ସଦେଇ—ଏକା ଥରକେ କାମ ଛିଣ୍ଡେଇଦେଲେ ଗଲା । ଆଜ୍ଞା ଯଦି ବଡ଼ ହେବେ, ହୁଅନ୍ତୁ । ମତେ ତ ସ୍ପଷ୍ଟ କରି କିଛି କହି ନାହାନ୍ତି । ସୁଦର୍ଶନକୁ ପୋଷ୍ୟପୁତ୍ର କରି ଘରେ ରଖି ତାକୁ ସବୁ ସମ୍ପତ୍ତି ଦେଇଦେବେ, ଏ କଥା ମଧ୍ୟ ମୋର ଇଚ୍ଛା ନାହିଁ । ବଡ଼ ଯଦି ହେବେ ହୁଅନ୍ତୁ, ସେଥିରେ ମଧ୍ୟ ମୋର ମନ ନାହିଁ । ଏତେ କଷ୍ଟରେ ସାଇତିଥିବା ଧନ ପର ଖାଇଯିବ । ଏ ମନ ହିଁ କରିବ କମିତି ? ଏ ଦେହ ସହିବ କେତେକେ ! କୋଉଥିରେ ହେଲେ ମଣିଷର ସୁଖ ନାହିଁ କି ଶାନ୍ତି ନାହିଁ ହେ ! ଭକ୍ତକବି ମଧୁସୂଦନ ଯେଉଁ କବିତା ଲେଖିଚନ୍ତି, ସେଥିରୁ ଦି'ପଦ ଆଜ୍ଞା ମତେ ନିତି ସାଞ୍ଜକୁ ଶୁଣାଉଥିଲେ । ସେଇ କଥା ମନେ ପଡ଼ୁଚି—

ରେ ଆତ୍ମନ୍ ନିଦ୍ରା ପରିହରି
ଫେଡ଼ ତନ୍ଦ୍ରାର ଲୋଚନ
କର, କର ନିରୀକ୍ଷଣ
ନିଃଶବ୍ଦେ ଜୀବନସ୍ରୋତ ଧାଉଁଛି କପରି
ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରି ।
କାହିଁ ଶାନ୍ତି ! କାହିଁ ନିତ୍ୟ ସୁଖ !
ଯାହା ଲଭିବାର ଲାଗି ଅଛୁ ଅବିରତ ଜାଗି
ତହିଁ ଶୁଦ୍ଧ ଆଶା-ଦୀପ
ଉଜ୍ଜ୍ୱଳ ମୟୂଖ ।

( ପୂଜାରି ଓ ସଦେଇର ପ୍ରବେଶ । ପୂଜାରି ପଛରେ ଆସୁଥିଲା ସେବନରତ କ୍ଷୁଦ୍ର ବାଳକ ଗୋଟିଏ ) ।

ପୂଜାରି—(ଆସୁ ଆସୁ) ହଇ ହେ ମଇଶି, ଏକା ଗାଁରେ ଘର କରି ରହିଛେ, ହେଲେ ମଧ୍ୟ ଛଅ ମାସରେ ଥରେ ତମର ଦର୍ଶନ ମିଳୁ ନି !

ସଦେଇ—ତମର ଏବେ କୋଉ ଦର୍ଶନଟା ମିଳିଯାଉଚି ଯେ, ମୋର ଦର୍ଶନ ମିଳିବ ?

ପୂଜାରି—ଦେଖୁଚ ମଇଶେ ମୋ ଅବସ୍ଥା । ପୁଅ-ବୋହୂ ଦୁଇଟାଯାକ ଡାକ-ହାକ ହୋଇ ଚାଲିଗଲା ପରି ମରିଗଲେ । ଏଇ ପିଲାଟାକୁ ଛାଡ଼ିଦେଇ ଯାଇଚନ୍ତି । ଆମେ ମଲେ ଏଇ ଗୋଟିକ ଆମକୁ ପାଣିମୁନ୍ଦାଏ ଦେବ ମଇଶେ ! ବଡ଼ ଛୁଗୁଣା ପିଲା । ଏହାକୁ ନେଇ ଘାଣ୍ଟି ସନ୍ଥୁଳି ହେଉଚି । ହାତରେ ପଇସାପଣ ମଧ୍ୟ ନାହିଁ । ଦେଖିଲ, ଭେଁ ଭେଁ କରି କାନ୍ଦିଲାଣି । ଦେଖୁଚ, କଥା ପଦେ କୁହାଇ ଦେଉ ନି । ବୁଢ଼ୀକି ଜର ହେଇଚି ଯେ, ଏହାକୁ ଗାଧୋଇ ଦେବି ବୋଲି ଆଣିଚି । ଯାଉଚି ମଇଶେ ! ଆଉ କେତେବେଳେ ଆସିବି, ଦୁଃଖସୁଖ କଥା ହେବା ।

ସଦେଇ—ଆମର କୋଉ ଦୁଃଖସୁଖ ଅଛି ଯେ କଥା ହେବା ?

ପୂଜାରି—ଏଇ ଶୁଣିଲ । ଅଧପୋଡ଼ା କାଠ ପରି କମିଚି ଏ ପିଲା ବଞ୍ଚୁଛି । ଇଏ ଆଉ ଥରେ ଆମକୁ ପିଣ୍ଡପାଣି ଦେବ ଯେ ଆମେ ତରି ଯିବା । ବୁଢ଼ୀର କଳନାକୁ ଶୁଣିଥିବ ଏକା । ମଇଶେ ଟଙ୍କା ଶହେ ଦୁଇଶହ, ହାତଉଧାରି କରେଇ ଦେଇଥାନ୍ତି । ଆସନ୍ତା ବର୍ଷ ଆଉକୁ ଶୁଝିଦିଅନ୍ତି । ଏ ବର୍ଷର ଧାନଟା ହେଇଗଲେ ଶୁଝିଦେବି ହେ ମଇଶେ ! ଔଷଧ ଖରଚପାଇଁ ଲୋଡ଼ା ଥିଲା ଯେ ! ହେଉ, ମୁଁ ଆସିବି । ଏଇଟା କାନ୍ଦିଲାଣି ଯାଉଚି । (ପ୍ରସ୍ଥାନ) ।

ସଦେଇ—ଦେଖ ହେ, ଏ ବୁଢ଼ାକାଳକୁ ଏଡ଼କ ବକଟେ କଲା କଟକଟ ପିଲକୁ ସେବା କରିବାରେ ଲଗିଚନ୍ତି । କ ଲୋଡ଼ା ପଡ଼ିଚି ମୁାଙ୍କୁ ଏତେ କଥା କହିବାକୁ ! କଅଣ କହିବା ? ଅଲୋଡ଼ା କଥା ର ଇମିତି ଅନେକ କରିବାକୁ ହେଉଚି । ଏଇ ମୋ କଥା ମୁଁ କହୁଚି । କ ଦରକାର ଥିଲା, ମୋର ସୁଦର୍ଶନକୁ ଏତେ କହିବାକୁ । ନାହିଁ ଯେ ମୋର କ ଦରକାର ଥିଲା ? କୋଉଁଠି ଅଛନ୍ତି ସେ ନଟବର ? ନିତି ପ୍ରତିକ୍ଷଣରେ ତାଙ୍କ ଇଚ୍ଛା ହେଲେ ଆମକୁ ନଚେଇ ଦେଇ ଯୁଉଚନ୍ତି । ଭାବିଲେ ହସ ଲାଗୁଚି । ଏଇ, ଆମ ମଇଫଙ୍କ କଥା ହେ ! ତାଙ୍କର ମନ୍ତ୍ର ବଳରେ ସେ ମଧ ପିଲାଧରି ନାଚୁଚନ୍ତି ।

ପୂଜାରି—(ପ୍ରବେଶ) ମନେ ମନେ ମଇଫ-ମଇଫ ଭଳି କ କଥା ହୋଉଚ ମଇପେ ? ମୁଁ ସେ ପିଲାଟାକୁ କାରିଁକର ଆଈ ପାଖରେ ଯୁଡ଼ିଦେଇ ଆସିଚି । ଆଉ ଗୋଟାଏ କଥା ହେ ! କଛି ନ ହେଲେ ମଧ ମହାପାତ୍ରଙ୍କୁ କହି ଧାନ ଭରଣଟାଏ କରେଇ ଦେଇଥାନ୍ତି । ମୁଁ ନନ୍ଦବେଳକୁ ଆସିବି । ଶୁଣୁଚ ?

ସଦେଇ—ଶୁଣୁଚି ହେ, ତମ ନାତି ସେ ଆଉଡ଼ କାନ୍ଦିଲାଣି । ବୁଢ଼ା ହେଲଣି; ଆଉ କେବେ ଶୁଝିପାରିବ ? ଧାର କୁଧାର କାହିଁକି କରିବ ? ନାତି କାନ୍ଦିଲାଣି । ଏଥର ଯାଅ ସେଆଡ଼େ । ଆଈଙ୍କର ପୂଜାପଜ ହେଇ ଯିବଣି । ଯାଉଚି, ଏଠି ଯେତେ ସବୁ କଥା ହେଲଣି, କୋଉ କଥାଟା ହେଲେ ଭଲ ନୁହେଁ ।
(ପ୍ରସ୍ଥାନ) ।

ପୂଜାରି—ଦେଖ ହେ, ତାକୁ ତାକୁ ଶୁଝିଲ ନାହିଁ ! ବଡ଼ ଘରେ ଅଛି ବୋଲି, ବଡ଼ ମୁହଁ ହେଇଗଲାଣି । ଦେଖ, ସେ ଆଡ଼େ ସେ ପିଲା କମିତି ରଡ଼ ଯୁଡ଼ୁଚି !
(ପ୍ରସ୍ଥାନ) ।

# ତୃତୀୟ ଅଙ୍କ

## —ଦ୍ୱିତୀୟ ଦୃଶ୍ୟ—

ସ୍ଥାନ—ବ୍ରଜଙ୍କ ବାସଗୃହ । ସମୟ—ମଧ୍ୟାହ୍ନ ।

(ବାରଣ୍ଡା ଟେବୁଲ୍ ଉପରେ ରଖାଯାଇଥିଲା ହାରମୋନିୟମ୍, ବହିପତ୍ର ଇତ୍ୟାଦି) ।

ବ୍ରଜ—(ପ୍ରବେଶ କରି ବହିପତ୍ର ଓଲଟାଇ) କୌଣସି ବିଷୟରେ ମୁଁ ସୁଦର୍ଶନର ତ୍ରୁଟି ଦେଖିପାରୁ ନ ଥିଲି । ତେବେ ସେ କାହିଁକି କିଛି ନ କହି, ମତେ ଛାଡ଼ି ଅନ୍ୟତ୍ର ଚାଲିଗଲା ସେ କଥା ଆଦୌ ବୁଝିପାରୁ ନାହିଁ । (ଚିନ୍ତିତ ଭାବରେ ପ୍ରସ୍ଥାନ) ।

ସଦେଇ—(ପ୍ରବେଶ କରି) କଅଣ ଗୋଟାଏ ହଜେଇ ଦେଲା ପରି ଲାଗୁଛି; ମନେ ମନେ ଖୋଜି ହେଉଛି, ଏଣେ ଦେଖୁଛି ମୋର କିଛି ହଜି ନି । ପୌଷ ଯାଇ ମାଘ ଗଲାଣି । ହେଇଟି କାଲି ପରି ଲାଗୁଛି । ସୁଦର୍ଶନଙ୍କୁ କହି ଦେଇଥିଲି 'ଚୋର ତୁ ଚୋ ବାଟ ଦେଖ ।' ସତେ କଅଣ ସେ ମୋର କଥାରେ ବିଶ୍ୱାସ କରି ଚାଲିଗଲା ! କାହିଁକି କେଜାଣି ମୁଁ ଏ ଅନର୍ଥ ଘଟାଇ କଲି, କିଛି ଭାବିପାରୁ ନି । ଏବେ ଆଖି କାନ୍ଦୁଛନ୍ତି ! ମୁଁ ଭାବୁଛି, ମୁଁ କଅଣ କରିବି ?

ବ୍ରଜ— (ପ୍ରବେଶ କରି) ସଦେଇ—

ସଦେଇ—ଆଜ୍ଞା !

ବ୍ରଜ—ଦେଖ, କଅଣ ଗୋଟାଏ କହିବି ବୋଲି ଭାବୁ ଭାବୁ ସବୁ ଭୁଲିଗଲି । (ଟିକିଏ ଭାବି) ମନେପଡ଼ିଗଲା ରେ ସଦେଇ ! ଟଙ୍କାଗୁଡ଼ାକ ତ ସବୁ ଆଦାୟ ହୋଇପାରିଲା ନାହିଁ । ଆମେ ଯଦି ତୀର୍ଥ କରି ଯିବା, ଏସବୁ ଆଦାୟ କରିବ କିଏ ? ମୋର ଇଚ୍ଛା ଥିଲା, ସୁଦର୍ଶନକୁ ଏ ବନ୍ଧନ ଭିତରେ ରଖିଦେଇ ମୁଁ ମୁକ୍ତଆକାଶର ବିହଙ୍ଗ ହୋଇ ବୁଲିବି ।

ସଦେଇ—ସେ କଥା ଆଉ କାହିଁକି ଭାବୁଚନ୍ତି ! ଗୋଟେ କଥାରେ ସବୁ ଜଞ୍ଜାଳ ଯିବ । ରାମ ରଥ ଆପଣଙ୍କ କଥା ଶୁଣି ତା ଝିଅକୁ ପିଲାଦିନେ ବିବାହ ନ କରି ରଖିଚି । ଆଉ କେତେ ଦିନ ରଖିବ ?

ବ୍ରଜ—ଭୁଲି ହୋଇଗଲୁ ଯେ ସଦେଇ ! ତୁ ଏଇ କଥା କହିବାକୁ ଯାଉଚୁ ବୋଧହୁଏ । ସୁମନାକୁ ମୁଁ ବିବାହ କରି ନୂଆ ସଂସାର କରିବି । କିନ୍ତୁ ତୋ ଅବସ୍ଥାଟା କଅଣ ହେବ ?

ସଦେଇ—ମୋ କଥା କଅଣ ହେବ—ଯିଏ ମତେ ଗଢ଼ିଚି ସେଇ ସେ କଥା ବୁଝିବ । ତା' ନ ହେଲେ ଆମର ଜଗନ୍ନାଥେ' ଅଛନ୍ତି, ତାଙ୍କର ବାଇଶି ପାଉଛ ଅଛୁ । ସେଠି ମତେ ଆଶ୍ରା ମିଳିଯିବ ।

ବ୍ରଜ—(କୃତ୍ରିମ ବିରକ୍ତିରେ) ଭାରି ତ ବୁଢ଼ାଳିଆ ହୋଇଗଲୁଣି । ତତେ ଯିଏ ଗଢ଼ିଚି, ସେ ଆସି ରକ୍ଷାରକ୍ଷଣ କରିବ । ନିଜେ ତ ନିଜର କିଛି କରିପାରିବୁ ନି; ଯିଏ ଗଢ଼ିଚି, ଯିଏ

ଆସି କରିଦେବ । ତାଙ୍କୁ ତୁ ଦରମା ଦେଇ ପୋଷିଚୁ ନା ! ଯା ସେ ରାଜନ ବଣ୍ଟାଳକୁ ଡାକି ଅଣିବୁ । ଏ ମାସ ଶେଷରେ ଟଙ୍କା ଦେବ ବୋଲି କହିଥିଲ । ଯା, ତାକୁ ଡାକି ଆଣିବୁ ।

(ପ୍ରସ୍ଥାନ) ।

ସଦେଇ—(ଆଖି ନାକ ପୋଛି) ପଚାରିଦେଲେ କି କହିଦେଲେ ଏମିତି ଧପି ଆହ୍ଲାଦ ଯେ, ମଣିଷ ଏକାଥରକେ ପଚେଇ ଯାଉଚି । କଅଣ କରିବ ? ଯାଉଚି, ରାଜନ ବଣ୍ଟାଳକୁ ଡାକି-ଦେବ । କହୁଚନ୍ତି, ଆଗ ଟଙ୍କା ଗୁଡ଼ାକ ଆଦାୟ ହୋଇଯାଉ; ତା ପରେ ଖର୍ଚ୍ଚ ଦିବା । ଏଇ କଥାଟା ମତେ ବଡ଼ ଗୋଳ-ମାଳରେ ପକେଇ ଦେଉଚି । ଆଜି ରାଜନଠୁ ଟଙ୍କା ଆଣି; କାଲିକି ପୁଣି କାର୍ତ୍ତିକକୁ ଋଣ ଦେଇଦେବେ ।

ବ୍ରଜ—(ଭିତରୁ) କିରେ ସଦେଇ ଏବେ ବି ଯାଇନାହୁଁ ?

ସଦେଇ—ହଁ, ଆଜ୍ଞା ଯାଉଚି । (ସ୍ୱଗତ) ଆଜ୍ଞାଙ୍କର ଏ ଛଳଚାତୁରୀ ଭିତରକୁ ମୁଁ ଆଉ ପଶିପାରୁ ନାହିଁ—କହୁଚି ସିନା ଇମିତି, ମୁଁ ମଧ୍ୟ କଅଣ ଜୁଣା ଛଳନା କରୁଚି କି ? (ପ୍ରସ୍ଥାନ) ।

ସୁମନା—(ପ୍ରବେଶ କରି ବସିଲା ଟେବୁଲରେ) କାଗଜପତ୍ର ଓଲଟ ପାଲଟ କରି, (ସ୍ୱଗତ) ଗୀତ ଖାତାଗୁଡ଼ାକ ଏଠି ପଡ଼ିଚି, ଗୀତଗାଇବା ଲୋକର ଦେଖା ମିଳୁନାହିଁ । ହାରମୋନିୟମ୍‌ଟା ମଧ୍ୟ ରଖାହୋଇଚି । (ବଜେଇବାକୁ ଆରମ୍ଭ କଲା) ।

ବ୍ରଜ—(ଏକପ୍ରକାର ଦଉଡ଼ି ଆସିଲେ) । (ସୁମନାକୁ ଦେଖି, ମ୍ଳାନ ହସ ହସି) ଆରେ ସୁମନା ଯେ ! ମୁଁ ଭାବିଥିଲି, ସୁଦର୍ଶନ ଆସେ

ହଠାତ୍ ମତେ ଚମକାଇ ଦେବାକୁ ବାଜାଟା ବଜେଇ ଦେଉଛ । ମନୁଷ୍ୟ ସତରେ କେତେ କଅଣ କଳ୍ପନା କରି ବସେ !

ସୁମନା—ଆପଣ ଧାଇଁ ଆସିଥିଲେ, ନାତିଙ୍କୁ ଦେଖିବା ପାଇଁ । ତାଙ୍କୁ ନ ଦେଖି ଆବେଗରେ ବାଧା ପଡ଼ିଗଲା ନା କଅଣ ?

ବ୍ରଜ—(ଧୀରେ ଧୀରେ ଆସି ବସିଲେ ଚଉକିରେ) ତୁ ମଧ୍ୟ ତ ସେଇ ଆଶାରେ ଆସିଥିଲୁ । ତାକୁ ନ ଦେଖି ତାର ହାରମୋନିୟମ୍-ଟାକୁ ଧରି ବସିଲୁ । (ହସି) ସୁଦର୍ଶନର ହାତର ସ୍ପର୍ଶ ରହିଛି ସେଥିରେ ।

ସୁମନା—(ଆବେଗରେ) ଏଠିକି ଆସିବା ତ ନୂଆ କଥା ନୁହେଁ । ସେଇ ଏତିକି ଟିକିଏ ପିଲାଦିନରୁ ମାଆଙ୍କ ପାଖକୁ ଆସୁଥିଲା । ସେଦିନର କଥା ସ୍ୱପ୍ନ ପରି ଲାଗୁଛି । କାହାରି ମନା ନ ମାନି ଚାଲିଆସୁଛି ।

ବ୍ରଜ—(ହସି, ବାଧାଦେଇ) ଅତୀତର କରୁଣ କାହାଣୀ କହି ମତେ ଭୁଲେଇ ଦେବାକୁ ବସୁଛୁ ସୁମନା ! ତୋର ଏ କଳ୍ପନା-ଚାତୁରୀ ଦେଖି ମୁଁ ବଡ଼ ଖୁସି ହେଉଛି । କିନ୍ତୁ ଆଜି ଗୋଟାଏ କଥା କହିବାକୁ ମୁଁ ଛାଡ଼ିବି ନାହିଁ । ସୁଦର୍ଶନ ଆସିବାଠୁଁ ତ ଏ ଘରକୁ ଆସୁ ନ ଥିଲୁ । ଠାକୁରଙ୍କୁ ଫୁଲ ଦେବା କଥା ମଧ୍ୟ ଭୁଲି ଯାଇଥିଲୁ । ଏବେ ଦୁଇଦିନ ଥରେ ଆସି ତା କଥା ପଚାରି ଦେଇ ଯାଉଛୁ । ତୁ ତା' କଥା ଭାବୁଛୁ ବୋଲି ତ ପଚାରୁଛୁ ? କଅଣ ?

ସୁମନା—ନାହିଁ ମଉସାବାପା ! ମୁଁ କୌଣସି କଥା ଭାବୁ ନାହିଁ ।

ବ୍ରଜ—ମୁଁ କହୁଚି, ତୁ ଭାବୁଚୁ । ରାଧା ଯେମିତି ଶ୍ରୀକୃଷ୍ଣଙ୍କ କଥା ଭାବୁଥିଲେ ।

ସୁମନା—ଆପଣ ମତେ ମନୁଷ୍ୟ କରି ଗଢ଼ିଚନ୍ତି । ମୁଁ ଯାହା ଭାବୁଚି, ଆପଣ ନିଶ୍ଚୟ ବୁଝିପାରୁଥିବେ । ଆପଣ ଯେ ରାଧାଙ୍କ କଥା କହିଲେ, ମୁଁ ତାଙ୍କର କେଉଁ ଗୁଣ ଆଉ ରୂପକୁ ସରି ହେବି ? ଛାଡ଼ନ୍ତୁ ସେ କଥା । ଆପଣ ନିଶ୍ଚିନ୍ତରେ ଗୀତ ଗାଇ ଦିନ କଟେଇ ଦେଉଥିଲେ । କେଉଁଠୁ ନାରୀ ଜଣେ ଆସି ଆପଣଙ୍କ ସୁଖର ସଂସାରଟାକୁ ଓଲଟ ପାଲଟ କରିଦେଲେ । କାହିଁକି ଆସିଲେ, ଆସିଲେ ଯଦି କାହିଁକି ନ କହି ଚାଲିଗଲେ ? ଆପଣଙ୍କୁ ଏତେ ଦୁଃଖ ଦେଲେ କାହିଁକି ?

ବ୍ରଜ—(ହସିଦେଇ) ଦୁଃଖ ଚିନ୍ତା ହିଁ ଯେ ମନୁଷ୍ୟ ଜୀବନର ପ୍ରଧାନ ସମ୍ବଳ ସୁମନା ! ଯେଉଁ ମନୁଷ୍ୟ ଦୁଃଖ ସହ୍ୟ କରିନାହିଁ ସେ, ସୁଖ ମଧ୍ୟ ସହ୍ୟ କରିପାରେ ନାହିଁ । ମୁଁ ଏଇ ଦୁଃଖ ଭିତରୁ ନିଜକୁ ଆବିଷ୍କାର କରିଚି । ତାକୁ ଦେଖିଲା ପରେ ମୁଁ ଯେଉଁ କର୍ମଯୋଜନା କରିଥିଲି, ତାହା ନେଇ ମୁଁ ବର୍ତ୍ତମାନ ବିବ୍ରତ ହୋଇ ପଡ଼ିଚି । ତାକୁ ଖୋଜିବାକୁ ଯିବି କି ଘରେ ବସି ଅପେକ୍ଷା କରିବି, ଜାଣିପାରୁ ନାହିଁ । ଭିତରେ ଭିତରେ କେବଳ ଗୋଟାଏ ଝଡ଼ର ଚାଲିଚି ।

ସୁମନା—ଆପଣ ତାଙ୍କୁ ଖୋଜିବାକୁ ଯିବେ କାହିଁକି ମଉସାବାପା ! ନିଜେ ଇଚ୍ଛାକରି ଆସିଥିଲେ, ନ କହି ଯାଇଚନ୍ତି । ଇଚ୍ଛାକରି ଆସନ୍ତୁ ।

ବ୍ରଜ—ମୋର ଯେ ଏଣେ ସମସ୍ତ ଗୋଳମାଳ ହୋଇଯାଉଛି । କେତେବେଳେ କଅଣ କରିବ, ସ୍ଥିର କରିପାରୁନାହିଁ । ସେ ଆସିଲେ, ତାଙ୍କୁ କହି ଯାହା କିଛି କରିବ ।

ଗୋପାଳ—(ବାହାରଦୁଆର ମୁହଁକୁ ଆସି ଡାକୁଛି) ଆସ ନାନା !

ସୁମନା—ବୋଉକୁ ନ କହି ଚାଲି ଆସିଥିଲି ମଉସାବାପା, ଯାଉଛି ଆଉ ଥରେ ଆସିବି । ଚାଲ ଗୋପାଳ, ମୁଁ ଆସୁଛି ।

(ପ୍ରସ୍ଥାନ ଉଦ୍ୟମ)

ବ୍ରଜ—(ଘର ଆଡ଼କୁ ଯିବା ଉଦ୍ୟମ କରି, ସ୍ୱଗତ) ଏଇ ସୁଯୋଗରେ ସୁମନାକୁ କଅଣ ହେଲେ ଗୋଟାଏ ଉପହାର ଦେଲେ ସେ ଖୁସି ହୁଅନ୍ତା । (ସୁମନା ଆଡ଼କୁ ଚାହିଁ) ସୁମନା—ଆ ବସ । ମୁଁ ଟିକଏ ଏଇ ଘରଆଡ଼ୁ ଆସୁଛି ।

(ପ୍ରସ୍ଥାନ କଲେ)

ସୁମନା—(ଫେରି ଆସି) ଗୋପାଳ, ତୁ ଯା । ବୋଉକୁ କହିଦେବୁ—ମୁଁ ଏଇମିତି ଯାଉଛି । (ଗୋପାଳ ଚାଲିଗଲା) (ଚଉକିରେ ବସି, ସ୍ୱଗତ ଉକ୍ତି) କାହିଁକି ଯେ ମୁଁ ସୁଦର୍ଶନଙ୍କ କଥା ଏତେ ଭାବୁଛି, କିଛି ଜାଣିପାରୁ ନି । ମଉସାବାପା କହିଲା ପରି ମୋର ମନେହେଉଛି, ସେ ମୋର ଶ୍ୟାମସୁନ୍ଦର କୃଷ୍ଣ, ମୁଁ ବନ୍ଧନଗ୍ରସ୍ତା ରାଧା ବସି ବସି ଶୁଣୁଛି ସୁଦୂରର ବଂଶୀଧ୍ୱନି; କିନ୍ତୁ ମଉସାବାପା ମତେ ଏତେ ଭଲ ପାଉଛନ୍ତି କାହିଁକି ?

ବ୍ରଜ—(ପ୍ରବେଶ କରି, ହାତ ମୁଠା ଖୋଲି ସୁମନାକୁ ଦେଖାଇଲେ ଗୋଟିଏ ସୁନାର ସୁନ୍ଦର ହାର) ଦେଖୁଚୁ ସୁମନା ! ଏଇ

ହାରଟି ନୂଆ କରି ଗଢ଼ି ଆଣିବ ତୋ ମାଆର ହାରଟାକୁ ବଦଳି କରି । (ପିନ୍ଧେଇ ଦେଲେ)

ସଦେଇ—(ପ୍ରବେଶ କରି, ଦେଖି ଦେଇ ଜିଭ କାମୁଡ଼ି ଚାଲିଗଲା) ।

ସୁମନା—(ବ୍ରଜଙ୍କ ପଦଧୂଳି ନେଇ) ମଉସାବାପା, ଆପଣଙ୍କର ଏ ହାର ଅକ୍ଷୟ ହୋଇ ମୋ ଗଳାରେ ଝୁଲୁଥାଉ । (ଆବେଗରେ କଥା କହି ନ ପାରି ଆଖି ପୋଛି ଚାଲିଗଲା ସୁମନା)

ସଦେଇ—(ପ୍ରବେଶ) ଆଜ୍ଞା, ରାଜନ ବଣ୍ଟାଳ ଆସିଥିଲା । ମୁଁ ତାକୁ ବାଟରେ ଦେଖିଲି । ଆପଣ ଆସିଲେ, ସେ କଅଣ କହିବ ବୋଲି କହୁଚି ।

ବ୍ରଜ—ରାଜନ ଆସିଚି, ତାହାହେଲେ ମୁଁ ଯାଉଚି । (ପ୍ରସ୍ଥାନ)

ସଦେଇ—(ସ୍ୱଗତରେ) ଆଜ୍ଞା ଆମର ସନ୍ଦେହ ଦେଉଳର ହାର ଖୋଲି ଦେଉଚନ୍ତି । ଲୋକେ ଏ କଥା ପଚାରି ପଚାରି ମତେ ଏକା ଅଧିକେ କୋଚଟା କୋଚଟା କରିଦେଲେଣି । ଏଇ-କ୍ଷଣିକା ନନ୍ଦବୋଉ-ନାନୀ ଧାଇଁ ଆସି ପଚାରିବ । ସୁମନା ବେକରେ ଏଡ଼େ ବଡ଼ ହାର ଦେଖିଲେ, ସେ କଅଣ ସହି ପାରିବ ? ତା'ର ଗୋଟାଏ ପେଟ୍ରମ୍ଭଙ୍କ ନାତୁଣୀ ଅଛି; ତାକୁ କମିତି ଆଜ୍ଞାଙ୍କ ସହିତ ଯୋଡ଼ିଦେବ ବୋଲି, ମୋ ସାଥିରେ ଲାଗିଚି । ଯାଉଚି, ଦହିଟା ମୋହିଁଦେବ । ସକାଳୁ ଶୀତ ଲାଗୁଚି । ମଣିଷକୁ ବସିବାକୁ ହେଲେ ଟିକିଏ ସମୟ ମିଳୁଚି କାହିଁ ?

ଦାମ—(ପ୍ରବେଶ) କଅଣ କରିବ କହୁ ବୁଦ୍ଧିପାରୁ ନ । ସୁମ ବେକରେ ଯେଉଁ ହାରଟା ଦେଖିଲି—ଅନ୍ତ ଉଣାରେ ଟଙ୍କା

ଦ'ହଜାର ନ ହେଲେ କଣି ହେବ ନାହିଁ । ମଞ୍ଜୁସା ତାଙ୍କୁ ସେ ହାରଟା ଖାଲିଁକ ଦେଲେ ? ତାଙ୍କୁ ବିବାହ କରିବେ ବୋଲି ଦେଇଥିବେ ନିଶ୍ଚୟ ।

ସଦେଇ—(ଆସି) ଓହୋ, ତମେ ଆଜ ଥରେ ଆସିଲଣି କ ହେ !

ଦାମ—(ଅଗ୍ରସର ହୋଇ ଆସି ) ସଦେଇ ଭଇ ତୁ ମୋତେ ରକ୍ଷା କର, ମୁଁ ବଡ଼ ସନ୍ଦେହରେ ପଡ଼ିଛି ।

ସଦେଇ—(ବାଧା ଦେଇ) ମତେ ତମେ ରକ୍ଷାକର ହେ ରଥେ, ତମର ହାତ ଧରୁଚି, ଗୋଡ଼ ଧରୁଚି । ମୋର ମଧ୍ୟ ସନ୍ଦେହ ହୋଉଚି । ତମେ ଉତ୍ତମ ବ୍ରାହ୍ମଣ । ପର ଦ୍ରବ୍ୟରେ ଲୋଭ ନାହିଁ । ସବୁ କଥା ତମ ଜ୍ଞାନକୁ ଗୋଚର ହୋଇ ଯାଉଥିବ । ତୁମେ ଆଗ ମୋର ସନ୍ଦେହ ମୋଚନ କରିଦିଅ—

ଦାମ—ଆହା, କଅଣ ଇମିତି ହାସ୍ୟକାଣ୍ଡ ପରି ହେଉଚୁ ସଦେଇ ! ମଞ୍ଜୁସା ତ ମତେ କିଛି କହୁ ନାହାନ୍ତି ।

ସଦେଇ—ତମ ମଞ୍ଜୁସା କାହାକୁ କଅଣ କହୁଚନ୍ତି ଯେ, କେବଳ ତମକୁ କହୁ ନାହାନ୍ତି । ଏଣେ ବିଭାଘର ପାଇଁ ଗୁଡ଼, ଘିଅ ଡାଲି, ଚାଉଳ ଇତ୍ୟାଦି ଯୋଗାଡ଼ ଚାଲିଚି । ତେଣେ ବର କିଏ ବଧୂ କିଏ ଜଣାଯାଉ ନି । ପୁଣି କହୁଛନ୍ତି ବୁଜୁଳା ବାନ୍ଧି ବୃନ୍ଦାବନ ଯିବା । ଜଣେ ମଣିଷ କେତେଆଡ଼େ ହେବେ କେଜାଣି ?

ବ୍ରଜ—(ପ୍ରବେଶ କରି) କରେ ସଦେଇ କଅଣ ସବୁ କଥାବାର୍ତ୍ତା ଚାଲିଚି ?

ସଦେଇ—ଏଇ ଦାମରଥ ଆସିଚନ୍ତି ଯେ, ମୁଁ କେତେ ଆଡ଼େ ହେବ । ତାଙ୍କ କଥା ଶୁଣିବ କ ଘର କାର୍ଯ୍ୟ କରବ ଆପଣ ତାଙ୍କ କଥା ବୁଝନ୍ତୁ, ମୁଁ ଯାଉଚ । (ପ୍ରସ୍ଥାନ)

ବ୍ରଜ—କରେ ଦାମ, କୁଆଡ଼େ ଆସିଥିଲୁ ?

ଦାମ—ମୁଁ ଆସିଚ ମଉସା—

ବ୍ରଜ—ତୁ ଆସିବା ତ ଦେଖୁଚ । ତେବେ କାହିଁକ ଆସିଚୁ ସେଇ କଥା ପଚାରୁଚ । ଆସିଚୁ କାହିଁକ ?

ଦାମ—ମଉସା । ପଚାରୁଚନ୍ତି ପଚାରୁଚନ୍ତି ଆପଣ ଏ ଆଡ଼େ ଧ୍ୟାନଦେଇ ଦେଉଚନ୍ତି, ସେ ଆଡ଼େ ସୁମବୋଉ ମତେ ଘରେ ରଖେଇ ଦେଉନାହିଁ । ସୁମନାର ଚିନ୍ତାରେ ସେ ରୋଗିଣା ହୋଇଗଲାଣି । ତାର ମଧ୍ୟ ବୟସ ହୋଇଗଲା । ଆପଣ ସ୍ପଷ୍ଟ କର କହୁ ଗୋଟାଏ କଥା ନ କହିଲେ—

ବ୍ରଜ—ଆଉ ଅଧିକ ସ୍ପଷ୍ଟ କଥା ତ ମତେ ଆସୁନାହିଁରେ ଦାମ !

ଦାମ—ସଦେଇ କହୁଚ ଆପଣ ତୀର୍ଥ ଯିବାପାଇଁ ବନ୍ଧା ବନ୍ଧ କଲେଣି । ଏଣେ ମୁଁ ଆଶାକର ବସିଚ—

ବ୍ରଜ—କେଉଁକଥା ପାଇଁ ଆଶାକର ବସିଚୁ ?

ଦାମ—କହିଲି ପରା ମଉସା, ସୁମନାର ଚିନ୍ତାରେ ମୁଁ—

ବ୍ରଜ—ମୁଁ ବାରମ୍ବାର କହୁଚ, ସୁମନାର ବିବାହ ଭାର ମୁଁ ନେଇଚ । ସେ ବିଷୟରେ ତୁ କୌଣସି ଚିନ୍ତା କରିବା ଦରକାର ନାହିଁ ।

ଦାମ—ତିନି ଭୁଣ୍ଡରେ ଛେଳି କୁକୁର ହେଲାପରି ମୋ ଅବସ୍ଥା ହେଲାଣି, ମୁଁ ଆଉ ମନୁଷ୍ୟ ହୋଇ ରହିନାହିଁ ।

ବ୍ରଜ—ତା ଅବଶ୍ୟ ଦୁଃଖର କଥା । ମୁଁ କଅଣ କରିବି ? ମୁଁ ତ ଆଉ ବିଧାତା ନୁହେ ଯେ ତୋ ପାଇଁ ସବୁ ଗଢ଼ିଦେବି ।

ଦାମ—ଗଢ଼ିଦେବେ କାହିଁକି ମଉସା ! କଥା ପଦେ କହି ଦେଲେ ସନ୍ଦେହ ମୋଚନ ହୋଇ ଯାଆନ୍ତା ।

ବ୍ରଜ—ଆରେ ଏଁ, ଅଚ୍ଛା କଥା ତ । ସଦେଇ ଆସି କହୁଛି ମୋର ସନ୍ଦେହ ହେଉଛି, ଦାମ କହୁଛି ମୋର ସନ୍ଦେହ ମୋଚନ କର । ମୁଁ ଏଠି ଘରର ଖାଇ ଏ ସବୁ ସନ୍ଦେହୀ ଘୋଡ଼ାମାନଙ୍କ ପଛରେ ଧାଇଁବାକୁ ବସିଛି, ଆଉ କଅଣ ? ଆସ୍ତ ଜୋକ ଗୁଡ଼ାଏ ତ । ଦେଖ ଦାମ, ତତେ ମୁଁ ତିନି ଥର କହିଲିଣି, ଆଉ ଥରେ ଯଦି ପଚାରି ଆସିବୁ—

ଦାମ—(ନତମସ୍ତକ ହୋଇ) ନାହିଁ ମଉସା ଆଉ ପଚାରିବି ନାହିଁ । ଏମିତି ଖାଲି କହୁଥିଲି !

ବ୍ରଜ—କଣ କହୁଥିଲୁ ?

ଦାମ—ଆପଣ ନିଜେ ଷଷ୍ଠୀ ତିଥିଟା ବାଛିଛନ୍ତି । ଆଉ ତ ପନ୍ଦରଟା ଦିନ ରହିଲା । କମିତି କଅଣ କରିବ । ଟଙ୍କା ପଇସା ହାତରେ ନ ଧରିଲେ—

ବ୍ରଜ—(ଅନ୍ୟ ଆଡ଼େ ଚାହିଁ, ପକେଟରୁ ଟଙ୍କା ବାହାର କରି) ଦେଖେ ଦାମ ! ଦୁଇଶ ଟଙ୍କା ଦେଉଛି ନେଇ ଯା । ଏହା ଭିତରେ ଆଉ

କେବେ ମୋ ଘରର ଧନ ଆଡ଼କୁ ଲୋଭ ଦୃଷ୍ଟି ପକାଇବୁ ନାହିଁ । ଯେଉଁ ମନୁଷ୍ୟର ପୌରୁଷ ବୋଲି କିଛି ନ ଥାଏ, ସେ ଭଷାକରେ —

ଦାମ—ପର ଆଗରେ ସିନା ପୌରୁଷ, ଆପଣଙ୍କ ପାଖରେ ମୁଁ କେଉଁ କଥା ଗୁପ୍ତ କରିବି ! ଆପଣ କବି । ଆପଣାର ଜ୍ଞାନ ନେତ୍ରରେ ସବୁ ଦେଖି ପାରୁଛନ୍ତି । ତା ନ ହେଲେ, ମୋ ମନର ଦୁଃଖ ଜାଣି ଟଙ୍କା ଦେଇଥାନ୍ତେ କି ! କହନ୍ତୁ !

ବ୍ରଜ—ହେଉ, ମେଣ୍ଟକ କହୁଥା, ଟଙ୍କା ନେଇ ଝିଅ ବାହାଘର ପାଇଁ ଆୟୋଜନ କର । (ପ୍ରସ୍ଥାନ)

ଦାମ—ଦେଖିଲ, ମୋ ପରି ଚତୁର ଲୋକକୁ ମଧ୍ୟ ମଜୁରୀ ବୋକା କନେଇ ଦେଲେ । ମୁଁ କରିବି କଅଣ ! ତାଙ୍କ କଥାର ଅର୍ଥ ତ କିଛି ବୁଝି ହେଲା ନି । ମଜୁରୀ ଟଙ୍କା ଦେଇଚନ୍ତି ବୋଲି ଶୁଣିଲେ ସୁମବୋଉ ମୋ ସାଙ୍ଗରେ ଝଗଡ଼ା କରିବ । ହାତରେ ଟଙ୍କାଟା ରଖି ଧୀରେ ଧୀରେ ଖରଚ ଚଳେଇ ନେବି । ଏ କ୍ଷଣି ସଦେଇ ଆସି ଖୋଳ ତାଡ଼ କଥା ବାହାର କରିବ ମୁଁ ଆଗ ଚାଲିଯାଏ । (ପ୍ରସ୍ଥାନ)

ସଦେଇ—( ପ୍ରବେଶ କରି, ଦାମ ଯିବା ଆଡ଼କୁ ଦେଖି ) ମୁଁ ଆସୁ ଆସୁ ଦାମରଥ ତରତର ହୋଇ ଚାଲିଗଲା । ହଇହେ ରଥେ, ଶୁଣି ଯାଅ ହେ ।

ଦାମ—(ନେପଥ୍ୟରୁ) ଘରଆଡ଼ୁ ଆସୁଚି ସଦେଇ ଭାଇ ।

ସଦେଇ—ଆଜ୍ଞାଙ୍କଠୁ କିଛି ଟଙ୍କା ପଇସା ପାଇ ଯାଇଥିବ । ତା ନ ହୋଇଥିଲେ, ଦୁଧ, ଦହି ନ ନେଇ-ଯାଇ ନ ଥାନ୍ତା । ଯାଇ ଦେଖେ; ତାଙ୍କ ଘରୁ କିଛି କଥା ବାହାରି ପାରେ । (ପ୍ରସ୍ଥାନ)

# ତୃତୀୟ ଅଙ୍କ

## —ତୃତୀୟ ଦୃଶ୍ୟ—

ସ୍ଥାନ-ବ୍ରଜଙ୍କ ବାସଭବନର ପୂଜାଘର ବାରଣ୍ଡା । ସମୟ-ସକାଳ ।

ବ୍ରଜ—ବ୍ୟାକୁଳ କଣ୍ଠରେ ଗୀତ ଗାଉଥିଲେ—

—ଗୀତ—

ଦୟାମୟ ପ୍ରଭୁ ଦୟାବନ୍ତ ଚିତ୍ତେ
ଦେଇଅଛ ଦୁଃଖ ଭାର
ଏ ଆନନ୍ଦ ଧନ ରଖିବ କେଉଁଠି
ସ୍ଥାନ ନାହିଁ ଘରେ ମୋର ।
ସୁଖର ଦୋଳରେ ବସି ନିତ ନିତ
ଲେଖିଅଛୁ କେତେ ଅର୍ଥ ହୀନ ଗୀତ,
ବଦଳାଇ ତୁମେ ଦେଇଅଛ ପ୍ରଭୁ
ମୋର ସେ ଧନର ସ୍ୱର ।
ସୁଖର ସାଗରେ କରି ସନ୍ତରଣ
ସରିଗଲା ଆଶା ଜୀବନର ଧନ
ଆଜି ଶେଷ କାଳେ ଲଭି ତୁମ ସ୍ପର୍ଶ
ତନୁ-ମନ ଥର ଥର ।

ସଦେଇ—( ପ୍ରବେଶ ସ୍ୱଗତ ) ସୁଦର୍ଶନ ଘରୁ ଯିବାଠୁ ଆମ ଅଜ୍ଞା କଅଣ ଢୁକୁଚନ୍ତି କେଜାଣି କଥା କହୁ କହୁ କାନ୍ଦୁଚନ୍ତି ବୋଲି ମୋର ମନେ ହେଉଚି । (ପ୍ରସ୍ଥାନ କରୁ କରୁ) ମୋର ସେ କଥା ପଦକରେ ହିଁ ସେ ତାହାକୁ କହି ନ କହି ଚାଲିଗଲା ? ଦାମରଥ ତାକୁ କଅଣ-କହିଥିବ ନିଶ୍ଚୟ । ଦାମର ଇଚ୍ଛା କମିତି ଅଜ୍ଞାଙ୍କ ସହିତ ତା' ଝିଅକୁ ବାହା କରିଦେବ ।

(ପ୍ରସ୍ଥାନ)

ବ୍ରଜ—(ପର୍ବ ସ୍ମରଣ କରି) ସୁଦର୍ଶନ ଆସିବା ଆଗରୁ ମୁଁ ମୋର ଜୀବନର ଗନ୍ତପଥ ନିର୍ଦ୍ଦେଶ କରି ନ ଥିଲି । ତାର ଆସିବା ହିଁ ମୋର ପଥ ନିର୍ଦ୍ଦେଶ କରି ଦେଇଚି । ସେ ଆସିବାଠୁ ମୋର ଶୂନ୍ୟ ଘର ପରିପୂର୍ଣ୍ଣ ହୋଇ ଉଠିଥିଲା । ଘରେ ରେଡ଼ିଓ ଗୋଟିଏ ରଖି ଦେଇଯାଇଚି । ମୁଁ ଆଶାକରି ରହିଚି ଦିନେ ସେ ନିଶ୍ଚୟ ଆସିବ ।

ରେଡ଼ିଓରୁ ଗୀତ ଶୁଭିଲା—

ବ୍ରଜ—(ଚମକି ଉଠି ଦଉଡ଼ିଗଲେ ରେଡ଼ିଓ ପାଖକୁ) ଆରେ, ଏଁ ଏ ସ୍ୱର ଯେ ସୁଦର୍ଶନର—

ରେଡ଼ିଓ ଗୀତ

ଯେତେବେଳେ ଯାହା ମାଗିଛୁ ହେ ପିତା
ତେତେବେଳେ ତାହା ଦେଇଛ
ଯେତେ ଅପରାଧ, ଯେତେ ଅନାଚାର
କ୍ଷମାକରି ସବୁ ସହିଛ !

ବ୍ରଜ—ଏତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚନା ! (ସ୍ମରଣକରି) ପୁରୁଷୋତ୍ତମ ଦେବ ନାଟକରେ ଏ ଗୀତ ମୁଁ ବହୁବାର ପଢ଼ିଛି । କିନ୍ତୁ ସୁଦର୍ଶନ ଏ ଗୀତ ଗାଇଲା କିମିତି ?

ସଦେଇ—( ପ୍ରବେଶ କରି ) ଆଜ୍ଞା ଏଥିରେ ତ ସୁଦର୍ଶନର ସ୍ୱର ଶୁଭୁଛି । ଆପଣ ଶୁଣିଲେ ନାହିଁ । ଯାହାହେଉ, ସେ ସେଠି କାର୍ଯ୍ୟରେ ଲଗିଗଲା ।

ବ୍ରଜ—(ଆବେଗରେ) ହଁରେ ସଦେଇ, ତା'ର କଣ୍ଠସ୍ୱର ଶୁଭୁଛି । କେବେ ଆସିବ, କିମିତି ଆସିବ ?

ସଦେଇ—ତାହାହେଲେ, ସେ ରେଭେନ୍ସା ଅଫିସକୁ ପଳେଇ ଗଲେ । ଗଲେ ଯିବ ଯାଆନ୍ତୁ । ଆପଣ। ସ୍ତ୍ରୀ ଆଗେ ଦେଖିବ । ସେଥିରେ ଆପଣ କାହିଁକି ଦୁଃଖ କରୁଛନ୍ତି ?

ବ୍ରଜ—ଏ ପର୍ଯ୍ୟନ୍ତ ତାର କଣ୍ଠସ୍ୱର ଶୁଭୁଛିରେ ସଦେଇ । ସୁଦର୍ଶନ ଆଜ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ଆଣି ବସେଇ ଦେଇଛି ମୋ ସମ୍ମୁଖରେ । ମତେ ନ କହି ସେ କଟକ ଗୁଲିଗଲା ।

ସଦେଇ—ଇମିତି ଅସ୍ଥିର ହେଲେ ଚଳିବ ନାହିଁ ଆଜ୍ଞା ! ସେ ଯିବ ତାଙ୍କର ଇଛା ହେଲା ବୋଲି ନ କହି ଗଲେ, ସେଥିକି ମୁଁ କହୁଛି, ଉଡ଼ି ଯାଇ ଯାଇ ଯେଉଁପରି ପକ୍ଷୀଟା ଉଚ ଗଛ ଦେଖିଲେ ଟିକଏ ବସିପଡ଼େ ସୁଦର୍ଶନ ସେଇପରି ଏଠିକି ଆସି ଆପଣଙ୍କ ସହିତ ଯୋଡ଼ି ହୋଇ ଯାଇଥିଲା—

ବ୍ରଜ—ମୁଁ ଏବେ କଅଣ କରିବ ବୋଲି ତୁ ଉପଦେଶ ଦେଉଚୁ ?

ସଦେଇ—ଉପଦେଶ ଦେବାକୁ ଏ ଅଧମ ସେବକର ଶକ୍ତି କାହିଁ
ଆଜ୍ଞା ! ଆପଣ ତ ମତେ ପର ବୋଲି ମନେ କରୁନାହାନ୍ତି,
ଆପଣଙ୍କୁ ଭକ୍ତି କରୁଚି । ବୋଧହୁଏ ବାପା, ସାଇଙ୍କୁ ଏତେ
ଭକ୍ତିକରି ନ ଥିଲି । ସେଥିପାଇଁ ଭୟଶୂନ୍ୟ ହୋଇ ଯାହା
ଇଚ୍ଛା କହୁଚି । ଦାମରଥର ଝିଅକୁ ତ ଶ୍ରଦ୍ଧାକରି ସୁନା, ଶାଢ଼ୀ
ଇତ୍ୟାଦି ଦେଉଚନ୍ତି । ଏଥର ତାଙ୍କୁ ଆପଣାର କରି ନଅନ୍ତୁ ।
ବନ୍ଧୁହୋଇ ଯାଆନ୍ତୁ । ବୁଝିଲେ । ମାତ୍ର ଇମିତି ବ୍ୟବସ୍ଥା
କରିଥିବେ ଦାମରଥ ଯେପରି ଏ ଆଡ଼କୁ ହାତ ନ ବଢ଼ାଏ ।
ସେ ଧନ ଲୋଭରେ ହିଁ ଆପଣଙ୍କ ପାଖରେ ନୁଙ୍ଗୁରି ନୁଙ୍ଗୁରି
ହେଉଚି ।

ବ୍ରଜ—( ସହଜ ଭାବରେ ) ହାତ ସେ ବଢ଼େଇବ ନିଶ୍ଚୟ । ସେ
ଯାହାହେଉ, ଏକଥା ମତେ ତୁ ଏଇ ସୁଦର୍ଶନ ଆସିବାଠୁ
କହୁଚୁ, ଆଗରୁ କହି ନ ଥିଲୁ କାହିଁକି ?

ସଦେଇ—ଏ କାହିଁକର ଜବାବ ଦେବାକୁ ମୋର ଶକ୍ତି ନାହିଁ
ଆଜ୍ଞା ! ଅବସ୍ଥା ଦେଖି କଥାଟାଏ କହିଦେବା ଜାଣେ—

ବ୍ରଜ—ଓହୋ, ସାର ଗୋଟାଏ ଦାର୍ଶନିକ ହୋଇଗଲୁଣି ।

ସଦେଇ—ନାହିଁ ଆଜ୍ଞା, ଦାର୍ଶନିକ ପାର୍ଶନିକ କିଛି ହୋଇ ନି,
ସେଇ ଗୋଟିଏ କଥା ମୋ ମନରେ ଉଠୁଚି । ଏତେ କଷ୍ଟରେ
ଧନ ପଦାର୍ଥ ସାଇତି ରଖିଚେ, ପର ଖାଇଯିବ କାହିଁକି ଦାମ
ରଥର ଝିଅଟି ଏ ଘରର ଘରଣୀ ହେବାକୁ ଯୋଗ୍ୟା ହେବ ।
ଆଜ ସ୍ପଷ୍ଟ କରି ସେ କଥା କହି ଦେଉଚି । ତାକୁହିଁ ବିବାହ
କରନ୍ତୁ । ଯେତେଥର ଏ କଥା କହୁଚି, ଆପଣ ମତେ
ଧମକେଇ ଭୁରୁଡ଼େଇ, ଭୁରୁଡ଼େଇ ଦେଉଚନ୍ତି ।

ବ୍ରଜ—(ଶାନ୍ତ ହୋଇଯାଇ) ମୋର ଯେ ବୟସ ହେଲାଣି । ବାନ ବର୍ଷରେ ବନବାସ କରିବା କଥା । ଏ କ ଳରେ ପୁଣି—

ସଦେଇ—ସେକାଳରେ ସିନା ଅଜ୍ଞା, ଏକ ବଖୁରିଆ କୁଡ଼ିଆ ଖଣ୍ଡିଏ କରି ରହୁଥିଲେ, ବୋହୂ ଆସିଲେ ଶାଶୁ ଶ୍ୱଶୁର ବଣକୁ ପଳାଉଥିଲେ । ଏବେ ତ ବଢ଼େଇ ମିସ୍ତ୍ରୀର ଅଭାବ ନାହିଁ କି ଇଟା ଚୂନର ଅଭାବ ନାହିଁ । ଆମର ଘର ମଧ ଅଛି । ଆପଣ କେଉଁ ବୁଢ଼ା ହୋଇ ଯାଇଛନ୍ତି । ମୋ କଥା ଶୁଣନ୍ତୁ । ଏ ଧନ ପୁଅ, ନାତିଙ୍କ ଭୋଗରେ ଲାଗୁ ।

ବ୍ରଜ—ପୁଅ ହେବ, ତା ପରେ ନାତି ହେବ, ଏ ସବୁ ହେବା ପର୍ଯ୍ୟନ୍ତ ଏ ଦେହ ଥିବ କି ନାହିଁ କିଏ ଜାଣେ, ତେବେ ପୁଅ ନାତି ହେବ ବୋଲି କଳ୍ପନା କରିବାକୁ ହେବ ।

ସଦେଇ—ଆପଣ ଆଜ୍ଞା ସବୁବେଳେ କହୁଚନ୍ତି, କଳ୍ପନାରେହିଁ ସୃଷ୍ଟି, ସ୍ଥିତି, ପ୍ରଳୟ ସବୁ ହେଉଚି ।

ବ୍ରଜ—କଳ୍ପନାରେ ତ ଆନନ୍ଦ ଅଛି, କିନ୍ତୁ ବାସ୍ତବରେ ଏ ଘରକୁ ଜଣେ ଆସି ମୋ ଉପରେ ଆଧିପତ୍ୟ ବିସ୍ତାର କଲାପରେ—

ସଦେଇ—ମୋ ଅବସ୍ଥା କଅଣ ହେବ ଏଇ କଥା ତ ପଚାରୁଛନ୍ତି, ଏ କଥା ମୁଁ ଯେତେଥର ପଚାରିଚି; ସବୁବେଳେ ଏଇ ଉତ୍ତର ପାଇଚି । ଆପଣଙ୍କର ଏଇ ଦୟା ଟିକି ଚିରକାଳ ପାଇଁ ମୋ ଉପରେ ଥାଉ । ଆପଣ ନିଜେ ଥୟ ହେଲାପରେ ମତେ ବାଟ ଦେଖାଇ ଦେବେ । ଯାହା କହିବେ ତାହା କରିବି ।

ବ୍ରଜ—ଆଚ୍ଛା, ସେଇ କଥା ହିଁ କରିବା ବୁଝିଲୁ । ମୁଁ ମୋର ଶ୍ୟାମ ସୁନ୍ଦରଙ୍କୁ ଥରେ ପଚାରି ଦେଇ ଆସିବି । (ପ୍ରସ୍ଥାନ

ସଦେଇ—ଏଥର ମନର କଥାଟା ଭଲକରି ଜଣା ପଡ଼ିଗଲା । ଜୀବନ ଗୋଟାଯାକ ଆଜ୍ଞାଙ୍କ ସାଙ୍ଗରେ ରହିଯିବି ବୋଲି ଯେଉଁ ଭମ୍ଭଧରି ବସିଥିଲି, ସେ ଭାବନାଟାକୁ ମନରୁ ପୋଛି ଦେବାକୁ ହେବ । ଏତେକାଳର ସମ୍ବନ୍ଧ ଯାହା କି ମୋର ଦେହ, ମନ ଦୁଇଟା ଯାକକୁ ବାନ୍ଧି ରଖିଥିଲା, ଏ ବନ୍ଧନ ଛିଣ୍ଡେଇ ଦେବା କିଛି ସହଜ ନୁହେଁ । ସେହି ମତେ ବାଟ ଦେଖେଇ ଦେବେ !

ବ୍ରଜ—(ପ୍ରବେଶ କରି) ସଦେଇ—

ସଦେଇ—ଆଜ୍ଞା—

ବ୍ରଜ—କଅଣ ହେଲେ ଗୋଟାଏ କଥା କରି ଦେବାକୁ ଯେତେବେଳେ ସ୍ଥିର କରିଗଲଣି, ଯେତେ ଶୀଘ୍ର ପାରିବା କରିଦେବା ନା କଅଣ ?

ସଦେଇ—ହଁ ଆଜ୍ଞା ଶୁଭ କାର୍ଯ୍ୟ ଶୀଘ୍ର କରିଦେଲେ ଭଲ ।

ବ୍ରଜ—ତାହା ହେଲେ କଟକ ଯାଇ ସବୁ କିଛି ନେଇ ଆସିବାକୁ ହେବ । ଘର ଛଅ ଜନ ପାଇଁ ଲୁଗାପଟା ଦି'ଖଣ୍ଡି, ଶୋଇବାକୁ ଗୋଟେ ବିଛଣାଟା । ଇମିତି ସବୁ ରଖିଦେବୁ ।

ସଦେଇ—ସାଥିରେ ମୁଁ ଯିବି ଆଜ୍ଞା ?

ବ୍ରଜ—ସାଥିରେ ଯିବୁ କମିତି ? ଘରେ ଗାଈ ଅଛନ୍ତି । ତା ଛଡ଼ା ବିଭାଘର ଆୟୋଜନ କରିବୁ । ଘରଟାକୁ ଚୂନ ଧଉଳା କରିବାକୁ ହେବ । ଭୋଜପାଇଁ ଡାଲି, ଚାଉଳ, ବଡ଼ ମସଲା ଇତ୍ୟାଦି ଯୋଗାଡ଼ କରିବୁ । ବଡ଼ ଖଟଟାକୁ ଭଲକରି ରଙ୍ଗ

ଦେଇ ରଖିବୁ । ସୁବିଧା ହେଲେ କଟକରୁ ଗଦି, ତକିଆ ଇତ୍ୟାଦି ନେଇ ଆସିବ । ନୂଆ ବୋହୂ ଆସିବାପାଇଁ ଯାହା ବ୍ୟବସ୍ଥା କରିବା କଥା କରିବୁ ।

ସଦେଇ—(ଆବେଗରେ) ଏକଲି କମିତି ଯିବେ ଆଜ୍ଞା !

ବ୍ରଜ—(ହସି) ଏ ବୟସରେ ପୁଣି ସଂସାର ଘର ବନ୍ଧିବାକୁ ଉପଦେଶ ଦେଉଚ୍, କଟକକୁ ଏକାଯାଇ, ଏଇତକ କାର୍ଯ୍ୟ କରିପାରିବି ନାହିଁ !

ସଦେଇ—ନାହିଁ ଯେ ଆଜ୍ଞା, ଖାଇବା ପିଇବା ଅସୁବିଧା ହେବ—

ବ୍ରଜ—ସ୍ତ୍ରୀ ମଲା, ବୈରାଗିକ ହୋଇ ରହିଲି । କୌଣସି ଅସୁବିଧା କଥା କେବେ ଜାଣିନାହିଁ । ଏଇ ଦୁଇ ଘଣ୍ଟା ଦିନ ଅସୁବିଧା କରିବାକୁ ଦେ ସଦେଇ ! ସାତଦିନ; କମ୍ବଳ ଇତ୍ୟାଦି ରଖିଦେବୁ ମୁଁ ଏଇ ଦ'ପହର ଗାଡ଼ିରେ ବାହାରି ପଡ଼ିବି । ବୁଝିଲୁ । ଟିକିଏ ତରଳ ଯାଇ ଦେଖିଲୁ, ଷ୍ଟେସନକୁ ଯିବା ସକାଶେ ବଳଦ ଶଗଡ଼ ଗୋଟାଏ ଯୋଗାଡ଼ କରିବାକୁ ହେବ । ଏତେଗୁଡ଼ାଏ ବାଟ ଚାଲି ପାରିବି ନାହିଁ ।

ସଦେଇ—ଯିବାକୁ ଯେତେବେଳେ ବାହାରିଲେଣି ମୁଁ ତ ମନାକରି ରଖିପାରିବି ନାହିଁ । ଆଗ ଯାଉଚି, ଜନାର୍ଦ୍ଦନର ଶଗଡ଼ ଗୋଟାଏ ଥିଲା, ତାକୁ କହିଦେଇ ଆସିବି । (ପ୍ରସ୍ଥାନ)

ବ୍ରଜ—(ଚିନ୍ତିତ ଭାବରେ ପଦଚାରଣ କରି) ସଦେଇ ମତେ କେଉଁ କାଳୁ କହୁଚି, କଅଣ ହେଲେ ଗୋଟାଏ କରିବାକୁ; କିଛି ନ କରି ସୁଖର ଆବେଶରେ ଦିନ କଟାଇଦେଲି । ଏବେ ସନ୍ଧ୍ୟା

ହେବା ଦେଖି ସକାଳଠାରୁ ଖୋଜ ହେଉଛି । ବର୍ତ୍ତମାନ ସେଇ ପରମାତ୍ମାଙ୍କ ଉପରେ ନର୍ଭର କରଦେଇ ବାହାର ପଡ଼ିବ । ଯାହା ହେବାକୁ ଥିବ, ହେବ । (ପ୍ରସ୍ଥାନ)

ଦାମ—(ପ୍ରବେଶ) ସନ୍ଦେଇ ଧାଇଁଛି, ଶଗଡ଼ ଗୋଟାଏ ଯୋଗାଡ଼ କଲେ ମଉସା ଷ୍ଟେସନକୁ ଯିବେ । ମୋର ଭୟ ହେଉଛି, ମଉସା ତାକୁ ଖୋଜିବାକୁ ଯାଉଛନ୍ତି । ସେଇ ତ ମୋର ଶତ୍ରୁ ହେଲା ।

ବ୍ରଜ—(ପ୍ରବେଶ କରି) କରେ ଶଗଡ଼ ବ୍ୟବସ୍ଥା ହୋଇଗଲା ।

ଦାମ—ସନ୍ଦେଇ ଯାଇଛି, ତାକୁ ଦେଖି ଆସିଲି—

ବ୍ରଜ—ମୁଁ ଭାବିଥିଲି ସନ୍ଦେଇ ଫେରି ଆସିଲା ବୋଲି—

ଦାମ—ମୁଁ ପଚାରୁଥିଲି କଅଣ କି, ସନ୍ଦେଇ କହିଲା, ଆପଣ କଟକ ଯାଉଛନ୍ତି ଜିନିଷ କିଣି ଆଣିବାକୁ । ମତେ ପଠେଇଦେଲେ ତ ସବୁ ହେଇଯାଆନ୍ତା, ଆପଣ କାହିଁକି ଏତେ କଷ୍ଟରେ ଯିବେ ।

ବ୍ରଜ—(ହସି) ତୋ ହାତରେ ଦେଇଥାନ୍ତି ଯେ, କେଉଁ ଜିନିଷର କେତେ ମୂଲ୍ୟ, ନିଜେ ବୁଝି ବିଚାରି କିଣି ଆଣିବି ବୋଲି ସ୍ଥିର କରିଛି । ତୁ ବର୍ତ୍ତମାନ ଯାଇ ତୋ ଆପଣା ଘର କଥା ଦେଖେ । ମୋ ଚିନ୍ତା ମୁଁ କରିବି, ଆଉ ସେଥିପାଇଁ ମୋର ଯଥେଷ୍ଟ ଶକ୍ତି ଅଛି । (ପ୍ରସ୍ଥାନ)

ଦାମ—ମୁଁ କରିବି କଅଣ, ବୁଝିପାରୁଛି ଭାଗ୍ୟ ମୋର ମନ୍ଦ । ତା ନ ହେଲେ ଗଢ଼ି ଉଠିବା କଥାଟା ଭାଙ୍ଗିଯାଆନ୍ତା କାହିଁକି ?

କନିଷ୍ଠ କଣି ଯାଉଚନ୍ତି ବୋଲି ତ ମୋର କାହିଁକି ବିଶ୍ୱାସ ହେଉନାହିଁ ।

ସଦେଇ—(ପ୍ରବେଶ କରି) ଶଗଡ଼ ଅଛି ଆଜ୍ଞା ! କହିଦେଇ ଆସିଲି ।

ଦାମ—(ଅଗ୍ରସର ହୋଇ) ସଦେଇ ଭାଇ !

ସଦେଇ—ତମେ ଆଉଥରେ କୁଆଡ଼େ ଆସିଚ ହେ । କଥା ହେବାକୁ ତ ମୋର ସମୟ ନାହିଁ । କନିଷ୍ଠପଣ ବନ୍ଧା ବନ୍ଧି କରିବି । ଏଇକ୍ଷଣି ଆଜ୍ଞା ଆସିଲେ ବିରକ୍ତ ହେବେ । ଶ୍ୱଶୁର ହେବି ବୋଲି କଳ୍ପନା କରି ମନେ ମନେ ମୁଆଁ ଖାଉଚ । ଆଉ ଥରେ ତାଙ୍କଠାରୁ ଗାଳି ଶୁଣିବ । ବଡ଼ ବୁଦ୍ଧିଆ ମଣିଷ ତମେ ଉଠ ।

ଦାମ—ଆଚ୍ଛା, ତାହାହେଲେ ମୁଁ ଯାଉଚି । ମଉସା ଫିରାପରେ ଆସିବି । ସବୁ କଥା କହିବୁ । କଅଣ କହୁଛୁ,—ଯାଉଛୁ । ତୋର ଦୟା ଉପରେ ନିର୍ଭର କରି ରହିଲି ।

ସଦେଇ—ଯିବ ତ, ଯାଉଚି ଯାଉଚି ହୋଉଚ, ଯାଉନାହଁ ?

ଦାମ—ଯାଉଚି ତେବେ, ସଞ୍ଜ ବେଳକୁ ଆସିବି । (ପ୍ରସ୍ଥାନ)

ସଦେଇ—(ସ୍ୱଗତ) ଆଜ୍ଞା, କି ଉଦ୍ଦେଶ୍ୟରେ କଟକ ଯାଉଚନ୍ତି । କିଏ କହି ପାରିବ, କଅଣ ଭାବୁଚନ୍ତି ସେ ? ଯାଉଚି ମୋ କାର୍ଯ୍ୟ ମୁଁ କରିଦେବି । (ପ୍ରସ୍ଥାନ)

ବ୍ରଜ—(ପ୍ରବେଶ) ଲୀଳାମୟ ମୋ ହୃଦୟରେ ରହି କି ଲୀଳା ସୃଷ୍ଟି କରୁଚନ୍ତି ମୁଁ କିଛି ବୁଝି ପାରୁନାହିଁ । ସେ ଯେଉଁଠିକି ନେବେ, ଯାହା କରିବାକୁ କହିବେ ତାହା କରିବି । (ପ୍ରସ୍ଥାନ)

—୦—

## ଚତୁର୍ଥ ଅଙ୍କ

### —ପ୍ରଥମ ଦୃଶ୍ୟ—

ସ୍ଥାନ—ଗ୍ରାମଦେବତୀଙ୍କ ମନ୍ଦିର ଦ୍ୱାର

ସମୟ—ସକାଳ

ଭିକାରି –(ଗୀତ ଗାଇ ପ୍ରବେଶ)

ଜ୍ଞାନ ଧନ ଖୋଜି ଭ୍ରମେ ବନ ଗିରି
ସେ ଧନ ପାଇଲି ନାହିଁ ।
ବିରହରେ ତାର ଆଖିରୁ ମୋହର
ଲୋତକ ଯାଉଛି ବହି ।

ଯାଇଅଛି ଘର ଧନ ଜନେ ଭରି
ଜ୍ଞାନ ବିହୁନେ ମୁଁ ହୋଇଛି ଭିକାରି
ଏ ଦୁଃଖ କାହାଣୀ ତୁମକୁ ଈଶ୍ୱର
କେତେ ମତେ ଅଛି କହି ।

ତୁମରି ହାତରେ ଅଛି ତାର କଞ୍ଚି
ଭଣ୍ଡାରେ ତୁମର ରଖିଅଛ ସଞ୍ଚି
କରିଛି ପ୍ରାର୍ଥନା ପାଇ ନାହିଁ କିଛି
ଏ କଥାଟି ଯାଉ ରହି ।

ଯଦୁ—(ପ୍ରବେଶ) ଭିକାରିଟି କି ସୁନ୍ଦର ଗୀତଟିଏ ଗାଇଲା । ଜ୍ଞାନ ଧନ ଖୋଜ ଖୋଜ ଭିକାରି ହୋଇଗଲା ଲୋକଟି । (ଭିକାରି ଆଡ଼କୁ ଅଗ୍ରସର ହୋଇ) ହଇହୋ, ତମେ ଏ ଗୀତ ଗାଇଲ ଯେ, ଧନ ବୋଲି ଯାହା କହୁଁଛ ତାହା ତ ଟଙ୍କା ପଇସା, ଧାନ ମୁଗ ଇତ୍ୟାଦି । ଆଉ ଏ ଯେ ଜ୍ଞାନ ଧନ ବୋଲି କହୁଚ, ସେ କମିତି କଅଣ—

ଭିକାରି—ଜ୍ଞାନ ଯେ ଅନନ୍ତ । କଅଣ ଗୋଟାଏ ପ୍ରବଚନ ଅଛି । ମୂର୍ଖ ଲୋକ ତ ମନେହେଲେ ପଣ୍ଡୁଚି କି ! (ସ୍ମରଣକରି) ଇମିତି ହେଇଥିବ ପରା ! ସତ୍ୟଂ ଜ୍ଞାନଂ ଅନନ୍ତମ । ଏଥିର ଅର୍ଥ କଅଣ ହେବ କହିପାରିବ ? ଖାଲି ଅନେଇଁ ରହିଚ କହିବ କମିତି ?

ଯଦୁ—ସତ୍ୟଂ ଜ୍ଞାନଂ ଅନନ୍ତମ୍ । ସତ୍ୟଂ ଅର୍ଥ ସତକଥା । ଆଉର- ଅଛି, ଜ୍ଞାନ ଅନନ୍ତ କଅଣ, କିଛି ତ ବୁଝିପାରୁ ନି ।

ଭିକାରି—ବୁଝିବା ପାଇଁ ନିତ ସକାଳୁ ସ୍ନାନକରି ଆସି ଜପ କରୁଚି । ଘର ଛାଡ଼ି, ସ୍ତ୍ରୀ ପୁଅ ଛାଡ଼ି କେବଳ ସେଇ କଥା ଚିନ୍ତା କରୁଚି, ତେବେ ମଧ୍ୟ ସେ ଅନନ୍ତ ଜ୍ଞାନର ରୂପଦେଖି ପାରୁନାହିଁ । ଆପଣ ଇମିତି ପଚାରି ଦେବାମାତ୍ରେ ବୁଝିଯିବେ ! କେତେ ଚିନ୍ତାକଲେ ଯାଇ ଶବ୍ଦର ଅର୍ଥ ଜଣାଯିବ । ଚେଷ୍ଟା- କର । (ପ୍ରସ୍ଥାନ)

ଯଦୁ—ଦୋକାନଟା କରିବା ଆଗରୁ ଇମିତି ଗୋଟିଏ ଗୀତ ଯଦି ଶୁଣିଥାନ୍ତି, ଭିକାରି ଯାହା କହିଲା, ( ସ୍ମରଣ କରି ) ସତ୍ୟ, ଜ୍ଞାନ ।

ନନ୍ଦବୋଉନାମ୍ନୀ—(ପ୍ରବେଶ) ବଇଁଶୀ-ବାପ କି ଓ । ମୁଁ ସିଆଡ଼େ ତମକୁ ଖୋଜି ହେଉଚି । ତମେ ଏଇଠି ଅଛ । ଶୁଣିଲଣି ।

ଯଦୁ—ନନ୍ଦ-ବୋଉ ଭାଉଜ, ତମେ ଏଠିକି ଆସିଗଲ । (ସ୍ମରଣ କରି) କଅଣଟି ! ସତ୍ୟଂ, ଆଉ ପଦଟା—ଭୁଲି ତ ଗଲି ।

ନନ୍ଦବୋଉ—ଶୁଣିଲଣି ବଇଁଶୀ-ବାପ ?

ଯଦୁ—କଅଣ ଶୁଣିଲିଣି । ଏଇତ ଭିକାରିଟି ତିନୋଟା ପଦ କହିଲା ଯେ ମନେ ପଡ଼ୁନାହିଁ ।

ନନ୍ଦ-ବୋଉ—ଭିକାରି-କଥା କିଏ ତମକୁ ପଚାରୁଚି ? ମୁଁ ସେ ମହାପାତ୍ରଙ୍କ କଥା କହୁଥିଲି—

ଯଦୁ—ଇଏ ଆସି ମୋ ଭିତରେ ଗୋଟାଏ ଗୋଳମାଳ ସୃଷ୍ଟି କରିଦେଲେ—ମୁଁ ସେଇ ତିନୋଟା ପଦ ସ୍ମରଣ କରୁଚି କଅଣଟି, ସତ୍ୟ ଜ୍ଞାନ-ଆତ୍ମ-କଅଣ—

ନନ୍ଦବୋଉ—ଶୁଣ ମ, ସେ ମହାପାତ୍ର ହେ—ଦେଖିଲ ଶୁଣୁନ ତ—

ଯଦୁ—ମୁଁ ଆଜ କିଛି ଶୁଣି ପାରିବିନାହିଁ । ଏଇତ ଭିକାରିଟା କଅଣ କହିଦେଇ ଗଲା, ମନେ ହେଉନାହିଁ । ଦୋକାନ କରିବା ପୂର୍ବରୁ କଅଣ କରିବି, କୁଟୁମ୍ବ କିମିତି ପୋଷିବି ବୋଲି ଚିନ୍ତାକରି ବସୁଥିଲି । ଏବେ କେତେ ଜିନିଷ ଆସିଲା କେତେ ବିକା ହେଲା କେତେ ଲାଭ ଜମା ରହିଲା, ଏଇ ଚିନ୍ତାରେ ଏତେ ବ୍ୟସ୍ତ ଯେ ଆଉ ଅନ୍ୟ କଥା ଭାବିବାକୁ ସମୟ ନାହିଁ । ମନୁଷ୍ୟ ସ୍ଥିର ହୋଇ ବସି ଭଗବାନଙ୍କୁ ଡାକିବାକୁ ମଧ୍ୟ ସମୟ ପାଉନାହିଁ । ଆଉ ତମେ ଆସିଚ କଥା ଶୁଣେଇବାକୁ । (ପ୍ରସ୍ଥାନ)

ନନ୍ଦବୋଉ—(ହତାଶ ହୋଇ) ବଇଁଶୀ-ବାପଟାଙ୍କୁ ଦୂରରୁ ଦେଖି ଧାଇଁ ଆସିଥିଲି ହ'ପଦ କହିଦେବି ବୋଲି ସେ ପଦେ ମଧ୍ୟ ଶୁଣିଲା ନାହିଁ । ହାତରେ ପଇସା ହୋଇଗଲାଣି । ଆଉ କାହାକୁ ଅନେଉ ନାହିଁ ।

ସଦେଇ—(ପ୍ରବେଶ କରି; ସ୍ୱଗତ) ଆଜିକି ଦଶ ଦିନ ହେଲା ଆଞ୍ଜା ଗଲେ—

ନନ୍ଦବୋଉ—(ଅଗ୍ରସର ହୋଇ ଆସି) ହଇ ରେ ଏ ସଦେଇ ! ମୋର ବଡ଼ ଭାଗ୍ୟ, ଆଜ ତତେ ଦେଖିଦେଲି ! ଘରକୁ ଯାଇ ବାହୁଡ଼ ଆସୁଚ ।

ସଦେଇ—( ଚମକି ଉଠି ) ତମେ ଏଠି ଥିଲ କି ହେ ! ଜାଣିଥିଲେ ଏ ଆଡ଼କୁ ଆସି ନ ଥାନ୍ତି । ଏଇକ୍ଷଣି ଲୋକ ପର ମଣିଷ ହାହରେ ଲଗିଯିବ । କହିବ ଆଉ ପଚାରିବ । କହିବ-ପଚାରିବ ।

ନନ୍ଦବୋଉ—ସଦେଇଭାଇ !

ସଦେଇ—(ଯିବାକୁ ଉଦ୍ୟମ) ଆଜ ମୁଁ କିଛି ଶୁଣିପାରିବି ନାହିଁ ।

ନନ୍ଦବୋଉ—(ପଛରେ ଯାଇ) ଶୁଣ ମ, କହୁ କହୁ ପଳେଉଚୁ ! ଏ ବୁଢ଼ାକାଳକୁ ସେ ଦାମ ଭଦର ଝିଅଟାକୁ ବାହାହେବେ କି ରେ ସଦେଇ ! ଦିନକାଳ ଗଲା, ଏ କାଳକୁ ନୂଆ ବାହାହେବେ ?

ସଦେଇ—(କିଛି ନ ବୁଝିଲା ପରି ) କାହା କଥା ପଚାରୁଚ ?

ନନ୍ଦବୋଉ—କିଛି ନ ଜାଣିଲା ପରି କମିତି ପଚାରୁଛି ଦେଖ ! ମହାପାତ୍ରଙ୍କ କଥା ପଚାରୁଚି ପରା ! ବୁଢ଼ା ହେଲେଣି—

ସଦେଇ—ବୁଢ଼ା ହେଲେଣି ତ ତୁମ ନାତୁଣୀକି ବାହା କରେଇ ଦେବାକୁ ମନେ କରୁଥିଲ କମିତ ? ଏବେ ଦାମ ଇଥର ଝିଅକୁ ବାହା ହେବେ ବୋଲି ବୁଢ଼ା ହୋଇଗଲେ ! ଇମିତ କଥା ଶୁଣିଲେ ମଣିଷ ହସିବ ନା କାନ୍ଦିବ ? ଆପଣାବେଳକୁ ଭଲ, ପର ବେଳକୁ ଭେଲ । ବଡ଼ ସୁନ୍ଦର କଥାଗୁଡ଼ାକ କହୁଚ !

ନନ୍ଦବୋଉ—କୋଉଦିନ କଅଣ ପଦେ କହିଦେଇଥିଲି ଯେ ସେ କଥା ଏବେ ଉଦୋଉଚ୍ ! କଂରେ ସଦେଇ ! ଶୁଣ ମ । ମୋ ନାତୁଣୀକି କେତେ ପରସ୍ତାବ ଆସିଲଣି ।

ସଦେଇ—ନାହିଁ ହେ, ମୁଁ ଆଉ କହୁ ଶୁଣିପାରିବି ନାହିଁ । ବହୁତ କଥା ଶୁଣିଲଣି । (ପ୍ରସ୍ଥାନ)

ନନ୍ଦବୋଉ—ଶୁଣ ରେ ଏ ସଦେଇ ! ସଦେଇ ! (ପ୍ରସ୍ଥାନ)

# ଚତୁର୍ଥ ଅଙ୍କ

## —ଦ୍ୱିତୀୟ ଦୃଶ୍ୟ—

ସ୍ଥାନ—କଟକ ରେଲୱେ ଷ୍ଟେସନ

ସମୟ—ଅପରାହ୍ନ

ରେଲୱେ ଷ୍ଟେସନ ଘର ବାରଣ୍ଡାରେ ଚଉକି ଟେବୁଲ୍ ।
ଆଗନ୍ତୁକମାନଙ୍କ ଗମନାଗମନ ଚାଲିଥିଲା ।
ପ୍ରବେଶ କଲେ ବ୍ରଜ ।

ବ୍ରଜ—(ଘଡ଼ିଆଡ଼କୁ ଚାହିଁ) (ସ୍ୱଗତ) ଦଶ ଦିନ ହେଲା ଆସିଲିଣି । ପ୍ରତିଦିନ ଏଠିକି ଆସି ଶୁଣୁଚି, ସୁଦର୍ଶନ ନାମରେ ଜଣେ ଯୁବକ ସମୟେ ସମୟେ ଆସୁଚି । ସ୍ରଷ୍ଟାର ଏପରି ଇଚ୍ଛା ଯେ କେବଳ ମୁଁ ଆସିବା ସମୟକୁ ସେ ଏଠି ରହୁନାହିଁ ।
(କବିସୂର୍ଯ୍ୟଙ୍କ ସର୍ପଜଣାଣ "ବାଧିଲା ଜାଣି କ୍ଷମାକର ନୋହିଲେ ରମାରମଣ ଦଣ୍ଡେ ଦଅ ଟାଳ" ।...(ଇତ୍ୟାଦି)

ବ୍ରଜ—(ବିଶ୍ଳେଷଣ କରି) "କାଳସର୍ପ ଆପଣ ଭିତର କରି ପ୍ରାଣ ପବନମାନଙ୍କୁ ସବୁରି ହେ ଜଗନ୍ନାଥ ।" ତାହାହେଲେ ଈଶ୍ୱର ହିଁ କାଳ, କାଳ ହିଁ ସୃଷ୍ଟି-ସ୍ଥିତି-ପ୍ରଳୟର କାରଣ । ସକଳ ମିଥ୍ୟା, ମୃତ୍ୟୁ ସତ୍ୟ । କି ସୁନ୍ଦର ଭାବରେ ଜୀବନ-

ଚନ୍ଦ୍ରାଙ୍କୁ ସ୍ୱରସୁଧା ଦେଇ ଗାୟନ କରିଥିଲେ । ପୁଣି କେଉଁ ଜନ୍ମରେ ମୁଁ ତୁମ ପରି କବି ହେବି ? ଧନ୍ୟ କବି ତୁମେ ! ମରି ମଧ୍ୟ ଅମର ହୋଇ ରହିଛ ମନୁଷ୍ୟ ହୃଦୟରେ । (ଆଧୁନିକ ଗୀତ ଗାଇଲେ, ଜଣେ ସ୍ୱନାମଧନ୍ୟ ଗାୟକ) ।

ହୃଦୟ-କାନନୁ ନିତି ଫୁଲ ତୋଳି
 ଗୁନ୍ଥି ରଖିଅଛି ହାର
ତୁମେ ଚାଲିଗଲ କଦାଇ ମତେ
 କିଏ ନେବ ପ୍ରେମଭାର ।
ତୁମକୁ ନ ଦେଖି ବିରହ ପରାଣ
 କରେ ନିରନ୍ତର କରୁଣ ବେଦନ,
ଆପଣା ହାତରେ ହୃଦୟ-ଈଶ୍ୱର
 ପୋଛିଦିଅ ଅଶ୍ରୁ ମୋର ।
କାନ ପାତି ବସେ ଦିବସ ରଜନୀ
 ଶୁଣିବି ବୋଲି ମୁଁ ତବ ପଦଧ୍ୱନି
ଡାକୁଛି ଆକୁଳେ ଆସି ଯାଅ ପ୍ରଭୁ
 ଖୋଲି ରଖିଅଛି ଦ୍ୱାର ।

ଜଣେ କର୍ମଚାରୀ—(ପ୍ରବେଶ କରି ବ୍ରଜକୁ ଦେଖି) ଆପଣ କିଏ ସେ ? କାହିଁକି ଆସିଚନ୍ତି ? ଆପଣଙ୍କୁ ଏଠି ତ କେବେ ଦେଖି ନାହିଁ ! ଆପଣଙ୍କର କଅଣ କିଛି କହିବାର ଥିଲା ?

ବ୍ରଜ—ମୋ ପୁଅ ଏଠିକି ଆସିଥିବ ବୋଲି ବିଶ୍ୱାସ କରି ଖୋଜୁଚି । କାଲି ଆପଣଙ୍କୁ ସିଏ କହିଚି ବୋଲି ମନେହେଉଚି । ମୋ ପୁଅର ନାଁ ସୁଦର୍ଶନ । ତାର ଗୋଟିଏ ଗୀତ ଶୁଣିଥିଲି । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ପୁରୁଷୋତ୍ତମଦେବ' ନାଟକରୁ ସେହି ଗୀତଟି ସେ ଗାଇଥିଲା । କାଲି ମଧ୍ୟ ଏ କଥା କହିଥିଲି—

କର୍ମଚାରୀ—(ହସି) ଆପଣ ଚିହ୍ନିପାରୁ ନାହାନ୍ତି। ଆପଣ ମୋ ମଇଜ ସମ୍ପାଦକ ପଟ୍ଟନାୟକଙ୍କୁ କହିଥିବେ। ମୋ ନାଁ ଗୌରହରି ପଟ୍ଟନାୟକ। ଅଫିସରେ ଶୁଣିଥିଲି, କେହି ଜଣେ ନୂଆ ଗାୟକ ଆସିଚନ୍ତି। ସେ ଗୋଦାବରୀଶ ମିଶ୍ରଙ୍କର ରଚନା ସମୂହ ଗବେଷଣା କରିବେ।

ବ୍ରଜ—(ଆବେଗରେ) ମୋ ସୁଦର୍ଶନ ପଣ୍ଡିତ ମିଶ୍ରଙ୍କ ସାହିତ୍ୟର ଗବେଷଣା କରିବ ! କି ଆନନ୍ଦର ବିଷୟ ସତେ—

କର୍ମଚାରୀ—(ପ୍ରସ୍ଥାନୋଦ୍ୟତ ହେଲେ)

ବ୍ରଜ—(ଅଗ୍ରସର ହୋଇ) ମୁଁ କଅଣ କହୁଥିଲି କି ମହାଶୟ ! ଆପଣ ଦୟାକରି ମୋ ସୁଦର୍ଶନ କେଉଁଠି ଅଛି କହିପାରିବେ ? ସେ କେଉଁ ବିଭାଗରେ ଥିବା ସମ୍ଭାବନା—

କର୍ମଚାରୀ—(ଫେରି) ଆପଣ ତ ବଡ଼ ବ୍ୟସ୍ତ ହୋଇ ଯାଉଚନ୍ତି। ମୋର ଏକ୍ଷଣି କାର୍ଯ୍ୟ ଅଛି। ଅଧଘଣ୍ଟାଏ ଲାଗିବ। ମୋର ବନ୍ଧୁ ପ୍ରିୟନାଥଙ୍କୁ ପଚାରି ଆସିବି। ଆପଣ ଏଇ ବେଞ୍ଚରେ ବସିଥାନ୍ତୁ। ଏଣେ ତେଣେ ହେବେ ନାହିଁ। ବୁଝିଲେ? (ପ୍ରସ୍ଥାନ)। (କିଶୋରୀ, ତରୁଣୀ, ପ୍ରୌଢ଼ା ସ୍ତ୍ରୀ ପାଞ୍ଚଜଣ ଏକାଠି ଆସି ସ୍ମିତ ହାସ୍ୟ ସହିତ ଅସ୍ପଷ୍ଟ କଥା କହି କହି ଚାଲିଗଲେ ଭିତରକୁ )

ବ୍ରଜ—(ମୁଗ୍ଧ ଦୃଷ୍ଟିରେ ଚାହିଁ) ଏଇ ସ୍ଥାନଟିକୁ ହିଁ ବୋଲଯାଇ-ପାରେ ଗନ୍ଧର୍ବପୁରୀ। ଏଇ ଯେ ରୂପସୀଗୁଡ଼ିକ ଯିବାଆସିବା କରୁଚନ୍ତି, ଏମାନଙ୍କର ତାରୁଣ୍ୟର ତେଜ କେବେ ହେଁ ହ୍ରାସ ହେବ ନାହିଁ। ଚିରଯୌବନା ରମଣୀବୃନ୍ଦ। ନୃତ୍ୟ, ଗୀତ,

ମଧୁର ଆଳାପରେ ସମସ୍ତେ ଉତ୍ଫୁଲ୍ଲ । ସୁଦର୍ଶନର ବିରହ-ଦୁଃଖ ମତେ ଏ ସ୍ଥାନକୁ ଟାଣି ଆଣିଛି । ଜୀବନରେ ଇମିତି ଗୋଟାଏ ଗୋଟାଏ ଦୁଃଖବିଚ୍ଛେଦ ନିତାନ୍ତ ଆବଶ୍ୟକ । ଏହା ଆଗରୁ କଅଣ ଗୁଡ଼ାଏ କବିତା ବୋଲି ନାମ ଦେଇ ଲେଖିଥିଲି । ବର୍ତ୍ତମାନ ବୁଝିପାରୁଚି, ଗଭୀର ଦୁଃଖର ଅନୁଭୂତି ନ ଥିଲେ, କାଗଜ ଉପରେ ଗୁଡ଼ାଏ ଅକ୍ଷର ଅଜାଡ଼ି ଦେଇ ଯିବା ହିଁ ସାର ହେଉଚି । ସେ ଗୁଡ଼ିକ କବିତାର ରୂପ ତ ନୁହେଁ ! କବିତାର କଙ୍କାଳ ମଧ୍ୟ ନୁହେଁ ।

(ଏହି ସମୟରେ ରେଡ଼ିଓ ଷ୍ଟେସନରେ ଆରମ୍ଭ ହେଲା କବି ଜୟଦେବଙ୍କ ଗୀତଗୋବିନ୍ଦର ଆଲୋଚନା )

ବ୍ରଜ—ମୁଁ କଥା ଆଉ ଗୀତର ସ୍ରୋତରେ ଭାସି ହୁଏ ତ ଦୁଃଖ-ସୁଖର ଅଜ୍ଞାତ ସ୍ଥାନକୁ ଚାଲିଯିବି । ତାହାହେଲେ, ସୁଦର୍ଶନ ପାଇଁ ମୁଁ ଆଉ ଭାବିବି ନାହିଁ । (ବିହ୍ୱଳ ହୋଇ) ମୋର ଦୁଃଖସମ୍ପଦ ହଜିଯିବ । ସୁଦର୍ଶନର ବିରହରେ ମୋ ଆଖିରୁ ଅଶ୍ରୁ ବହିବ ନାହିଁ ।

କର୍ମଚାରୀ—(ପ୍ରବେଶ) ଆପଣ ଆଉ ଭାବନ୍ତୁ ନାହିଁ ଆଜ୍ଞା !

ସୁଦର୍ଶନ—(ପ୍ରବେଶ) (ଆବେଗରେ) ଅଜା, ଆପଣ ଏଠି—

ବ୍ରଜ—(ଆବେଗରେ) ଏଇ ଯେ ସୁଦର୍ଶନ ! (କୁଣ୍ଢାଇ ଧରି)

ସୁଦର୍ଶନ—(ପଦଧୂଳି ନେଇ) ମୁଁ ଗୋଟାଏ ଭ୍ରାନ୍ତ ଧାରଣା ପୋଷଣ କରି ଆପଣଙ୍କୁ ଅବହେଳା କରିଦେଲି—"

କର୍ମଚାରୀ—ଏଥରକ ମୋର କାମ ଶେଷ ହେଲା, ଯାଏ ତେବେ । ନମସ୍କାର ଆଜ୍ଞା ! ଆମ କଥା ଭୁଲିଯିବ ନାହିଁ ସୁଦର୍ଶନ ! ଆସିବ ଆଉ ଥରେ । (ପ୍ରସ୍ଥାନ)

ବ୍ରଜ—(ଭୂଶେଇ ଧରି ପକାଇ) ସୁଦର୍ଶନ ! ତୁ ମତେ ନ କହି-ଚାଲିଆସିଲୁ । ଏଇତକ ମୁଁ କ ଦୁଃଖରେ କଟେଇଛି—

ସୁଦର୍ଶନ—ଅଜା, ମୋର ଅପରାଧ କ୍ଷମା କରନ୍ତୁ । ମନୁଷ୍ୟ ତାର ଦୁର୍ବଳତାର ସୀମା ଲଙ୍ଘନ କରି ଇମିତି ସବୁ ଭୁଲ କରେ । ଆପଣ ଏତେ କଷ୍ଟସ୍ୱୀକାର କରି ମୋତେ ଖୋଜି ଆସିବେ, ଏ ଆଶା ତ ମୋର ନ ଥିଲା ।

ବ୍ରଜ—ତୁ ଭାବିଥିଲୁ, ମୁଁ ସୁମନାକୁ ବିବାହ କରି ମହାଆନନ୍ଦରେ ରହିଯିବି ।

ସୁଦର୍ଶନ—ହଁ ଅଜା, ମୁଁ ତାହା ହିଁ ଭାବିଥିଲି । ଆଉ ଗୋଟାଏ କଥା ନ କହି ରହିପାରୁ ନାହିଁ । କିନ୍ତୁ ଅନ୍ୟକୁ ଦୋଷ ଦେବା ବିବେକୀ ଲୋକର କାର୍ଯ୍ୟ ନୁହେଁ । ଅନ୍ୟମାନଙ୍କର କଥାରେ ମୁଁ ବିଭ୍ରାନ୍ତ ହୋଇଗଲି ।

ବ୍ରଜ—କଅଣ ସେ କଥାଟା ?

ସୁଦର୍ଶନ—ଆପଣ ମତେ ଅତି ସ୍ନେହରେ ଆଶ୍ରୟ ଦେଇଥିଲେ । ମୁଁ ଅକୃତଜ୍ଞ ପରି ବ୍ୟବହାର କରିଛି ।

ବ୍ରଜ—ସେ କଥା ଅନୁଭବ କରି ମଧ୍ୟ ନ କହି ଚାଲିଆସିଲୁ—

ସୁଦର୍ଶନ—ଏଥିରେ ଅନେକ କଥା ଅଛି । ନ କହି ଚାଲିଆସିବା କାରଣ—ମୋର ଭୟ ହେଲା; କହିଲେ ଜାଣେ ସମସ୍ୟାଟା ଆହୁରି ଜଟିଳ ହେବ ।

ବ୍ରଜ—ଜାଣେ ମୋ ପ୍ରତି ଈର୍ଷାର ସଞ୍ଚାର ହେବ ବୋଲି ? ତୁ ଯାହା ସ୍ପଷ୍ଟ କରି କହିପାରୁ ନାହୁଁ, ତାହା ମୁଁ କହିଦେଉଛି ।

ସଦେଇ, ଦାମ ତୋ ମନକୁ ବିକୃତ କରିଥିବେ । ଏପରି କି ମୁଁ ମଧ୍ୟ ତୋ ମନରେ ସେ ଭାବନା ଆଣି ଦେଇଥିଲି । ସଦେଇ ଆଜି ଦାମ ତୋତେ ସେ କଥା କହିଥିବେ । ମୋର ବିଭାଘର ହେବ, ଏ କଥା ନିଶ୍ଚିତ ଭାବରେ ଜାଣି ଚାଲିଆସିଲୁ । (ହସି) କିନ୍ତୁ ବରଯାତ୍ରୀ ହେବା ପାଇଁ ମୁଁ ତତେ ଡାକି ଆସିଚି । ଦାମର ଝିଅ ଭାବୀପତିଙ୍କ ବିଚ୍ଛେଦରେ ବିଳାପ-ଗୀତ ଲେଖୁଥିବ । ଆଜି ରାତି ଗାଡ଼ିରେ ତୋତେ ଧରି ଘରକୁ ନ ଗଲେ ନ ଚଳେ । ତୁ ନ ଗଲେ ତ ବିବାହକାର୍ଯ୍ୟ ହୋଇପାରିବ ନାହିଁ ।

ସୁଦର୍ଶନ—ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ କରି ଯିବି ଅବଶ୍ୟ । କିନ୍ତୁ ଯେଉଁ କାମ ଆରମ୍ଭ କରିଚି—

ବ୍ରଜ—ଏକ୍ଷଣି ଆଉ ଗପ କରିବାକୁ ସମୟ ନାହିଁ ରେ ସୁଦର୍ଶନ ! ଗାଡ଼ିରେ ବସିଲେ ସବୁ କଥା କହିବି । ବୁଝିଲୁ ନାହିଁ । ବିସ୍ମିତ ହୋଇ ଚାହିଁ ରହିଚୁ ଯେ ! (କାନ ପାଖରେ କହିଲେ) ।

ସୁଦର୍ଶନ—କ୍ଷମାକରନ୍ତୁ ଅଜା, ମୁଁ ଗୁଡ଼ାଏ ମନ୍ଦଚିନ୍ତା କରି ବସିଥିଲି । ତାର ପ୍ରତିଫଳ ଏ ଦୁଇ ମାସ ଭିତରେ ଯଥେଷ୍ଟ ଭୋଗ କରିଚି । ବଡ଼ କଷ୍ଟରେ, ବହୁ ଅନୁନୟ ବିନୟ ପରେ ଗୋଟିଏ ଗୀତ ଗାଇବା ମୂଲ୍ୟ ଯାହା ପାଇଥିଲି, ହୋଟେଲକୁ ଦେଇଚି । ଯଦି ଯିବାକୁ ହେବ, ମୋର ଲୁଗା ଦି'ଖଣ୍ଡ ସେଠୁ ନେଇ ଯିବାକୁ ହେବ । ହୋଟେଲର ଷାଠିଏ ଟଙ୍କା ବାକି ଶୁଝି-ଦେବାକୁ ରହିଛି ।

ବ୍ରଜ—ନେଇ ଯା ଷାଠିଏ ଟଙ୍କା । (ଟଙ୍କା ଦେଇ) ଚାଲ । ତେଣେ ପୁଣି ଧର୍ମଶାଳାକୁ ଯାଇ ମୋର ଟ୍ରଙ୍କ ଆଉ ବିଛଣା ଆଣିବାକୁ

ହେବ । (ପ୍ରସ୍ଥାନ ଉଦ୍ୟମ) (ଫେରି) ବୁଝିଲୁ ସୁଦର୍ଶନ । ଏ ସ୍ଥାନଟି ମୋର ବଡ଼ ପ୍ରିୟ ହୋଇ ଯାଇଛି । ବୁଢ଼ାକାଳେ ବିବାହ କରିବାକୁ ଯାଉଛି; ଏଁ, କଅଣ କହୁଚୁ ?

ସୁଦର୍ଶନ—ଏହି ସ୍ଥାନରୁ ହିଁ ଆପଣଙ୍କର ନୂଆ ଜୀବନ ଆରମ୍ଭ ହେଲା ବୋଲି ମନେହେଉଛି । ମୁଁ କିନ୍ତୁ ନାତି ହୋଇ ରହିଛି—

ବ୍ରଜ—ଯେତେବେ ଯାହା ଘଟୁ, ଆମର ଅଜା ଆଉ ନାତି ସମ୍ପର୍କ ଶେଷ ପର୍ଯ୍ୟନ୍ତ ରହିବ । କଅଣ କହୁଥିଲୁ କି—ଏଠି ରହି ଅନେକ ଗୁଡ଼ିଏ ରୂପସୀଙ୍କୁ ଦେଖିଲୁ, ସେଥିସଙ୍ଗେ ସେମାନଙ୍କର ବେଶଭୂଷା ଦେଖିଚୁ । ନୂଆବୋହୂ ପାଇଁ ଶାଢ଼ୀ ଆଉ ଅଳଙ୍କାର କିଣିବାକୁ ହେବ—ବାଛିଦେବୁ ।

ସୁଦର୍ଶନ—ଯାହା ଘରେ ଅଛି ସେଇ, ଅଳଙ୍କାର ଦେଇ ବିବାହ-କାର୍ଯ୍ୟ ଚଳେଇ ନିଅନ୍ତୁ । ଘର ଛାଡ଼ି ଆସି, ବିଶେଷରେ ସବେଇ ଖାଇ ହାତର ସେବା ନ ପାଇ ଆପଣଙ୍କର ଯାତଳା ଦେହ ଶୀର୍ଣ୍ଣ ହୋଇ ଗଲାଣି । ଆଉ ଏଠି କୌଣସି କାର୍ଯ୍ୟ କରିପାରିବେ ନାହିଁ ।

ବ୍ରଜ—ତାହାହେଲେ ଚାଲ ଷ୍ଟେସନକୁ ।

ସୁଦର୍ଶନ—ମୁଁ ସେଇ କଥା କହୁଚି ଅଜା ! ଯିବା ବାଟରେ ମୋର ହୋଟେଲ । ଆପଣଙ୍କର ଧର୍ମଶାଳାକୁ ମଧ୍ୟ ଦେଖିଯିବା ।

ବ୍ରଜ—(ସୁଦର୍ଶନର କାନ୍ଧରେ ଭରଦେଇ) ତତେ ଦେଖିବା ଆଗରୁ ଏତେ କଥା କଳ୍ପନା କରି ରଖିଥିଲି । କାହିଁ ସେଥିରୁ ପରେ

ହେଲେ ତ କହିପାରିଲି ନାହିଁ ! ଆବେଗ ହିଁ ମନୁଷ୍ୟ ହୃଦୟର ପରମ ସମ୍ପଦରେ ସୁଦର୍ଶନ ! ମୋର ଭୟ ହେଉଛି ।

ସୁଦର୍ଶନ—କଅଣ ଭୟ ହେଉଚ ଅଜା ?

ବ୍ରଜ--ହୃଦୟଟା ଶୁଷ୍କ-ନୀରସ ହୋଇଯିବ । କଥା କହି ମୋ ମନଟାକୁ ଟିକଏ ଚଞ୍ଚଳ କରିଦେଇଚି ସୁଦର୍ଶନ !

ସୁଦର୍ଶନ—ଆପଣ କବି ! ସେଇ ଶକ୍ତିର ସାହାଯ୍ୟରେ ନିଜକୁ ଯିମିତି ବୁଝିପାରୁଚନ୍ତି, ଅନ୍ୟର ଦୁଃଖସୁଖ ମଧ୍ୟ ଠିକ୍ ସେମିତି ଅନୁଭବ କରୁଚନ୍ତି । ତା' ନ ହୋଇଥିଲେ ମୋତେ ଖୋଜିବାକୁ ଆସି ନ ଥାନ୍ତେ । କେଉଁଠି ଜନ୍ମ ହେଲି, କେଉଁଆଡ଼େ ଗଲେ ମାଆ-ବାପା । କେତେବେଳେ, ଆପଣ ମୋର ମାଆ, ବାପା, ଭାଇ, ବନ୍ଧୁ, ସବୁ ହୋଇଗଲେ ।

ବ୍ରଜ—ହଁରେ ସୁଦର୍ଶନ, ଚିରକାଳ ପାଇଁ ମୁଁ ଯେପରି ତୋର ହୋଇ ରହିବି, ପରମାତ୍ମାଙ୍କଠାରେ ତୁ ଏଇ ପ୍ରାର୍ଥନା କର । ମୋର ପ୍ରେମ, ମୋର ଭକ୍ତି, ମୋର ବାତ୍ସଲ୍ୟ-ମମତା ଚିରକାଳ ଜୀବନ୍ତ ହୋଇ ରହୁ ।

ସୁଦର୍ଶନ—ମୋ ପାଇଁ ଖାଲି ସ୍ନେହସୁଧା ଟିକଏ ଦେଇ ଅନ୍ୟ ପାଇଁ ସୁନା କିଣିଦେବେ । ଇମିତି ଗୋଟାଏ ଶୁଭଦିନରେ ମୋ ପାଇଁ ସାଇକେଲ ଖଣ୍ଡେ କିଣି ଦିଅନ୍ତୁ । ଆଖପାଖର ଗାଁ ଗୁଡ଼ାକୁ ଦେଖିଯିବାକୁ ସୁବିଧା ହେବ ।

ବ୍ରଜ—ସାଇକେଲ କାହିଁକି କିଣିବୁ ରେ ! ତୋ ପାଇଁ ମଟରଗାଡ଼ି କିଣିବା, ଏଥର ଚାଲ । ସମସ୍ତ ହେଲଣି, ଗାଡ଼ି ଯଦି ଚାଲି-ଯାଏ ! ଆଜି ତ ଯୋଡ଼ାଏ ଦିନ ରହିଲା । ସତେଇ ବ୍ୟସ୍ତ ହୋଇ ବସିଥିବ । ସୁମବୋଉ କି ଦୁଃଖରେ କାଳ କଟାଉ-ଥିବ, ସେଇ ଚିନ୍ତା କରି ମୁଁ ଅସ୍ଥିର ହୋଇ ଯାଉଛି । ଭଉଣୀକୁ ଗୋଟାଏ କଥା ଦେଇ ଆସିଛି । ମୋ କଥା ଉପରେ ନିର୍ଭର କରି ବସିଛି ସେ ।

( ଉଭୟଙ୍କ ପ୍ରସ୍ଥାନ )

# ଚତୁର୍ଥ ଅଙ୍କ

—ତୃତୀୟ ଦୃଶ୍ୟ—

ସ୍ଥାନ—ବ୍ରଜଙ୍କ ବାସଗୃହ

ସମୟ—ସକାଳ

ସଦେଇ—(ପ୍ରବେଶ) କଅଣ କରିବି ? ମତେ କି ବିପଦରେ ପକେଇ ଦେଇ କୁଆଡ଼େ ଗଲେ । ଭୋଜି ଆୟୋଜନ କରିବାକୁ କହି- ଥିଲେ; ଡାଲି, ଚାଉଳ, ହଳଦୀ, ମସଲା ଆଣି ରଖିଦେଲି । କି ଭୋଜି ହେବ ? କିଏ ରୋଷା ହେବ ? କେତେ ଲୋକ ଖାଇବେ, ଅଜ୍ଞା ତ ମତେ କିଛି କହିନାହାନ୍ତି ।

ନନ୍ଦବୋଉ—(ପ୍ରବେଶ)(ଉତ୍ସାହ ପାଇ) ଓ ହୋ ! ଆଜି କାହା ମୁହଁ ଚାହିଁ ଉଠିଥିଲି କେଜାଣି ! ଆସୁ ଆସୁ ତତେ ଦେଖିଲି । କଥା- ଗୁଡ଼ାକ ମୋ ପେଟ ଭିତରେ ରହି ଅଇଠୁ ପାଇଠୁ ହେଉଚି । ମୋ ପେଟ ଫୁଲି ଗଲାଣି ରେ ସଦେଇ !

ସଦେଇ—ପେଟ ଫୁଲେଇବ ନାହିଁ ! ନିତି ହାଣ୍ଡିଏ ହେବି ମୂଳା କାଞ୍ଜି କରି ଖାଉଚ । ମୂଳା ହଜମ ହେଉନାହିଁ ।

ନନ୍ଦବୋଉ—ଭାଙ୍ଗି ଖାଇବାରୁ ପେଟ ଫୁଲୁଚି କିରେ ! ଆଚ୍ଛା, ଏତେ କଥା କହୁଚୁ, ଏତିକ ବୁଝୁନୁ ! ସେ ଦାମ ଉପର ଝିଅ ଏଣ୍ଡେ ବଡ଼ ସୁନାହାର ପିନ୍ଧିଚି । ବୁଢ଼ା ଯିବା ଦିନ ତାକୁ ଦେଇଚନ୍ତି ବୋଲି କହୁଚି ।

ସଦେଇ—ଦେଲେ ଦେଇଥିବେ । ସେ କଥା ମୁଁ କେମିତି ଜାଣିବି ?

ନନ୍ଦବୋଉ—ତୁ ନ ଜାଣି କୋଉ କଥା ହୋଇଚି ରେ ସଦେଇ ! ଯାହା ହେଇଚି, ଏବେ ହେଲେ ମୋ ନାତୁଣୀଟାକୁ ବଡ଼ ହେଲା ପରେ ଯୋଗାଡ଼ କରି ଦେ ରେ ସଦେଇ ! ଆମ ଇନ୍ଦୁର ଦେଢ଼ଶୁର କୋଉଠି କୋଉ ସହର 'ଏମାଲେ' ହୋଇଚନ୍ତି—ଟଙ୍କାପଇସା ଦେବେ ।

ସଦେଇ—(ହସି ହସି) ଆଜ ସକାଳୁ ଶେଯରୁ ଉଠିଲାବେଳକୁ ବାଳଗୋପାଳଙ୍କ ହସ ହସ ମୁହଁ ଦେଖି ଉଠିଥିଲି । ହେ ନନ୍ଦ-ବୋଉ ନାନୀ ! 'ଏମାଲେ' ବୋଲି କଣ କହିଲ ହେ ! ହସି ହସି ମୋ ପେଟ ଫାଟିଯିବ ହେ ନନ୍ଦବୋଉ ନାନୀ !

ନନ୍ଦବୋଉ—ଆହା, କଅଣ ଇମିତି ହସୁଚୁ ଲେ ସଦେଇ ! ଚିନ୍ତାରେ ମୋର ଦିନ ସରୁନି କି ରାତି ସରୁନି । ଶୁଣ ମ ! କୋଉ କାରଣରୁ ବୁଢ଼ା ସେ ସୁମକୁ ସୁନାଗୁଡ଼ାକ ଦେଉଚନ୍ତି ?

ସଦେଇ—(ବାଧା ଦେଇ) କୋଉ କାରଣରୁ ଦେଉଚନ୍ତି ମୁଁ କେମିତି ଜାଣିବି ହେ ! ଆଜ୍ଞା, ତୁଆଡ଼େ ଗଲେ, କେବେ ଆସିବେ ବୋଲି, ଚିନ୍ତା କରି ମୋର ରାତିରେ ନିଦ ନାହିଁ ।,

(ଦୁଆରମୁହଁରୁ)—ଆରେ ଏ ସଦେଇ ! ସଦେଇ !

ସଦେଇ—(ଉତ୍ସାହରେ) ହେଇଟି ଆଜ୍ଞା ଆସି ଡାକଲେଣି ।

ନନ୍ଦବୋଉ—ମଣିଷଟାର କଥା ପଡ଼ୁ ପଡ଼ୁ ଆସି ହାଜର ! ଏ ଆଉ କେବେ ମରିବେ ନାହିଁ । ଯାଉଚ ରେ ସଦେଇ, ଆଉ ଥରେ ଆସିବି । ତୁ ତ କିଛି କହିଲୁ ନାହିଁ ।

ସଦେଇ—ଯାଉନୁ କାହିଁକି ! ଆଜ୍ଞା ଆସିଲେଣି, କଥା ଶୁଣିବାକୁ ମୋର ଆଉ ସମୟ କାହିଁ ?

( ଦୁହିଙ୍କର ବିପରୀତ ଦିଗରେ ପ୍ରସ୍ଥାନ )

(ବାଣ୍ଡଘର ଆଡ଼ୁ)—ଆଜ୍ଞା ମତେ କିଛି ନ କହି ପଳେଇଗଲେ । ଦୁଆରମୁହକୁ ଚାହିଁ ଚାହିଁ ଆଖିର ପାଣି ଆଖିରେ ମାରି ବସିଚି । ଭୋଜିର ଯୋଗାଡ଼ କରି ରଖିବାକୁ କହିଦେଇଗଲେ । ଆଜି ତ ଚତୁର୍ଥୀ ହେଲା । ମଝିରେ ଆଉ ଗୋଟିଏ ଦିନ ବାକି ଅଛି ।

ବ୍ରଜ—ସୁଦର୍ଶନ ପରା ମୋ ସାଙ୍ଗରେ ଆସିଲା ।

ସୁଦର୍ଶନ—ସଦେଇ ଭାଇନା, ମୁଁ ଏଠି ଠିଆ ହୋଇଚି, ମତେ ତୁମେ ଦେଖି ପାରୁନାହିଁ ? ଏଇ ଏତିକି ଦିନ ଭିତରେ ଭାଇନା ମତେ ଭୁଲିଗଲେ ।

ସଦେଇ—(ବିଛଣା ଇତ୍ୟାଦି ଧରି ଆସୁ ଆସୁ ) (ସ୍ୱଗତ) ମୋର କଳ୍ପନାଟା ଏକାଥରକେ ସତ ହୋଇଗଲା । ଖାଲି ସୁଦର୍ଶନ ପାଇଁ ଆଜ୍ଞା ଯାଇଥିଲେ । ଜିନିସ କିଣିପିବା କଥା ମିଛ । (ଜିନିସ ରଖୁ ରଖୁ ) ବଡ଼ଲୋକ ମିଛ କହନ୍ତି । ସତଟାକୁ ମିଛ ବୋଲି ମନେ କରିବାକୁ ଭଗବାନ ଶ୍ରୀକୃଷ୍ଣ ପରା ଅର୍ଜୁନଙ୍କୁ ଉପଦେଶ ଦେଇଥିଲେ ।

ବ୍ରଜ—କ ରେ କଅଣ ଗୁଜୁରୁ ଗୁଜୁରୁ ହେଉଚୁ ? ଗରମ ପାଣି ପାଣି ମନାଏ ଗାଧୋଇବାକୁ ଦେଏ । ଘରୁ ଯିବାଠୁ ଏକପ୍ରକାର ଅସ୍ନାନରେ ଦିନ କଟିଛି ।

ସଦେଇ—ଦୁଧ ସିଝେଇ ସାରି ପାଣି ବସେଇ ଦେଇଚି । ଆଜ୍ଞା । ଆଜି ଆସିବେ ବୋଲି ଅନେଇଁ ରହିଥିଲି । ଯାଉଚି ପାଣି ରଖିଦେବି । (ପ୍ରସ୍ଥାନ)

ବ୍ରଜ—ସୁଦର୍ଶନ, ଇମିତି ଠିଆହେଲୁ କାହିଁକି ? ଲୁଗାପଟା ବଦଳା-ବଦଳି କର ।

ସୁଦର୍ଶନ—( ଆବେଗରେ ) ମତେ ସବୁ ନୂଆ ବୋଧ ହେଉଛି ଅଜା ! ମନେ ହେଉଛି, ମୁଁ ପ୍ରଥମ କରି ଏଠିକି ଆସିଚି ।

ବ୍ରଜ—ନୂଆ କରି ଯେ ଜୀବନର ପଥ ନିର୍ଦ୍ଦେଶ କରିବାକୁ ପଡ଼ିବ ତୋତେ । ନୂଆ ଜୀବନ ଆରମ୍ଭ ହେବ ।

ସଦେଇ—(ସେପଟେଇ ଘରଆଡ଼ୁ )ଗରମ ପାଣି ରଖିଦେଲି ଆଜ୍ଞା, ଥଣ୍ଡା ହୋଇଯିବ । ଯାଆନ୍ତୁ ଆଜ୍ଞା !

ବ୍ରଜ—ସଦେଇ ଏଇକ୍ଷଣି ରାଗିଯିବ; ଯାଉଚି । (ପ୍ରସ୍ଥାନ)

ସଦେଇ—(ପ୍ରବେଶ) ଆଜ୍ଞା ତମକୁ ଖୋଜି ଯାଇଥିଲେ । ସେ କଥା ମତେ କହିଦେଇଥିଲେ କଅଣ ହୋଇଯାଇଥାନ୍ତା ?

ସୁଦର୍ଶନ—ଅଜାଙ୍କ ବଉଘରର ମୁଁ ବରଯାତ୍ରୀ ହେବି ସଦେଇ-ଭାଇନା ! ସେଥିପାଇଁ ଅଜା ମତେ ଡାକି ଆଣିଚନ୍ତି ।

ସଦେଇ—(ବ୍ୟଞ୍ଜନ ମିଶାଇ) କଅଣ ହେଲା, ବରଯାତ୍ରୀ ହୋଇ-ଯିବୁ, ବାମ ରଥ ଜଗି କଥା ଦେବେ । ତା'ପରେ କଅଣ ହେବ

କଏ ଜାଣିଚ ! ମୁଁ ପୁରୁଷୋତ୍ତମକୁ ଯିବି । ସେଇଠୁ ବୃନ୍ଦାବନ । କେତେ ସାଧୁ-ସନ୍ନ୍ୟାସୀ ଅଛନ୍ତି, ଜଣେ କେହି ଟିକଏ ଦୟା-ଦୃଷ୍ଟି ଦେଲେ ସବୁ ହୋଇଯିବ । ହେଇଟି ଏଇକ୍ଷଣି ଅନାଉଁ ଅନାଉଁ ରାତି ପାହିଯିବ । ପଞ୍ଚିରଞ୍ଜନକୁ ଘଣ୍ଟା ଶେଷ ।

ସୁଦର୍ଶନ—ତମେ କାହିଁକି ଘର ଛାଡ଼ିଯିବ ସଦେଇ ଭାଇନା ? ତମ ହାତର ସେବା ନ ଖାଇଲେ, ଅଜା ରହିପାରିବେ କେଉଁଠି ? ତମେ ନ ଥିବା ଘରେ ମଣିଷ ରହିବ କମିତି ? ଭାବିଲେ କାନ୍ଦ ଲାଗୁଚ ସଦେଇ ଭାଇନା !

ବ୍ରଜ—(ପ୍ରବେଶ) ଯା ସୁଦର୍ଶନ, ସ୍ନାନ କରି ଚାଲି ଆସିବୁ । ବୁଝିଲୁ ସଦେଇ, ତୋ ହାତର ପଖଳ ନ ଖାଇ, ( ସୁଦର୍ଶନର ପ୍ରସ୍ଥାନ ) ମତେ ସବୁବେଳେ ଉପାସିଆ ମଣିଷ ପରି ଲାଗେ । ଆଜ ପୁଣି ଭଲ କରି ମୁଠାଏ ଖାଇବା । କଅଣ କହୁଚୁ ? ହଁ ମନେ ପଡ଼ିଲା; ଭୋଜ ପାଇଁ ସବୁ ଯୋଗାଡ଼ କରି ଦେଇଚୁ ତ ?

ସଦେଇ—ଡାଲି, ଚାଉଳ, ଗୁଡ଼, ଘିଅ, ତେଲ ମସଲା ସବୁ ଆଣିକରି ରଖିଦେଇଚି । ପଙ୍କ ଲବାଡ଼ ଯାଇ କହି ଦେଇ ଆସିଚି ପରିବା ନେଇ ଆସିବାକୁ । ଦୁଧ ଆଣିବାକୁ କହିଦେଇଚି । ହ' ନଇଁତ ଦୁଧ ଲକ୍ଷ୍ମଣ ଗଉଡ଼ ଆଣିଦେବ । ଚଟଣି ପାଇଁ, ଦହି ଆଣିଦେବ ଗୋବିନ୍ଦ । ଆମ୍ବ, ବାଇଗଣ ଚାଳିଶ ପଣା ଲେଖାଏଁ ଆଣିବାକୁ କହିଦେଇଚି । ପାଣିକଖାରୁ, ବୋଇତାଳୁ ଦଶ ଦଶଟା ଆଣି ରଖିଛୁ ।

ବ୍ରଜ—ଗୁଡ଼, ଚିନି, ନଡ଼ିଆ, ଅହୁରି କେତେ ଜିନିସ ଆଣିବାକୁ ହେବ ।

ସଦେଇ—ବଡ଼ ବସ୍ତାରେ ଚାଉଳ ଆଣିଚ । ଗୁଡ଼ ବ' ହାଣ୍ଡି । ଆମ ଗଛର ନଡ଼ିଆ ପାଚିଲା ହୋଇ ଯାଇଥିଲା; ଶହେଟା ତୋଳେଇ ଆଣିଲି । ବିବାହ ପାଇଁ ପିଢ଼ା, କଉଳପାଟ ।

ବ୍ରଜ—ଘାଟପଥା, ଶାଢ଼ୀ ହେଲା ତ ସବୁ ଅଛି, ସେଇଥିରେ ଚଳି-ଯିବ । ମିଠେଇ ଇତ୍ୟାଦି ଆଜିଠୁ ଆରମ୍ଭ ନ କଲେ ସମୟ ପାଇବୁ ନାହିଁ । ମୂଳ କଥା, ଗାଁ ଲୋକଙ୍କୁ ନିମନ୍ତ୍ରଣ ଦେଇ ଆସିବାକୁ ହେବ । ତା' ନ ହେଲେ କିଏ କେଉଁଆଡ଼େ ପଳେଇ ଯିବେ । ତେଣୁ ଆଗରୁ ଜଣେଇଁ ଦେବାକୁ ହେବ । ବୁଝିଲୁ ? ମୁଁ ଟିକିଏ ପୂଜାଟା କରି ଦେଉଚି । (ପ୍ରସ୍ଥାନ)

ସଦେଇ—(ସ୍ୱଗତ) କାହା ବିଭାଘର ବୋଲି ଗାଁ ଲୋକଙ୍କୁ କହି ଆସିବ କିଛି ପଚାରିଲି ନାହିଁ । ଏବେ ମଧ୍ୟ ମୋ ମନରେ ସନ୍ଦେହ ରହିଚି । ସୁଦର୍ଶନକୁ ଇମିତି ଖାଲି ଡାକିନେଇ ଆସିଚନ୍ତି । ସେଇ କଥା ତ ସେ ନିଜେ କହୁଚି—ବରଯାତ୍ରୀ ହେବାକୁ ଆସିଚି ବୋଲି । ଯାଉଚି ଆଜ୍ଞାଙ୍କୁ ପଚାରିଦେବି । (ପୂଜାଘର ଆଡ଼କୁ ଯାଇ) ଆଜ୍ଞା ! କଅଣ ବୋଲି ଗାଁ ଲୋକଙ୍କୁ ଡାକିବ, କିଛି କହିଲେ ନାହିଁ । କାହାର ବିଭାଘର ବୋଲି ସମସ୍ତେ ପଚାରିବେ !

ବ୍ରଜ—(ଭିତରୁ ଆସି) କଅଣ ଆଉ କହିଥାନ୍ତି ! ବିଭାଘର ହେବ; ସମସ୍ତେ ଆସିବେ ବୋଲି କହିଦେବୁ । ହେଲା ଏଥର !

ସଦେଇ—ବିଭାଘର ହେବ ଯେ, ଆପଣଙ୍କର ନା ଆଉ କାହାର ?

ବ୍ରଜ—କେତେ ଖୋଳତାଡ଼ କରୁଚୁ ତ, ସତେ ଯିମିତି କିଛି ବୁଝି ପାରୁନାହିଁ ! ସଦେଇ ମୋ ପ୍ରାଣଟାକୁ ଖାଇ ଗଲାଣି ।

ସଦେଇ—ପର୍ଶୁରୁ ତର୍ଶୁରୁ ଆଜ୍ଞା ବିରକ୍ତ ହୋଉଚନ୍ତି । ତାହାହେଲେ, ପଅରଦିନ ଆମ ଆଜ୍ଞା ଦାମ ଉଥର ଝିଅକୁ ବାହାହେବେ, ତମେ ସବୁ ଆସିବ ବୋଲି କହିଦେବି ?

ବ୍ରଜ—ଯା' କହିଲେ କହି ଦେ । କଅଣ କରୁଚୁ କି ରେ, ମୁଁ ଆଉ କିଛି କହିବି ନାହିଁ । ବାହାହେଲେ ତୁ ମତେ ଗାଁରୁ ବାହାର କରିଦେବୁ; ଆଉ କଅଣ ?

ସଦେଇ—(ସ୍ୱଗତ) ସୁଦର୍ଶନ ବୋଲି ଏ ଲୋକଟା ଆଉ ଥରେ କାହିଁକି ଆସିଲା କେଜାଣି ? ଆସିଚି ଯଦି ଆସୁ । ମୁଁ ଗାଁ ଲୋକଙ୍କୁ ଆଜ୍ଞା ବାହାହେବା ନିମନ୍ତ୍ରଣ ଦେଇ ଆସିବି । ତା ପରେ ତାଙ୍କ କଥା ସେ କରିବେ । (ପ୍ରସ୍ଥାନ)

ବ୍ରଜ—(ଭିତରୁ ଆସି) ଅସଲ ସମୟରେ ସଦେଇ ମୋ ଚୁଟି ଧରି ଝିଙ୍କିଦେଲା । ସେହି ହିଁ ତ ମତେ ଉତ୍ସାହ ଦେଇ ରଖିଚି । ସେ ପ୍ରଲୋଭନ ମନର କେଉଁ କୋଣରେ କେଜାଣି ଥାଇପାରେ । ବଡ଼ ଅଦ୍ଭୁତ ମନୁଷ୍ୟର ମନ । ଏଇ ସଦେଇର କଥା । ତାର ଇଚ୍ଛା ନାହିଁ ମୁଁ ବିବାହ କରି ସଂସାର କରିବି । ସୁଦର୍ଶନକୁ ଘରେ ରଖି କଅଣ ଗୋଟାଏ ବ୍ୟବସ୍ଥା କରିଦେବା । ସେଥିରେ ମଧ୍ୟ ସେ ଏକମତ ହେଉନାହିଁ । ଏତିକବେଳୁ ପର୍ଶୁରି ପର୍ଶୁରି ହନ୍ତସନ୍ତ କରିଦେଲାଣି ।

ଦାମ—(ପ୍ରବେଶ) ଓହୋ, ସତେ ମଜୁସା ଆସିଗଲେ ! ଚିନ୍ତାରେ ମୋ ଅବସ୍ଥା ମରିବ କି ବଞ୍ଚିବ ଇମିତି ହେଲାଣି ।

ବ୍ରଜ—(ହସି) କାହିଁ ? ସିମିତି କିଛି ହେଲା ପରି ତ ଦେଖୁନାହିଁ । ଆଚ୍ଛା, ହଁ କୁଆଡ଼େ ଆସିଥିଲୁ—

ଦାମ—ଦାଣ୍ଡଦୁଆରେ ସୁଦର୍ଶନକୁ ଦେଖିଲି ଯେ, ତାକୁ ଆଜି ଥରେ କାହିଁକି ଆଣିଲେ ? ଘର ଭିତରେ ଅନ୍ୟ ଜଣେ ସବୁଦିନ ପାଇଁ ରହିବା ତ ସମ୍ଭବ ହେବ ନାହିଁ ।

ବ୍ରଜ—ସେ ବିଷୟ ମୁଁ ଚିନ୍ତାକରିବି । ସେଥିପାଇଁ ତୁ କାହିଁକି ବ୍ୟସ୍ତ ହେଉଚୁ ? ଏଇ କଥା ତ ! ଯାଉଚି, ମୁଁ ପୂଜାଟା କରିଦେଇ ଆସିବି । (ପ୍ରସ୍ଥାନ; ଫେରି) ତୁ ଘରକୁ ଯା ଦାମ !

ଦାମ—(ବିଷଣ୍ଣ ହୋଇ) ଯାଙ୍କ କଥା ଶୁଣିଲେ କ୍ରୋଧ-ଅଗ୍ନି ଜଳିଉଠୁଚି । ଜଳିଲେ କଅଣ ହେବ, ତାକୁ ମୁଁ ହିଁ ଶାନ୍ତ କରୁଚି । କେମିତି ହାତଗଣ୍ଠିଟା ପଡ଼ିଯିବ । କେତେବେଳେ ସେ ମୁହୂର୍ତ୍ତଟା ଆସିବ । ଗୋଟେ ପିଲା ଅସୁସ୍ଥ ହୋଇ ରହିଗଲା ପରେ, ଆଉ ଗୁଡ଼ାକର କଥା ସେ କଅଣ ଦେଖିବେ ନାହିଁ ? ମାତ୍ର, ମଉସା କି ଉଦ୍ଦେଶ୍ୟରେ ସେ ସୁଦର୍ଶନଟାକୁ ଆଉ ଥରେ ଆଣିଲେ, ମୁଁ କିଛି ଜାଣିପାରୁ ନାହିଁ । ଯାହା କରୁଚନ୍ତି କରନ୍ତୁ; ଏ କ୍ଷଣି ପୂଜାଘରୁ ଆସିଲେ ତଡ଼ି ଆସିବେ । ଯାଉଚି, ସବୁକଥା ସୁମନା ବୋଉକୁ କହିଦେବି । (ପ୍ରସ୍ଥାନ)

ସୁମବୋଉ—(ଭିତରଆଡ଼ୁ ବାହାରି ପ୍ରବେଶ) (ସ୍ୱଗତ) ଗୋପାଳ କହିଲା, ସୁଦର୍ଶନ ଭାଇନା ଆସିଲେଣି ବୋଲି । ଜିନିଷ କିଣି ଆଣିବା ଉପରେ ମଉସା ତାଙ୍କୁ ହିଁ ଖୋଜି ଯାଇଥିଲେ । ସୁମ-ବାପା ଇମିତି ଡରୁଆ ମଣିଷ ଯେ ମଉସାଙ୍କୁ ପଦେ ପଚାରି ପାରୁନାହାଁନ୍ତି । ମତେ ପଠେଇଚନ୍ତି । କଅଣ ବୋଲି ତାଙ୍କୁ ମୁଁ ପଚାରିବି ? ମୁହଁକୁ ଅନେଇଁଦେଲେ ସବୁ ସାହସ କୁଆଡ଼େ ଉଡ଼ି ପଳାଉଚି । କେମିତି କରି କଥାଟା ଆରମ୍ଭ କରିବି—"

ବ୍ରଜ—(ସୁମବୋଉ ଆଡ଼କୁ ନ ଚାହିଁ) (ସ୍ୱଗତ) ଦାମ ସାଙ୍ଗରେ କଅଣ ବୋଲି କଥାଟା ଆରମ୍ଭ କରିଥାନ୍ତି ?

ସୁମବୋଉ—(ଅଗ୍ରସର ହୋଇ ଆସି ପଦଧୂଳି ନେଇ)

ବ୍ରଜ—ଭଗବାନ ତୋତେ ସୁଖୀ କରନ୍ତୁ ସୁମନାବୋଉ !

ସୁମବୋଉ—ଆପଣଙ୍କୁ ଆଉ କଅଣ କହିବି—ମୁଁ ସେଇ ସୁମନା କଥା ପଚାରିବାକୁ ଆସିଚି—

ବ୍ରଜ—(ହସିଦେଇ) ମୁଁ ମଧ୍ୟ ସେଇ ସୁମନାର ଚିନ୍ତାରେ ବ୍ୟସ୍ତ । ସୁମନାର ବିବାହ ସମ୍ବନ୍ଧୀୟ ଚିନ୍ତା ମୋ ଉପରେ ରହିଚି । ମୁଁ ତ ତାର ସେଇ ଶିଶୁକାଳରୁ ସେ ଭାର ନେଇଚି । ଆଜି ପୁଣି ତୁ ପଚାରି ଆସିଚୁ କାହିଁକି ?

ସୁମବୋଉ—ଗାଁ ଲୋକେ କେତେବେଳେ କଅଣ କହୁଚନ୍ତି । ମୁଁ ଅଜ୍ଞାନୀ ସ୍ତ୍ରୀ ଲୋକ; କିଛି ଜାଣିପାରୁ ନି । ଆପଣ ପଦେ କହିଦେଲେ—

ବ୍ରଜ—(ସହଜ ଭାବରେ) ମଝିରେ ଆଉ ଗୋଟାଏ ଦିନ ବାକି ରହିଲା । ପଡ଼ଶାଘର ହେଲେ ମଧ୍ୟ ଏ ଗାଁରୁ ସେ ଘରକୁ ପାଞ୍ଚ ଜଣ ବରଯାତ୍ରୀ ତ ଯିବେ ! ସେମାନଙ୍କୁ ଭଲକରି ଚର୍ଚ୍ଚା କରିବୁ । ଗାଁର ସ୍ତ୍ରୀଲୋକ ଏକଠ ହେବେ । ଦାମ ପରି ତୁ ଚିନ୍ତାଶୂନ୍ୟ ହେଲେ ତ ଚଳିବ ନାହିଁ ! ଏଠି ଆଉ ଇମିତି କଥାବାର୍ତ୍ତା କରି ବସିଲେ ତ କାର୍ଯ୍ୟ ହେବ ନାହିଁ । ଘରେ ତୋର ବଡ଼ ବଳିଷ୍ଠ କାର୍ଯ୍ୟ ରହିଚି । ସେ ନନ୍ଦବୋଉକୁ ଡାକିବୁ । ଭଲ ସନ୍ଧ୍ୟାରେ ସେ ।

(ପ୍ରସ୍ଥାନ)

ସୁମନ୍ତବାବୁ—(ହତାଶ ଭାବରେ) ମଉସା ମତେ କଅଣ କହିଲେ, ମୁଁ ତ କିଛି ବୁଝିପାରିଲି ନାହିଁ । ଭୋଜ କରିବାକୁ ପରାମର୍ଶ ଦେଲେ । ମୋ ଝିଅର ବର କିଏ ହେବ, ଏତେବେଳ ପର୍ଯ୍ୟନ୍ତ ମୁଁ ଜାଣିପାରୁ ନାହିଁ । ତାଙ୍କୁ ହିଁ ଦେବତା ବୋଲି ମାନି ସବୁ କରିଯିବି । ତୁମ ଭାଗ୍ୟରେ ଯାହା ଥିବ, ଘଟିବ । (ପ୍ରସ୍ଥାନ)

---

# ଚତୁର୍ଥ ଅଙ୍କ

## —ଚତୁର୍ଥ ଦୃଶ୍ୟ—

ସ୍ଥାନ—ଦାମ ରଥଙ୍କ ବାସଗୃହ

ସମୟ—ସନ୍ଧ୍ୟା

(ଅଗଣାରେ ସୁସଜ୍ଜିତ ବେଦୀ )

( ବାହାରେ ଶଙ୍ଖବାଦ୍ୟ ଶବ୍ଦ । କେତକୀବୋଉ, ନନ୍ଦବୋଉ ପ୍ରଭୃତି ସ୍ତ୍ରୀମାନଙ୍କର ସମାଗମ ! ପୁନଃ ଭିତରକୁ ପ୍ରସ୍ଥାନ)

ସୁମବୋଉ—(ପ୍ରବେଶ) ଊଲଗି ହୋଉଚି ହେ ନନ୍ଦବୋଉ ନାନି ! ତମ ହାତର ମଣ୍ଡର, ସାକର ବଡ଼ ସୁଆଦୁ ହୁଏ । ମୋ ପାଇଁ ଗାନ୍ଧୁ ଚମ୍ପା, ତାଙ୍କୁ ଟିକଏ ଶିଖେଇ ଦେବ । ତମେ ନ ଥିଲେ ଘର ଖୋଜଘର ପରି ଲାଗିବ ନାହିଁ ।

ନନ୍ଦବୋଉ—ହଁ ଲୋ ସୁମବୋଉ ! ଖୋଜ ଯାଇ ନୁ କ ବାଛୁ ଯାଇ ନୁ, ଇମିତି ବର ମିଳିଗଲା ତୋ ସୁମକୁ । ମୋ ନାତୁଣୀ ସିମିତି ଠାକୁରଙ୍କ ପରି ବସିଚି !

ସୁମବୋଉ—ଇନ୍ଦ୍ରାଘର ଆଡ଼କୁ ଚାଲ, ସବୁ ଦୁଃଖ କହିବ । ଝିଅର ବର କଏ ହେବ, ମୁଁ ଆଜିଯାଏ ଜାଣି ନ ଥିଲି ନାନି ! ଭଗବାନେ ଯାହା କରିବେ ! ଏଇ ଦେଖିଲ, ପୁରୋହିତ ଆସିଗଲେଣି । ଚାଲ ।

(ହାତଧରି ନେଇ ପ୍ରସ୍ଥାନ)

ଦାମ—(ପ୍ରବେଶ) (କପାଳରେ କରଚାଡ଼ି) ଶେଷକୁ ମଞ୍ଜୁସା ମତେ ଭସେଇ ଦେଲେ । ସୁଦର୍ଶନକୁ ବରବେଶ କରି ଧରି ଆସୁଚନ୍ତି । କଅଣ କରିବି, କମିତି ବରକୁ ବରଣ କରି ଆଣିବି ।

ପୁରୋହିତ—(ପ୍ରବେଶ) ଚାଲନ୍ତୁ ଭଦ୍ରେ, ବାଟବରଣ କରି ବରକୁ ଆଣିବେ । (ପ୍ରସ୍ଥାନ)

(ଦୁଆରମୁହଁରେ ଶଙ୍ଖ ମାଙ୍ଗଳିକ ବାଦ୍ୟ—ଭିତରୁ ହୁଳହୁଳି ଧ୍ୱନି) ।

ସୁମଙ୍ଗବୋଉ—(ପ୍ରବେଶି) ଶୁଣିଲଣି ?

ଦାମ—କଅଣ ଶୁଣିବି ? ମଞ୍ଜୁସା ମୋର ଗଳାକାଟି ଦେଲେ । କୁଆଡ଼ୁ ଭିକମଗା ପିଲଟେ ଘରେ ରଖିଥିଲେ; ସେଇଟାକୁ ଏବେ ପଠେଇ ଦେଇଛନ୍ତି ବରବେଶ କରି ! ମୁଁ ଏ ବିଭା କରେଇ ଦେବିନାହିଁ—

ସୁମବୋଉ—ଆ ! ବଡ଼ ସୁନ୍ଦର କଥାଗୁଡ଼ାକ କହୁଚ ! ମଞ୍ଜୁସା ତାକୁ ପୁଅ କରି ରଖିଚନ୍ତି । ଏ କଥା ଶୁଣି ଆନନ୍ଦରେ ମୋ ଗୋଡ଼ ତଳେ ପଡ଼ୁନାହିଁ । ତମେ ଏଥିରେ ଦୁଃଖ କରୁଚ ? କମିତି ମଣିଷ କେଜାଣି ତମେ ?

ଦାମ—ଗୋଡ଼ ଯଦି ତଳେ ପଡ଼ୁନି ଉପରେ ଉଡ଼ୁ । ମୋର ଏ ବିଭାରେ ମତ ନାହିଁ, ବୁଝିଲୁ ? ତୋ ଇଚ୍ଛା; ଯାହା କରୁଚୁ କର ।

ସୁମବୋଉ—ଦେଖ, ମୁଁ ତମକୁ କହୁଚି, ସୁମର ସୌଭାଗ୍ୟ ଯେ ମଞ୍ଜୁସା ନିଜେ ଯାଇ ସୁଦର୍ଶନକୁ ଖୋଜି ଆଣିଚନ୍ତି । ସେ ତାକୁ

ଧନ ଟଙ୍କା ଦଅନ୍ତୁ; କି ନ ଦଅନ୍ତୁ ଏଇ ଯେଉଁ ଖୋଜି ଆଣିଲେ, ଏ ସ୍ନେହଟା ତ ଅମୂଲ୍ୟ ସମ୍ପଦ । ତମ ମନରେ ଚେତା ଆସୁ ନା ? ମଉସାଙ୍କ ହାତରେ ସୁମକୁ କେମିତି ତମେ ସମ୍ପ୍ରଦାନ କରିଥାଆନ୍ତ, ସେ କଥା ଚିନ୍ତା କରି ଜଗନ୍ନାଥଙ୍କୁ ସ୍ମରଣ କର; ଭୂଇଁ ତଳେ ମୁଣ୍ଡିଆ ମାରି ହାତ ଯୋଡ଼ି ଠିଆହୁଅ । ଭଗବାନ ଭଲ ପଦାର୍ଥ ଗୋଟିଏ ଦେଇଚନ୍ତି । କିନ୍ତୁ ନ ବୁଝି ଲୁଚ୍ଛା ଧନ ଲୋଭରେ ଭୁଲିଯାଉଚ । ସୁଦର୍ଶନକୁ ମଉସା କିଛି ନ ଦେଲେ, ସେ ତ ଟ୍ରେଷ୍ଟା-କେମ୍ପା ହେଇ ନ—(ହାତ ଧରି) ଉଠ ଇମିତି ହୁଅ ନା ।

ଦାମ—(ବସିବା ଠୁ ଉଠି ପଡ଼ି, ସୁମବୋଉର ହାତ ଧରି ପକେଇ) ସୁମବୋଉ, ଆଜି ତୁ ମତେ ଜ୍ଞାନମାର୍ଗ ଦେଖେଇଦେଲୁ । ପୁରୁଷ ହେଲେ, ପାଠ ପଢ଼ିଲେ କଅଣ ହେବ ? ଏଇ ମହତ ଦୃଷ୍ଟିଟିକ ମୋ ମନକୁ ଆସି ନ ଥିଲା । ନିଜର ଆହାର-ବିହାରର ସ୍ୱାର୍ଥ କଥା ହିଁ ଭାବୁଥିଲି । ସୁମବୋଉ ! ମତେ କ୍ଷମା କର । ସୁମର ମୂଲ୍ୟ ବୋଧହୁଏ ତୁ ହିଁ କରି ପାରିଚୁ ସୁମବୋଉ ! ମୋର ସୌଭାଗ୍ୟ ! ସୁମ ମୋର ଉପଯୁକ୍ତ ପାତ୍ରରେ ଅର୍ପିତା ହେବ ।

ପୂରେଇବତେ—(ଦୁଆର ମୁହଁରୁ) ଏଥର ଆସ ହେ ଇଏ ! ବର ଦାଣ୍ଡ ବୁଲି ପୂର୍ବମୁଖ ହୋଇ ଆସିଗଲେଣି । (ଦାମର ପ୍ରସ୍ଥାନ)

ନନ୍ଦବୋଉ—(ପ୍ରବେଶ କରି) ଏ ସୁମବୋଉ, କାହିଁ ମହାପାତ୍ରେ ତ ବର ବୁଢ଼େ । ତାଙ୍କର ସେ ନାତକ ଆଣିଚନ୍ତି !

ସୁମବୋଉ—(ନନ୍ଦବୋଉ ଆଡ଼କୁ ଆସି) ଓଳଗି ହୋଉଚ ହେ ନନ୍ଦବୋଉ ନାନି ! ତମ ଆଶୀର୍ବାଦରୁ ଏ କଥା ହେଲା । ଭଲ ପାତ୍ରଟିଏ ଭଗବାନେ ଘଟଣା କରିଦେଲେ ।

ନନ୍ଦବୋଉ—ସଦେଇ କ ଧର କେତେ କଅଣ ଉତ୍ତର ଉପାସ୍ଥ କର
ଏଡ଼େ କଥାଟା କରିଦେଲୁ । ମଙ୍ଗଳ ହୋଇ ରହିବା ଲୋକ
ଇମିତ ସବୁ କରି କିଛି ନ ଜାଣିଲା ପରି ରହିଥାନ୍ତି । ଆଉରି
ମତେ କହୁଚ; ବର କିଏ ହେବ, ଜାଣି ନାହିଁ ହେ ନାନି ! ଛି,
ଛି, ଏମାନଙ୍କର ମୁହଁ ଲୁହିଁ ନ ଆସେ । (ପ୍ରସ୍ଥାନ ଉଦ୍ୟମ)

ସଦେଇ—(ପ୍ରବେଶ କରି) (ହସି ହସି) ଆରେ, ଏ ନନ୍ଦବୋଉ ନାନି
କାହିଁକି ରାଗିଚନ୍ତି ! ଆସ ନନ୍ଦବୋଉ, ତମ ଭାଗ୍ୟରେ ଯାହା
ଥିବ; ସୁମନାକୁ ଦିଅ । ମୁଁ କାନଫୁଲ ତିଆରି କରି ଆଣିଚି ।
ବିଭାବେଦୀରେ ଦେବ ।

ନନ୍ଦବୋଉ—(ରାଗରେ) ଚୋର ଡାକେ ସବୁ, ଭୁ ଡାକମାନଙ୍କର ।
ନ ଦେବୁ କାହିଁକି ? ମୁଁ ମୋର କେଉଁଠୁ କଅଣ ଆଣିବି !
(ପ୍ରସ୍ଥାନ)

ସୁମବୋଉ—ଆଜି ପରି ଦିନରେ ତମେ ହିଁ ମୋର ଭାଇବନ୍ଧୁ ସବୁ
ହେ ସଦେଇ ଭାଇନା ! ଏ ଆଡ଼େ ବିଭାକାର୍ଯ୍ୟ ହେଉ ହେଉ
ଗାଁର ସ୍ତ୍ରୀମାନଙ୍କୁ ଭୋଜିଭାତ ଗଣ୍ଡାକ ନିଜେ ପରଷାପରଷି
କରେଇ ଦେବ । ମୋର ତ କାହିଁକି ଗୋଡ଼ ହାତ ଥୟ
ହେଉ ନି । ଶୂନ୍ୟେ ଶୂନ୍ୟେ ଉଡ଼ିଲା ପରି ଲାଗୁଚି ।

ସଦେଇ—ଏଇ ନିଅ ସୁମନାବୋଉ, ମୋ ନାଁରେ ବିଭାବେଦୀରେ
ସୁମନାକୁ ଦେଇଦେବ । ମୋର ମଧ୍ୟ ସେଆଡ଼େ କାମ ଲାଗିଚି ।
ଏ ଆଡ଼ର କାମଟା ଆଗ ଛିଣ୍ଡେଇ ଦେବା । (ପ୍ରସ୍ଥାନ)

ହାମ—(ପ୍ରବେଶ କରି) ହୁଳହୁଳି ଦିଅ । ଶଙ୍ଖ ବଜା ରେ, ଏ
ଶଙ୍ଖୁଆ ! ମୋ ସୁମବୋଉ ଯୋଗୁଁ ଏଡ଼େ ବଡ଼ କଥା ଘଟିଲା ।

ସେ ତ ମୋର ସାକ୍ଷାତ୍ ଲକ୍ଷ୍ମୀ । ଏ କଥା ଭାବନା କରିବ କି କାର୍ଯ୍ୟ କରିବ ! ଆହେ ପୁରୋହିତେ, ବରଣଥାଳିଟା ଧର ।

(ଉଭୟଙ୍କ ପ୍ରସ୍ଥାନ)

(ସଧବା ସ୍ତ୍ରୀ-ମଣ୍ଡଳୀ ଏକତ୍ର ହୋଇ ବେଦୀ ପାଖକୁ ଆସି ହୁଳହୁଳି ଦେଲେ । ବାହାରେ ଶଙ୍ଖ ବାଦନ ହେଉଥିଲା । ଯଦୁ, ରଘୁ, ଦାମ, ପୁରୋହିତ, ବ୍ରଜ, ବରବେଶରେ ସୁଦର୍ଶନର ପ୍ରବେଶ । ସେବକଷ୍ଟିବୋଉ ପ୍ରଭୃତି ହୁଳହୁଳି ଦେଲେ)

ପୁରୋହିତ ଓ ବ୍ରଜ ସମସ୍ୱରରେ—

ମଙ୍ଗଳମ୍ ଭଗବାନ୍ ବିଷ୍ଣୁଃ
ମଙ୍ଗଳମ୍ ଗରୁଡ଼୍ ଧ୍ୱଜଃ
ମଙ୍ଗଳମ୍ ପୁଣ୍ଡରୀକାକ୍ଷଃ
ମଙ୍ଗଳାୟ ନମୋ ହରିଃ ।

(ବରବଧୂଙ୍କ ବେଦୀ ଉପରେ ଉପବେଶନ)

ବ୍ରଜ—ଓଁ ତଦ୍ରଦ୍ ବିଷ୍ଣୁର୍ବିଷ୍ଣୁର୍ବିଷ୍ଣୁଃ । ଏଥର ଗଣପତି ଆବାହନ କରି ମନ୍ତ୍ର ପଢ଼ନ୍ତୁ, ହୋମ କର୍ମ ଆରମ୍ଭ ହେଉ ।

(ବରବଧୂଙ୍କ ଘରର ପୁରୋହିତମାନେ ମନ୍ତ୍ରପାଠ କରି ବିବାହ ବିଧାନ ସମ୍ପାଦନ କଲେ ।)

(ଗ୍ରନ୍ଥିବନ୍ଧନ, ଶୁଭଦୃଷ୍ଟି ଇତ୍ୟାଦି ଶୁଭକର୍ମ ହୋଇଗଲା । ହୁଳହୁଳି ଶଙ୍ଖବାଦ୍ୟ ଚାଲିଥିଲା । ପରଦା ପତନ ହେଲା ।)

# ଚତୁର୍ଥ ଅଙ୍କ

## —ପଞ୍ଚମ ଦୃଶ୍ୟ—

ସ୍ଥାନ—ବ୍ରଜଙ୍କ ବାସଗୃହର ବାରଣ୍ଡା

ସମୟ—ପ୍ରାୟ ସନ୍ଧ୍ୟା

ବ୍ରଜ—(ପ୍ରବେଶ କରି) ଶେଷପର୍ଯ୍ୟନ୍ତ ଦାମ ଭାବିଥିଲା, ମୁଁ ସୁମନାକୁ ବିବାହ କରିବି । ସଦେଇ ମଧ୍ୟ ସେଇ କଥା ହିଁ ଭାବିଥିଲା । ଏତେ କଥା ଆଡ଼କୁ କାହିଁକି ଯିବ ? ମୁଁ ନିଜେ ହିଁ ନିଜ ପ୍ରତି ଏତେ ବଡ଼ ସୁବିଚାର କରିବି ବୋଲି କଳ୍ପନା କରିପାରୁ ନ ଥିଲି । ସର୍ବନିୟନ୍ତା ଅନ୍ତର୍ଯ୍ୟାମୀ ଅନ୍ତରର କଥା ଜାଣି ମତେ ସହଜ ପଥରେ ଆଗେଇ ନେଇଛନ୍ତି, ଏଥିରେ ସନ୍ଦେହ ନାହିଁ । ହେ ସୃଷ୍ଟିକର୍ତ୍ତା ! କେତେବେଳେ କାହା ସକାଶେ କେଉଁ କର୍ମ-ଯୋଜନା କରୁଚ, କେହି ଜାଣୁନାହିଁ ।

ସଦେଇ—(ଆସୁ ଆସୁ) ଆଜ୍ଞା ଶୁଣୁଚନ୍ତି ?

ବ୍ରଜ—(ହସି) ମୁହଁରେ ହସ ଭରି ରହିଚି । ଭାରି ଫୂର୍ତ୍ତି ! ଏଥର ସନ୍ଦେହ ଛୁଟିଗଲା, ନା କଅଣ ? ଭଗବାନ ଶକ୍ତି ଦେଲେ ରେ ସଦେଇ !

ସଦେଇ—(ଅଭିମାନରେ) ନାହିଁ ଆଜ୍ଞା, ବିଶ୍ୱାସୀ ଭୃତ୍ୟ ବୋଲି କହୁଚନ୍ତି ସିନା, ମନରେ ସେ କଥା ନାହିଁ—

ବ୍ରଜ—(ହସି) ମୁଁ ଯେ ନିଜକୁ ବିଶ୍ୱାସ କରିପାରୁ ନ ଥିଲି, ଅବଶେଷରେ ତାଙ୍କର ଦୟାରୁ ଆଜ ମୁଁ ସକଳ ବନ୍ଧନରୁ ମୁକ୍ତ ହୋଇ ଲୀଳାମୟୀଙ୍କ ଚରଣ ତଳେ ଆଶ୍ରୟ ନେଇଚି ।

ସଦେଇ—ଅ ଜଣ ହିଁ ଯେ ମୋର ପ୍ରଭୁ; ଯାହା କରିବେ କରନ୍ତୁ । ଯେଉଁ ବାଟରେ ନେବେ, ସେଇ ବାଟରେ ଯିବି । (ପ୍ରସ୍ଥାନ)

ବ୍ରଜ—ପରମାତ୍ମା ମୋର ମନ ଜାଣି ମୋ ପାଇଁ ଉତ୍ତମ ଅନୁଚରଟିଏ ସୃଷ୍ଟି କରି ଦେଇଚନ୍ତି ।

ସଦେଇ—(ଆସୁ ଆସୁ) ଆଜ୍ଞା, ହ' ହାଣ୍ଡି ଖିରି ହେଇଚି ଯେ ସେଥିରେ ଆଉ ହ'ସେର ଚିନି ପଡ଼ିବ ବୋଲି ପୂଜାରି କହୁଚନ୍ତି—

ବ୍ରଜ—ହସେର କାହିଁକି, ଦରକାର ହେଲେ ଘରି ସେର ଦେ । ଜୀବନରେ ଏଇ ଗୋଟାଏ ଦିନ ତ ଲୋକଙ୍କୁ ଖାଇବାକୁ ଦେଉଚୁ । ବାପମାଆଙ୍କ ଶ୍ରାଦ୍ଧଦିବସରେ ମଧ୍ୟ କାହାକୁ ଖୁଆଇ ନ ଥିଲି । ତିଳଚଣ୍ଡୁଳରେ ଶ୍ରାଦ୍ଧ ଚଳେଇ ଦେଉଥିଲି ।

ସଦେଇ—ହଁ ଆଜ୍ଞା, ଆଜ ଗୋଟାଏ ଦିନ ତ ଖାଇଥାନ୍ତୁ ମିଠାଖିଆ । (ପ୍ରସ୍ଥାନ)

ବ୍ରଜ—ଏଇ ଆନନ୍ଦ-ଉତ୍ତେଜନା ଭିତରେ ହିଁ ଘରୁ ବାହାରି ପଡ଼ିବାକୁ ହେବ । ତା' ନ ହେଲେ ପୁଣି ଯଦି ବନ୍ଧନରେ ପଡ଼ିଯାଏ, ଆଉ ବାହାରି ପାରିବି ନାହିଁ ।

ପୁରୋହିତ—(ପ୍ରବେଶ କରି) ଆଜ୍ଞା, ବରବଧୂଙ୍କ ଆସିବା ସମୟ ହୋଇଗଲା । ବଧୂ ବନ୍ଦାପନା କରିବାକୁ ଜଣେ କେହି ସଧବା ସ୍ତ୍ରୀ ଆସିବା ଆବଶ୍ୟକ ।

ସଦେଇ—(ପ୍ରବେଶ)

ବ୍ରଜ—ବୋହୂକୁ ବନ୍ଦାପନା କରି ଆଣିବାକୁ ହେବ ସଦେଇ !

ସଦେଇ—(ହୁଳହୁଳି ଦେଇ ଉତ୍ସାହରେ) ମୁଁ ଆଜି ଆଉ ବୋହୂ ବନ୍ଦେଇ ଆଣିବି ଆଉ କିଏ !

ପୁରୋହିତ—ଆପଣ ଆସନ୍ତୁ ଆଜ୍ଞା, ବୋହୂକୁ ଡାକି ଆଣିବେ ।

ବ୍ରଜ—(ହସି) ଚାଲନ୍ତୁ ଆପଣ, ମୁଁ ଯାଉଛି ।

ପୁରୋହିତ—ଶୁଭଲଗ୍ନ ଏତିକିବେଳକୁ ଅଛି ଆଜ୍ଞା; ଆସନ୍ତୁ । (ପ୍ରସ୍ଥାନ)

ବ୍ରଜ—ବୁଝିଲୁ ସଦେଇ ! କାଲିକି ସେମାନେ ସାଧାରଣ ସ୍ୱାମୀ-ସ୍ତ୍ରୀ ରୂପେ ସଂସାର କରିବେ । ଆଜିକ ପାଇଁ ସେମାନଙ୍କୁ ରଜା ଓ ରାଣୀ ବୋଲି ବିଶ୍ୱାସ କରି ସମ୍ବର୍ଦ୍ଧନା ଦେଇ ଡାକି ଆଣିବାକୁ ହେବ ।

ସଦେଇ—(ହସି ହୁଳହୁଳି ଦେଇ) ହଁ ଆଜ୍ଞା, ମନୁଷ୍ୟ ହିଁ ମନୁଷ୍ୟକୁ ବଡ଼ କରି ଦେଖିଆସିଛି ସୃଷ୍ଟି ଆରମ୍ଭରୁ । କୃଷ୍ଣ ଦେବକୀଙ୍କ ଗର୍ଭରୁ ଜାତ ହୋଇ ଯଶୋଦାଙ୍କ ନନ୍ଦନ ହେଲେ । ପର ପୁଅକୁ ଆପଣାର କରିବା ପାଇଁ ଆପଣାକୁ ଉତ୍ସର୍ଗ କରିବାକୁ ହୁଏ । ଯଶୋଦା ଶ୍ରୀକୃଷ୍ଣଙ୍କ ବିରହରେ ଯେତେ କାନ୍ଦିଛନ୍ତି, ଦେବକୀ ସେତେ କାନ୍ଦି ନାହାଁନ୍ତି । ଆପଣ ସୁଦର୍ଶନକୁ ସେମିତି କରି ନିଜର କରି ସାରିଲେଣି । ଆଜି ଦିନକ ପାଇଁ କାହିଁକି; ଚିରଦିନ ପାଇଁ ସେ ଏ ଘରର ରଜା ହେବେ ।

ବ୍ରଜ—(ହସି) ଯାହା ବୁଝି ନ ଥିଲି, ସେ କଥା ମତେ ସ୍ପଷ୍ଟକରି ବୁଝେଇଦେଲୁ ସଦେଇ ! ଯେଉଁ ମନୁଷ୍ୟଟାକୁ ପର ବୋଲି ହୀନଦୃଷ୍ଟିରେ ଦେଖୁଥିଲୁ, ତୋ ନିଜ ହାତରେ ତାକୁ ରାଜ-ମୁକୁଟ ପିନ୍ଧେଇ ଦେବାକୁ ବସିଚୁ ।

ନେପଥ୍ୟରୁ ପୁରୋହିତ—ଆସନ୍ତୁ ଆଜ୍ଞା ! ସମୟ ହୋଇଗଲା ।

ବ୍ରଜ—ବନ୍ଦାଣ ଥାଳିଟା ଧରି ଚାଲି ସଦେଇ—

ସଦେଇ—ଥାଳିଟା ହାତରେ ଧରି ଚାରିଆଡ଼କୁ ଚାହିଁ ଖୋଜ ହେଉଚି । ଆଜ୍ଞା ଯେଉଁ ସୁବିଚାର କଲେ—

ବ୍ରଜ—ତୁ ମତେ ବାରମ୍ବାର ପ୍ରଲୋଭନ ନ ଦେଖେଇଥିଲେ ହୁଏ ତ ମୁଁ ସ୍ୱତଃ ପ୍ରଲୋଭିତ ହୋଇ ଉଠିଥାନ୍ତି—

ସଦେଇ—ସୁଦର୍ଶନ ଆସିବାରୁ ସିନା ଏଡ଼େ ବଡ଼ କାର୍ଯ୍ୟଟାଏ ହୋଇଗଲା ! ମୁଁ ଯେଉଁ ବିଘ୍ନ ଘଟେଇଥିଲି, ସିବା କାଟରେ ସବୁ କହିବି ।

ବ୍ରଜ—(ହସି) ତୁ ଯାହା କରିଚୁ, ମୁଁ ସବୁ ଜାଣି ମଧ୍ୟ ନ ଜାଣିଲା ପରି ରହିଥିଲି ।

ସଦେଇ—ମତେ କ୍ଷମା ଦେଇଚନ୍ତି, ଏ କଥା ମୁଁ ମଧ୍ୟ ବୁଝି ପାରୁଚି । ଏଥର ଚାଲନ୍ତୁ ଆଜ୍ଞା, ଦାମ ରଥେ ଅସିଗଲେଣି । ଝିଅକୁ ସମର୍ପି ଦେଇ ଯିବେ । (ଦୁହିଙ୍କ ପ୍ରସ୍ଥାନ)

[ନେପଥ୍ୟରେ—ଶଙ୍ଖ-ହୁଳହୁଳି ଶୁଭିଲା ଘନ ଘନ । ସୁଦର୍ଶନ ଓ ସୁମନା ବରବଧୂ ବେଶରେ ଚାଦର ଅଞ୍ଚଳରେ ବନ୍ଧା ହୋଇ ପ୍ରବେଶ କଲେ । ପୁରୋହିତଙ୍କ ମନ୍ତ୍ରପାଠ ]

ଯଦୁ—ମଉସା, ଶୁଭକାର୍ଯ୍ୟଟି ଆନନ୍ଦମୟ ହେଲା ଯେ, କେବଳ ଗୋଟିଏ କଥା—

ବ୍ରଜ—ଆଉ କୌଣସି ବିଷୟ ଏ ଘଟଣାର ପ୍ରତିବନ୍ଧକ ହେବ ନାହିଁ । ଯଦୁ, ରଘୁ, ସଦେଇ ପୁରୋହିତଙ୍କୁ ସାକ୍ଷ୍ୟରଖି ମୁଁ ମୋର ଯାହା କରୁଅଛି, ସବୁ ଗଭୀର ଆନନ୍ଦ, ଗଭୀର ପରିତୃପ୍ତିର ହସିତ ସୁଦର୍ଶନ ଆଉ ସୁମନାକୁ ଦେଇ ଦେଉଚି । ଆଉ ଏଇ ଦାମ ମୋର ପ୍ରିୟଲୋକ । ଦାମ !

ଦାମ—ମଉସା ! (ପଦସ୍ପର୍ଶ କରି) ମୋର ସବୁ ଅପରାଧ କ୍ଷମା କରନ୍ତୁ । ତୁମରୋଉ ମତେ ଅପକର୍ମରୁ ରକ୍ଷାକରିଚ ।

ବ୍ରଜ—ଶୁଣ, ଦାମ ! ମୁଁ କାଲି ସକାଳଗାଡ଼ିରେ ବାହାରି ପଡ଼ୁଚି, ଦେ ଦେଖି ଆସିବା ଉଦ୍ଦେଶ୍ୟରେ । ମୁଁ ତତେ ସମସ୍ତଙ୍କ ସମ୍ମୁଖରେ କହିଦେଇ ଯାଉଚି । ସବୁବେଳେ ତୁମବୋଉର ପରାମର୍ଶରେ କାର୍ଯ୍ୟ କରିବୁ ।

ଦାମ—ମଉସା ଯାହା କହିବେ, ତାହା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି । ଶାରୀରିକ, ମାନସିକ ଉଭୟ ଦିଗରୁ ପରିଶ୍ରମ କରି ମୋ ପରିବାର ମୁଁ ପ୍ରତିପୋଷଣ କରିବି । ଏହି ଆଶୀର୍ବାଦ ମତେ ଦିଅନ୍ତୁ ।

ବ୍ରଜ—ଖାଲି ମୁହଁରେ ହଁ ସବୁ କରିଦେବି ବୋଲି କହିଲେ ତ ହେବ ନାହିଁ ! କାର୍ଯ୍ୟରେ ପରିଣତ କରି ଗାଁ ଲୋକଙ୍କୁ ଦେଖାଇ ଦେବାକୁ ହେବ । ଆଜିର ପ୍ରତିଜ୍ଞା କେବେ ଭୁଲିବୁ ନାହିଁ ଦାମ !

ଦାମ—ମଉସା ଯାହା କହିବେ, ତାହା କରିବି । ମଉସା ମୋତେ ଯେଉଁ ବିପଦରୁ ରକ୍ଷା କରିଚନ୍ତି, ଏ ଋଣ ସାତ ଜନ୍ମରେ ପରିଶୋଧ କରି ହେବ ନାହିଁ ।

ବ୍ରଜ—ବିପଦରୁ ରକ୍ଷା କରିଚନ୍ତି, ସେଇ ସର୍ବାନ୍ତର୍ଯ୍ୟାମୀ ପରମାତ୍ମା-ପରମେଶ୍ୱର । ତାଙ୍କୁ ହିଁ ସ୍ମରଣ କର । ସୁଦର୍ଶନଠାରୁ ଟଙ୍କା କିଛି ଧାରି ନେଇ ବଳଦ ଯୋଡ଼ାଟିଏ କିଣି ତୋ ନିଜ ଭୂମି ଖଣ୍ଡିକ କୃଷକରିବୁ । ଆଉ ଏ ଆଡ଼କୁ କେବେ ଦୃଷ୍ଟି ଦେବୁ ନାହିଁ—

ଦାମ—ଏଇ ମୁଁ ଶପଥ ନେଉଚି ମଉସା, ମୁଁ ଏ ଘରର କୌଣସି ପଦାର୍ଥ ପ୍ରତି ଲୋଭଦୃଷ୍ଟି ଦେବି ନାହିଁ । ଆପଣଙ୍କ ପଦସ୍ପର୍ଶ କରି ଶପଥ କରୁଛି ।

ସଦେଇ—ଆଜ୍ଞା, ଆପଣ ତ ସମସ୍ତଙ୍କୁ ଧରି ବିସ୍ତର କରୁଚନ୍ତି । ମୁଁ ଯାଉଚି । ଭୋଜ ପରଷିବା ଆରମ୍ଭ କରିଦେବି । ଦାମ ଭାଇ ରତ୍ନାକରରୁ ବାଲ୍ମୀକି ହେବେ । ଏ ବିଶ୍ୱାସ ମୋର ହେଉଚି । ମୁଁ ମଧ୍ୟ ସେ ଆଡ଼େ ବନ୍ଦୋବସ୍ତ କରି ରଖିଚି । ଆଜିର ଏଇ ଶୁଭବେଳାରେ ହିଁ ବାହାରି ପଡ଼ିବା ।

ବ୍ରଜ—ଯଦୁ, ରଘୁ, ଦାମ, ଆଉ ଆପଣ ପୁରୋହିତେ ! ସମସ୍ତେ ମୋର ସୁଦର୍ଶନର ଶୁଭ ଇଚ୍ଛା କରିବେ । ଦାମ ତାରି ଶୁଭେଚ୍ଛୁ ହୋଇ ରହିବ ନିଶ୍ଚୟ ।

ସଦେଇ—ହଁ ଆଜ୍ଞା, ଆପଣଙ୍କର ସୁଦର୍ଶନ ଆପଣଙ୍କ ଆଦର୍ଶରେ ଗଢ଼ି ହେବେ । ଯାଉଚି ମୁଁ । ଯାଉଚି ଯାଉଚି କହି ଦେଖୁଚି, ଶୁଣୁଚି । ଯାଉଚି ଆଉ କେଉଁଠି ?

ଯଦୁ—ଆପଣଙ୍କର ଦୟାରୁ କେବଳ ମୋର ଧନଜନଗୋପ୍ରଲକ୍ଷ୍ମୀ ସବୁଥିରେ କୁଶଳ ହୋଇଛି । ଆପଣଙ୍କର ଧାର ଟଙ୍କା ବି ଶୁଝି ଦେଇଛି । ତେବେ ଯେ ଉପକାର ପାଇଛି, ତାହା କେବେ ଶୁଝି ହେବ ନାହିଁ । ମୋ ପରି ଅକିଞ୍ଚନ ପ୍ରତି ଦୟା ରଖିଥିବେ ।

ବ୍ରଜ—(ହସି) ମୁଁ ଫେରିଆସିବା ପର୍ଯ୍ୟନ୍ତ ତୁ ସୁଦର୍ଶନର ସହାୟତା କରିବୁ ଯଦୁ । ତୋର କର୍ତ୍ତବ୍ୟ ତତେ ବଡ଼ କରିଛି । ତାକୁ ତୁ ହେଇ ଶିକ୍ଷାଦେବାକୁ ଚେଷ୍ଟା କରିବୁ ।

ସମସ୍ତେ—ସୁଦର୍ଶନ ତାର ବିବାହିତ ଜୀବନଟିକୁ ସୁଖମୟ କରୁ ।

ସଦେଇ—ପୁରୋହିତେ, ପୁଅବୋହୂଙ୍କୁ ଇମିତି ଆଉ କେତେ-ବେଳ ଯାଏ ଠିଆ କରେଇଥିବ । ସେ ଘରେ ହୋମ-କର୍ମ ହେବ ଚାଲ । ହୋମକାର୍ଯ୍ୟ ଆରମ୍ଭ ହୋଇଗଲେ, ତେଣେ ଆମର ଭୋଜିପରଷା କାର୍ଯ୍ୟ ଆରମ୍ଭ ହୋଇଯିବ ।

ପୁରୋହିତ—ଚାଲନ୍ତୁ ଯିବା, କାଳେ ଶୁଭଲଗ୍ନ ଅତିତ ହୋଇଯିବ ।

ବ୍ରଜ—ମୁଁ ଆଉ ପଦେ ମାତ୍ର କଥା କହିବି । ସୁଦର୍ଶନକୁ ମୋର ଉତ୍ତରାଧିକାରୀ ପଦରେ ଅଭିଷିକ୍ତ କରି ତା'ନାମରେ ଦାନପତ୍ର ଲେଖିଦେଇଛି । ଆପଣମାନେ ସମସ୍ତେ ଏଥିରେ ସ୍ୱାକ୍ଷର କରିବେ ।

ସଦେଇ—ଭଲ ହେଉଛି । ଦିଅ, ନାଁଟା ଲେଖିଦିଅ । ( ବ୍ରଜଙ୍କ-ଠାରୁ କାଗଜ ନେଇ ସମସ୍ତଙ୍କର ସ୍ୱାକ୍ଷର କରାଇ ) ନିଅନ୍ତୁ ଆଜ୍ଞା ! ସବୁ ତ ଲେଖିଦେଲେ । ଆମର ସ୍ୱର୍ଗଯାତ୍ରା ପାଇଁ କିଛି ଲେଖି ରଖିଲେ ନାହିଁ କି ଆଜ୍ଞା ?

ବ୍ରଜ—( ସଦେଇ ଆଡ଼କୁ ନ ଚାହିଁ କାଗଜ ସୁଦର୍ଶନ ହାତରେ ଦେଇ ) ଯାହା କରିବା ସମସ୍ତ ତ ନିକଟ ହୋଇ ଆସିଲା—"

ସୁଦର୍ଶନ—( କାଗଜ ଧରି ) ଆପଣ ଆମକୁ ଏକା କରିଦେଇ କେଉଁଆଡ଼େ ଯିବେ ? ଏ ଘରର, ପୁଣି ଆମମାନଙ୍କର ରକ୍ଷକ ଆପଣ । ଆପଣ ଘର ଛାଡ଼ି ଗଲେ ଆମମାନଙ୍କୁ ରକ୍ଷାକରିବା କିଏ ?

ବ୍ରଜ—(ହସି) (ସୁଦ୍ଧଙ୍କ ପିଠିରେ ହାତ ବୁଲେଇ ଆଣି) ସେଇ ଅନ୍ତର୍ଯ୍ୟାମୀ ହିଁ ଆମର ରକ୍ଷକ ସୁଦର୍ଶନ ! ତୋ ଉପରେ ଗୁରୁଭାର ଲଦିଦେଇ ଯାଉଚି । (ସୁମନା ଆଡ଼କୁ ଚାହିଁ) ମୋର ଅନେକ ଦିନର ଅଭିଳାଷ—

ସୁମନା—ହଁ, ମଉଜା ବାପା, ଆପଣ ମତେ ସବୁବେଳେ ତୀର୍ଥ କରି-ଯିବା କଥା କହୁଥିଲେ—

ବ୍ରଜ—ସେ କଳ୍ପନାଟି ଆଜ କାର୍ଯ୍ୟରେ ପରିଣତ ହେବ । ଆଜ ଗୋଟାଏ କାର୍ଯ୍ୟ କରିଚି । ବ୍ୟାଙ୍କରେ ଥିବା ଟଙ୍କାରୁ ମୋ ନାଁରେ ଦଶ ହଜାର ଅଲଗା କରି ରଖିଚି । ମୋର ଖର୍ଚ୍ଚରେ ଲାଗିବ ।

ସଦେଇ—ଏତେଗୁଡ଼ାଏ ଟଙ୍କା ଆମର କ ଖରଚରେ ଲାଗିବ ? ଆଜି ଥରେ ପୁଣି ସେ ଟଙ୍କା ଗଚ୍ଛିତ ହୋଇ ରହିବ ।

ବ୍ରଜ—ଏ ଘଟଣା ପରେ ତ କେବଳ ଅନ୍ୟକୁ କଷ୍ଟ ହେଲେ ଦେବାକୁ ଇଚ୍ଛା ହେଉଚି । କେତେବେଳେ କାହାକୁ ଦେଖିବାରେ ।

ପୁରୋହିତ—ଆପଣ ବଡ଼ ମହତ୍ କାର୍ଯ୍ୟ କଲେ । ସବୁ କଥା ତ ଶେଷହେଲା । ବର୍ତ୍ତମାନ ଅବଶିଷ୍ଟ କାର୍ଯ୍ୟ ସମ୍ପନ୍ନ କରି ତୀର୍ଥ-ଯାତ୍ରା କଥା ଆଲୋଚନା କରିବେ ।

ବ୍ରଜ—(ହସି) ଅବଶିଷ୍ଟ ଶୁଭକାର୍ଯ୍ୟ ଶେଷ ହେଲାବେଳକୁ ମୋର ଘରେ ରହିବାର ଅବଶିଷ୍ଟ ସମୟ ଶେଷ ହୋଇ ଯାଇଥିବ । ଆମେ ଅନେକ ବୁଢ଼ାବୁଢ଼ି ହେଲେଣି । ଏଥର ଯିବା । ଶୁଭ-କାର୍ଯ୍ୟ ଶେଷ କରି ଯାତ୍ରାକାର୍ଯ୍ୟ ଆରମ୍ଭ କରିବା ।

ସଦେଇ—( ହୁଳହୁଳି ଦେଇ ) ରଘୁଭାଇନା, ଚାଲ ଆମେ ସେଆଡ଼େ ଭୋଜ ପରଷିବା, ଆସ ରଘୁଭାଇନା ।

( ତିନିଙ୍କର ପ୍ରସ୍ଥାନ )

ବ୍ରଜ--ଆରେ ଦାମ, ଶଙ୍ଖୁଆକୁ କହି ଦେ, ଶଙ୍ଖଟା ବଜେଇବ ।

( ବରବଧୂ, ବ୍ରଜ, ପୁରୋହିତ, ଦାମର ଭିତରକୁ ପ୍ରସ୍ଥାନ )
( ଶଙ୍ଖହୁଳହୁଳିଧ୍ୱନି ଭିତରେ ପଟ୍ଟପତନ )

—*○*—